# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ (୨୦ ପୃଷ୍ଠା+ମେଟ୍ରୋ ମିଜାଜ) Bhubaneswar, Thursday, December 6/ 2018 | ★★★★★★

୪୫୩ ଭାଗ ୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା**

ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ୱେଡିଂ ରିସେପ୍‌ଶନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୧୪ ୧୭

**ଏନ୍‌ବିଏଫ୍‌ସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି**

ଏନ୍‌ବିଏଫସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି। ଆଉ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ କହିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ବୁଧବାର**

ପ୍ରଥମ ମ୍ୟାଚ

ଜର୍ମାନୀ -୪

ନେଦରଲାଣ୍ଡ୍ସ-୧

ଦ୍ୱିତୀୟ ମ୍ୟାଚ

ପାକିସ୍ତାନ-୧

ମାଲେସିଆ-୧

**ଆଜିର ସମ୍ପାଦକୀୟ**

ଜୀବହତ୍ୟା ଓ ଭୂମିକମ୍ପ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ମହାନ୍ ପ୍ରମାଣିତ କରିବା ପାଇଁ ପଟେଲ ଓ ଗାନ୍ଧିଜୀଙ୍କୁ ନ୍ୟୂନ ଦେଖାଇପାରନ୍ତି।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରସଙ୍ଗ

# ସହଯୋଗ ଲୋଡ଼ିବ ବିଜେଡି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନ ସଂସ୍ଥା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହି ମର୍ମରେ ସରକାର ବିଧାନସଭାରେ ସର୍ବସମ୍ମତ କ୍ରମେ ସଂକଳ୍ପ ପ୍ରସ୍ତାବ ଗୃହୀତ କରିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ଗୋଟିଏ ଦିନ ପରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗରେ ଦେଶର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ପାର୍ଲାମେଣ୍ଟରେ ଏସଂକ୍ରାନ୍ତ ପ୍ରସ୍ତାବକୁ ସମର୍ଥନ ପାଇଁ ବିଜେଡି ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳକୁ ଭେଟାଯିବା ନେଇ ନିଷ୍ପତ୍ତି ହୋଇଛି। ବିଜେଡିର କେଉଁ ପ୍ରତିନିଧି କେଉଁ ଦଳକୁ ଭେଟିବେ, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ସେ ସମ୍ପର୍କିତ ଏକ ତାଲିକା ପ୍ରକାଶ କରିଛନ୍ତି। ତାଲିକା ଘୋଷଣା ପୂର୍ବରୁ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ବିଜେଡି ଉପସଭାପତି ଏବଂ ସାଧାରଣ ସମ୍ପାଦକମଣ୍ଡଳୀର ବୈଠକ ବୁଧବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି।

### ୨୨ ଦଳକୁ ଭେଟିବେ ଦଳୀୟ ପ୍ରତିନିଧି

ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ହିଁ ତୃଣମୂଳସ୍ତରୀୟ ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ପରେ ରାଜ୍ୟ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ନାରୀ ସଶକ୍ତୀକରଣ ହିଁ ରାଷ୍ଟ୍ର ଉନ୍ନତିର ମୂଳଭିତ୍ତି। ତେଣୁ ନୀତି ପ୍ରଣୟନରେ ସେମାନଙ୍କ ସହଭାଗିତା ପାଇଁ ସଂରକ୍ଷଣ ଦାବି ଯଥାର୍ଥ। ଆଗାମୀ ଦିନରେ ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ମହିଳାଙ୍କୁ ଦଳ ନିର୍ବାଚନ ଲଢିବାକୁ ସୁଯୋଗ ଦେବ ବୋଲି ଦେବୀ କହିଛନ୍ତି।

କେନ୍ଦ୍ରରେ କ୍ଷମତାରେ ଥିବା ଭାଜପାକୁ ଭେଟିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟ, ବେଦ ପ୍ରକାଶ ଅଗ୍ରୱାଲ, ଭର୍ତ୍ତୃହରି ମହତାବ ଏବଂ ସରୋଜିନୀ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟ ବିରୋଧୀ କଂଗ୍ରେସକୁ ତଥାଗତ ସତପଥୀ, ବେଦପ୍ରକାଶ ଅଗ୍ରୱାଲ,ପିନାକୀ ମିଶ୍ର ଏବଂ ପ୍ରସନ୍ନ ପାଟ୍ଟଶାଣୀ ଭେଟିବେ। ☞ପୃଷ୍ଠା-୪

# ଦାଶରଥିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ପାଇବେ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ



ଦାଶରଥି ଦାସ

- ଗଗନେନ୍ଦ୍ର ନାଥ ଦାଶ ପାଇବେ ଭାଷା ପୁରସ୍କାର
- ସମ୍ବଲପୁରୀ ଭାଷା ସମ୍ମାନ ପାଇବେ ପ୍ରଫୁଲ୍ଲ ତ୍ରିପାଠୀ, ହଳଧର ନାଗ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ଡ. ଗଗନେନ୍ଦ୍ର ନାଥ ଦାଶ ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୂର୍ବ ଭାରତର ୮ଟି ରାଜ୍ୟର ଭାଷାବିତ୍‌ଙ୍କ ☞ପୃଷ୍ଠା-୪









"ମୁଁ ସବୁବେଳେ ଶ୍ରୀଲଙ୍କା ଓ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ନିଷ୍ପତ୍ତି ନେଇଛି। ଦେଶର ସାମ୍ପ୍ରତିକ ରାଜନୈତିକ ସଙ୍କଟ ୭ ଦିନ ମଧ୍ୟରେ ଦୂର ହେବ।"

-ମୈତ୍ରିପାଳ ସିରିସେନା, ଶ୍ରୀଲଙ୍କା ରାଷ୍ଟ୍ରପତି

## ସଂକ୍ଷେପରେ

### ନ୍ୟୁ କାଲେଡୋନିଆରେ ଭୂମିକମ୍ପ

**ନୁମିଆ,୫।୧୨:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଥିବା ନ୍ୟୁ କାଲେଡୋନିଆ ନିକଟରେ ବୁଧବାର ବଡ଼ଧରଣର ଭୂମିକମ୍ପ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୭.୫ ଥିଲା। ଭୂକମ୍ପ ପରେ ସୁନାମି ଆଲର୍ଟ ଜାରି କରାଯାଇଥିଲା। ତେବେ ଏହି ଭୂକମ୍ପରେ କୌଣସି ବଡ କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି। ନ୍ୟୁ କାଲେଡୋନିଆର ଲୟାଲ୍ଟି ଆଇଲାଣ୍ଡର ଦକ୍ଷିଣପୂର୍ବରେ ୧୭୦ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ଭୂକମ୍ପ ପରେ ୨୦ ଥର ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ଏଥିରେ ଘରର କାନ୍ଥ ଦୋହଲିଯିବା ସହ ସମୁଦ୍ରରେ ଫେଣ ସୃଷ୍ଟି ହୋଇଥିଲା। ସୁନାମି ଉଠିବାରୁ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ।

### ଇଥିଓପିଆରେ ୩ ଭାରତୀୟ ଅଫିସରଙ୍କୁ ଜେରା

**ମୁମ୍ବାଇ,୫।୧୨(ପି.ଟି.):** ଟିକସ ପୈଠ ନ କରିବା ଏବଂ କର୍ମଚାରୀଙ୍କ ବେତନ ଦେଇ ନ ଥିବା ଆଇଏଲ୍ ଆଣ୍ଡ ଏଫ୍ଏସ୍‌ର ୩ ଭାରତୀୟ ଅଧିକାରୀଙ୍କୁ ଇଥିଓପିଆ ପୋଲିସ ହାଜତକୁ ନେଇ ଜେରା କରୁଛି। ଏହି କମ୍ପାନୀର ୫ ଭାରତୀୟ କର୍ମଚାରୀଙ୍କୁ ସେଠାକାର ସ୍ଥାନୀୟ ଲୋକେ ପଣବନ୍ଦୀ କରି ରଖିଛନ୍ତି। ଇଥିଓପିଆରେ ଉକ୍ତ କମ୍ପାନୀର ୧୫ ଜଣ ଭାରତୀୟ କର୍ମଚାରୀ ଥିଲେ। ଗତ ସପ୍ତାହରେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ପରେ ସ୍ୱାସ୍ଥ୍ୟଗତ କାରଣରୁ ୨ ଜଣଙ୍କୁ ଛାଡ଼ି ଦେଇଥିଲେ। ଅନ୍ୟ ୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ଓ୍ୱାଲିସୋଠାରେ ହାଜତରେ ରଖି ଜେରା କରୁଛି।

### ଖାତରେ ବସ୍ ଖସି ୨୨ ଗୁରୁତର

**ଅଗରତାଲା,୫।୧୨(ପି.ଟି.):** ତ୍ରିପୁରାର ଧଲାଇ ଜିଲା ଅନ୍ତର୍ଗତ ଗଣ୍ଡଚରା ଅମରପୁର ରୋଡ ପାର୍ଶ୍ୱରେ ଥିବା ଗଭୀର ଖାତ ମଧ୍ୟକୁ ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍ ଖସିପଡିଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ୍ କହିଛନ୍ତି।

### ସିବିଆଇକୁ ନିନ୍ଦିତ କରିଛି ବିବାଦ: କେନ୍ଦ୍ର

**ନୂଆଦିଲ୍ଲୀ,୫।୧୨(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦରୁ ଏହି ତଦନ୍ତକାରୀ ଏଜେନ୍ସି ସାଧାରଣରେ ନିନ୍ଦିତ ହୋଇଛି । ଏହାର ସାଧୁତା ଓ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଦୁଇ ଶୀର୍ଷ ପଦାଧିକାରୀଙ୍କ ମଧ୍ୟରେ ବିବାଦ ସିବିଆଇର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ଆର୍ଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠକୁ କହିଛନ୍ତି। ସିବିଆଇ ପ୍ରତି ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ବର୍ମା ଏବଂ ଅସ୍ଥାନାଙ୍କ ମଧ୍ୟରେ ବିବାଦ ଯୋଗୁ ସେମାନଙ୍କଠାରୁ କ୍ଷମତା କାଢ଼ିନିଆଯାଇ ଛୁଟିରେ ରହିବାକୁ କୁହାଯାଇଥିଲା। କେନ୍ଦ୍ରର ନିଷ୍ପତ୍ତିକୁ ବର୍ମା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ।

### ୧୧ରେ ସର୍ବଦଳୀୟ ବୈଠକ



**ନୂଆଦିଲ୍ଲୀ,୫।୧୨(ପି.ଟି.):** ସଂସଦର ଶୀତ ଅଧିବେଶନ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିଲାବେଳେ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ସେହିଦିନ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଲୋକ ସଭା ଅଧିବେଶନ କିପରି ସୁରୁଖୁରୁରେ ଚାଲିପାରିବ ସେଥିପାଇଁ ସବୁ ଦଳ ମଧ୍ୟରେ ସହମତି ଲାଗି ସେ ଏହି ବୈଠକ ଡାକିଛନ୍ତି। ଶୀତ ଅଧିବେଶନ ଡିସେମ୍ବର ୧୧ରୁ ଆରମ୍ଭ ହୋଇ ଜାନୁୟାରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପୂର୍ଣ୍ଣକାଳୀନ ଅଧିବେଶନ ହୋଇଥିବାରୁ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରାଇବା ଲାଗି ଉଦ୍ୟମ କରିବେ। ରାଜ୍ୟ ସଭା ଅଧିବେଶନ ସୁପରିଚାଳନା ଲାଗି ଡିସେମ୍ବର ୧୦ ତାରିଖରେ ଅଧ୍ୟକ୍ଷ ଏମ୍.ଭେଙ୍କାୟା ନାଇଡୁ ସର୍ବଦଳୀୟ ବୈଠକ ଡାକିଛନ୍ତି।

### ଅଗୁସ୍ତା ଦୁର୍ନୀତି: ୫ ଦିନିଆ ରିମାଣ୍ଡ ଅନୁମତି ଦେଲେ ସ୍ୱତନ୍ତ୍ର କୋର୍ଟ

# ସିବିଆଇ ପଞ୍ଝାରେ ମଧ୍ୟସ୍ଥ

**ନୂଆଦିଲ୍ଲୀ,୫।୧୨(ଆଇଏଏନ୍ଏସ୍)**



ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ

ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ବ୍ରିଟେନ ନାଗରିକ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ଭାରତର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଝାରେ। ସିବିଆଇ ବୁଧବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି ବହୁଚର୍ଚ୍ଚିତ ଦୁର୍ନୀତିରେ ମିଶେଲଙ୍କ ଭୂମିକା ଓ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ଜେରା କରୁଛି ତଦନ୍ତକାରୀ ସଂସ୍ଥା।

ଅଗୁସ୍ତା ଦୁର୍ନୀତିର ସୂତ୍ରଧର କୁହାଯାଉଥିବା ୫୪ ବର୍ଷୀୟ ମିଶେଲଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରୁ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଣାଯାଇଛି। ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ତଦନ୍ତକାରୀ ଅଧିକାରୀମାନେ ମିଶେଲଙ୍କୁ ୩,୬୦୦ କୋଟି ଟଙ୍କାର ଦୁର୍ନୀତିରେ ତାଙ୍କ ଭୂମିକା ନେଇ ବିଳମ୍ବିତ ରାତି ଯାଏ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ସିବିଆଇ ପକ୍ଷରୁ ବୁଧବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ମିଶେଲଙ୍କୁ ହାଜର କରାଇବା ପରେ ରିମାଣ୍ଡ ପାଇଁ ଅନୁମତି ମଗାଯାଇଥିଲା। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ସିବିଆଇକୁ ଏଥିପାଇଁ ଡିସେମ୍ବର ୧୦ ଯାଏ ଅନୁମତି ଦେଇଛନ୍ତି। ମିଶେଲଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ, ଯାହାକି କୋର୍ଟରେ ଖାରଜ ହୋଇଯାଇଛି। ମିଶେଲ ହେଉଛନ୍ତି ୩ ମଧ୍ୟସ୍ଥଙ୍କ ମଧ୍ୟରୁ ଅନ୍ୟତମ। ଏହି ମାମଲାରେ ମଧ୍ୟସ୍ଥ ଗାଇଡୋ ହସ୍କେ ଓ କାର୍ଲୋ ଗେରୋସାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଖୋଳତାଡ଼ କରୁଛନ୍ତି। ମିଶେଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରଓ୍ୱାନା ଜାରି ହେବା ପରେ ଉଭୟ ସଂସ୍ଥା ଇଣ୍ଟରପୋଲକୁ ଅବଗତ କରାଇଥିଲେ। ଇଣ୍ଟରପୋଲ ମିଶେଲଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ସିବିଆଇର ଅଭିଯୋଗ ହେଉଛି ୨୦୧୦ ଫେବୃୟାରୀରେ ଉପା ସରକାର ଅମଳରେ ୧୨ଟି ଭିଭିଆଇପି ହେଲିକପ୍ଟର ଯୋଗାଇବା ପାଇଁ ହୋଇଥିବା ଚୁକ୍ତିରେ ମିଶେଲ ମଧ୍ୟସ୍ଥତା କରିଥିଲେ। ୫୫୫.୨୬୨ ନିୟୁତ ୟୁରୋର ଚୁକ୍ତି ହୋଇଥିବାବେଳେ ଭାରତର ରାଜକୋଷକୁ ୩୯୮.୨୧ ନିୟୁତ ୟୁରୋ (ପ୍ରାୟ ୨,୬୬୬ କୋଟି ଟଙ୍କା)ର କ୍ଷତି ସହିବାକୁ ପଡ଼ିଥିଲା। ସେହିପରି ୨୦୧୬ ଜୁନ୍‌ରେ ଇଡି ପକ୍ଷରୁ ମିଶେଲଙ୍କ ବିରୋଧରେ ଚାର୍ଜଶିଟ ଦାଏର କରାଯାଇଥିଲା। ଏହି ଡିଲ୍ ପାଇଁ ମିଶେଲ ୩୦ ନିୟୁତ ୟୁରୋ (୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଥିଲା। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଭାରତୀୟ ବାୟୁସେନାକୁ ଅଣାଯିବାକୁ ଥିବା ୧୨ ଏଡବ୍ଲ୍ୟୁ-୧୦୧ ଭିଭିଆଇପି ହେଲିକପ୍ଟର ପାଇଁ ହୋଇଥିବା ଚୁକ୍ତିକୁ ୨୦୧୪ ଜାନୁୟାରୀ ୧ରେ ରଦ୍ଦ କରିଦିଆଯାଇଥିଲା। ୨୦୧୭ରେ ସେପ୍ଟେମ୍ବର ୧ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟରେ ମିଶେଲ ଓ ବାୟୁସେନାର ପୂର୍ବତନ ଅଧ୍ୟକ୍ଷ ଏସ୍‌ପି ତ୍ୟାଗୀଙ୍କ ସମେତ ଅନ୍ୟ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ମିଶେଲଙ୍କୁ ଭାରତ ଅଣାଯିବା ପରେ ଏବେ ଏହି ବହୁଚର୍ଚ୍ଚିତ ଦୁର୍ନୀତି ନେଇ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

### ୨ ଘଣ୍ଟା ଶୋଇଲେ ମିଶେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.):** ଅଗୁସ୍ତା ଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ବୁଧବାର ଭୋର ସମୟରେ ଶୋଇବା ପାଇଁ ମାତ୍ର ୨ ଘଣ୍ଟା ପାଇଥିଲେ। ଦୁବାଇରୁ ମଙ୍ଗଳବାର ବିଳମ୍ବିତ ରାତିରେ ମିଶେଲଙ୍କୁ ପ୍ରତ୍ୟର୍ପଣ କରି ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା। ସେଠାରୁ ସିବିଆଇ ଅଧିକାରୀମାନେ ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟକୁ ନେଇ ତୁହାକୁ ତୁହା ପ୍ରଶ୍ନ କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭୋର ୪ଟାରୁ ୬ଟା ଯାଏ ତାଙ୍କୁ ଶୋଇବାକୁ ସମୟ ମିଳିଥିଲା। ସକାଳ ୬ଟାରେ ପୁଣି ପ୍ରଶ୍ନ କରିବା ପୂର୍ବରୁ ମିଶେଲଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା।

# ଲେଉଟିଲା ଅଗୁସ୍ତା ଝଡ଼

**ନୂଆଦିଲ୍ଲୀ,୫।୧୨**



**ରାଜନେତାଙ୍କ ଗୁମର ଫିଟାଇବେ ମଧ୍ୟସ୍ଥ: ମୋଦି**

**ମିଶେଲଙ୍କୁ ଅସ୍ତ୍ର କରୁଛନ୍ତି ପ୍ରଧାନମନ୍ତ୍ରୀ: ସୁର୍ଜେଓ୍ୱାଲା**

ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ଖ୍ରୀଷ୍ଟିୟାନ ମିଶେଲଙ୍କ ପ୍ରତ୍ୟର୍ପଣ ସହ ଲେଉଟି ଆସିଛି ଅଗୁସ୍ତା ଝଡ଼। ରାଜସ୍ଥାନ ଓ ତେଲେଙ୍ଗାନା ନିର୍ବାଚନ ପ୍ରଚାରର ଶେଷ ଦିନରେ ବୁଧବାର ଅଗୁସ୍ତା ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ପ୍ରଚାର ବେଳେ ମିଶେଲଙ୍କ ନାମ ଉଠାଇ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମା' ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାଜସ୍ଥାନର ସୁମେରପୁରଠାରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, କେନ୍ଦ୍ର ସରକାର ମଧ୍ୟସ୍ଥଙ୍କୁ ଦୁବାଇରୁ ଆଣିଛନ୍ତି। ଏହି ବ୍ରିଟେନ ନାଗରିକ କେଉଁ କେଉଁ ରାଜନେତାଙ୍କୁ ସେବା ପ୍ରଦାନ କରିଥିଲେ ଏବେ ସେମାନଙ୍କ ଗୁମର ଫିଟାଇବେ। ଲୋକେ ଜଣେ ଚା ବାଲାଙ୍କୁ ଭୋଟ ଦେଇ କ୍ଷମତାସୀନ କରାଇଥିବାରୁ ସେ ମଧ୍ୟସ୍ଥଙ୍କୁ ଆଣିବାରେ ସକ୍ଷମ ହୋଇଛନ୍ତି ବୋଲି ମୋଦି କହିଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଜୟପୁରରେ କଂଗ୍ରେସ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଭାଜପାକୁ ଟାର୍ଗେଟ କରିବା ପାଇଁ କଂଗ୍ରେସ ପାଖରେ କିଛି ପ୍ରସଙ୍ଗ ନାହିଁ। ତେଣୁ ମିଶେଲଙ୍କ ପ୍ରତ୍ୟର୍ପଣ ସମୟକୁ ନେଇ ଏହି ଦଳ ପ୍ରଶ୍ନ କରୁଛି। କଂଗ୍ରେସ ତାଙ୍କୁ ସୁରକ୍ଷା ଦେବାକୁ ଚାହୁଁଛି କି ବୋଲି ଶାହ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ସୁର୍ଜେଓ୍ୱାଲା ଏହାର ଜବାବ ରଖିଛନ୍ତି। ହାଇଦ୍ରାବାଦରେ ସେ କହିଛନ୍ତି, ବିଧାନସଭା ନିର୍ବାଚନରେ ଭାଜପାର ସମ୍ଭାବ୍ୟ ପରାଜୟରେ ମୋଦି ଓ ତାଙ୍କ ସରକାର ଚିନ୍ତିତ। ତେଣୁ ବିରୋଧୀଙ୍କୁ ବଦନାମ କରିବା ପାଇଁ ମୋଦି ମିଶେଲଙ୍କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି।

### ପ୍ରଶ୍ନ କରିବାରୁ ବିଗିଡ଼ିଲେ ତ୍ୟାଗୀ

**ନୂଆଦିଲ୍ଲୀ,୫।୧୨:** ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ସମ୍ପର୍କରେ ପୂର୍ବତନ ବାୟୁସେନା ଅଧ୍ୟକ୍ଷ ଏସ୍.ପି. ତ୍ୟାଗୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ବିଗିଡ଼ିଯାଇଥିଲେ।



ତ୍ୟାଗୀ କହିଥିଲେ, ମୋତେ ଏଭଳି ପ୍ରଶ୍ନ କରିବାକୁ ତୁମେ କିଏ। ତୁମେ ମୋତେ ଏପରି ଭାବେ ଡିଷ୍ଟର୍ବ କରିପାରିବ ନାହିଁ। ପ୍ରଶ୍ନ ପଚାରିବାବେଳେ ସମ୍ମାନ ଦିଅ ବୋଲି ଉତ୍ତର ଦେବାକୁ ଏଡ଼ାଇ ଯାଇଥିଲେ ତ୍ୟାଗୀ। ୩,୬୦୦ କୋଟି ଟଙ୍କାର ଏହି ଚୁକ୍ତିରେ ହୋଇଥିବା ଦୁର୍ନୀତି ମାମଲାରେ ତ୍ୟାଗୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଛି ସିବିଆଇ। ତ୍ୟାଗୀ ଓ ତାଙ୍କ ଭାଇ ସେପ୍ଟେମ୍ବର ୧୨ରେ ଏହି ମାମଲାରେ ଜାମିନ ପାଇଛନ୍ତି।

# ପୂର୍ବତନ ସଚିବଙ୍କୁ ୩ ବର୍ଷ ଜେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

**କୋଇଲା ଦୁର୍ନୀତି**



ଏଚ୍.ସି. ଗୁପ୍ତା

କୋଇଲା ବ୍ଲକ୍ ଆବଣ୍ଟନ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟ ଦୁଇଜଣ ଅଫିସର କେ.ଏସ୍. କ୍ରୋଫା ଏବଂ କେ.ସି.ସାମ୍ରିଆଙ୍କୁ ମଧ୍ୟ ୩ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୪ ବର୍ଷରୁ କମ୍ ଜେଲ୍‌ଦଣ୍ଡ ହୋଇଥିବାରୁ ସମସ୍ତ ୩ ଜଣଙ୍କୁ ଜାମିନ୍ ମିଳିଯାଇଛି।

ଅନ୍ୟ ଅଭିଯୁକ୍ତ ବିକାଶ ମେଟାଲ୍ସ ଆଣ୍ଡ ପାଓ୍ୱାର ଲିଃ (ଭିଏମ୍‌ପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ବିକାଶ ପଟନି ଏବଂ ଆନନ୍ଦ ମଲ୍ଲିକଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏଥିସହିତ ପଟନିଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ମଲ୍ଲିକଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଦଣ୍ଡାଦେଶ ଘୋଷଣା ପରେ ସେମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ସେମାନଙ୍କ କମ୍ପାନୀକୁ ମଧ୍ୟ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ଭିଏମ୍‌ପିଏଲ୍‌କୁ ପଶ୍ଚିମବଙ୍ଗର ମୋଇରା ଏବଂ ମଧୁଜୋର କୋଇଲା ଖଣି ଆବଣ୍ଟନରେ ଅନିୟମିତତା ଅଭିଯୋଗ ହେବା ପରେ ସିବିଆଇ ୨୦୧୨ ସେପ୍ଟେମ୍ବରରେ ଏକ ମାମଲା ଦାଏର କରିଥିଲା। ୫ ଜଣ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲ୍‌ଦଣ୍ଡ ଏବଂ ଘରୋଇ କମ୍ପାନୀ ଉପରେ ବଡ଼ଧରଣର ଜରିମାନା ଧାର୍ଯ୍ୟ କରିବା ଲାଗି ସିବିଆଇ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା। ଗତ ୩୦ ତାରିଖରେ କୋର୍ଟ ଗୁପ୍ତାଙ୍କ ସମେତ ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

# ୨ ଶିଶୁଙ୍କୁ ଜାଳି ମହିଳାଙ୍କ ଆତ୍ମହତ୍ୟା

**ବାଲିଆ,୫।୧୨(ପି.ଟି.)**

ସ୍ୱାମୀଙ୍କ ସହ ଝଗଡ଼ାରୁ ଜଣେ ମହିଳା ନିଜର ଦୁଇପିଲାଙ୍କୁ ନିଆଁରେ ଜାଳି ହତ୍ୟାକରିବା ସହ ନିଜେ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ବାଲିଆ ଜିଲାର ସିକନ୍ଦରପୁର ଅଞ୍ଚଳ ଅନ୍ତର୍ଗତ କୋଠ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। କମରୁନ୍ ଖାତୁନ ନାମ୍ନୀ ୨୬ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅପରାହ୍ନରେ ସ୍ୱାମୀଙ୍କ ସହ ଝଗଡା ପରେ ଦୁଇ ସନ୍ତାନ ଶମିମ(୨) ଏବଂ ଜୈନିଶ(୪)ଙ୍କ ସମେତ ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତିନିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରାଜସ୍ଥାନ, ତେଲେଙ୍ଗାନାରେ ପ୍ରଚାର ଥମିଲା

**ଜୟପୁର/ହାଇଦ୍ରାବାଦ,୫।୧୨**



ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ହାଇଭୋଲ୍‌ଟେଜ୍ ପ୍ରଚାରରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ନିର୍ବାଚନକୁ ମାତ୍ର ଦୁଇଦିନ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ଶେଷ ହୋଇଛି ପ୍ରଚାର। ରାଜସ୍ଥାନ ଓ ତେଲେଙ୍ଗାନାରେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୯୯ ଆସନରେ ଆସନ୍ତା ୭ରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ରାଜସ୍ଥାନର ୪.୭୭ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥର ମଇଦାନରେ ୧୮୯ ମହିଳାଙ୍କ ସମେତ ୨,୨୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ରାମଗଡ଼ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ସେହିପରି ତେଲେଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ଏଠାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ରାଜ୍ୟର ୨.୮ କୋଟି ମତଦାତା ୩୨,୮୧୫ ମତଦାନ କେନ୍ଦ୍ରରେ ଭୋଟ ଦେଇ ସେମାନଙ୍କ ପ୍ରତିନିଧି ବାଛିବେ। ଆସନ୍ତା ୧୧ରେ ଭୋଟଗଣତି କରାଯିବ।

# ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ

**କୋଟ୍‌ଲି,୫।୧୨**



ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ହଜାର ହଜାର ସ୍ଥାନୀୟ ଲୋକ ଇସ୍‌ଲାମାବାଦର ଦମନମୂଳକ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେମାନଙ୍କୁ ମୌଳିକ ଅଧିକାର ମିଳୁ ନ ଥିବାବେଳେ ଇସ୍‌ଲାମାବାଦ ସେମାନଙ୍କ ଉପରେ ଏକଚ୍ଛତ୍ରବାଦ ଶାସନ ଚଳାଇ ସେମାନଙ୍କ ସମ୍ପତ୍ତିକୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ସମଗ୍ର ପିଓକେରେ ସରକାର ବିରୋଧୀ ଅସନ୍ତୋଷ ତୀବ୍ର ହୋଇଛି। ସେମାନେ ପାକିସ୍ତାନ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ମୁକ୍ତ ହେବାକୁ ଦାବି କରିଛନ୍ତି।

# ଛାତ୍ରାବାସ ଲାଗି ଗାଇଡ୍‌ଲାଇନ ଆସିବ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

କେନ୍ଦ୍ରର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଛାତ୍ରାବାସ ଲାଗି ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରୁଛି। ଛାତ୍ରାବାସରେ ପିଲାମାନଙ୍କ ଯତ୍ନ ସମ୍ପର୍କିତ ମାନ ଏଥିରେ ନିର୍ଦ୍ଧାରଣ କରାଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନର ହଷ୍ଟେଲ୍‌ରେ ପିଲାମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବା ତଥା ସେଠାକାର ଶୈକ୍ଷିକ ଏବଂ ଅନ୍ୟାନ୍ୟ ପରିବେଶ କାରଣରୁ ଅଭିଭାବକ ପିଲାମାନଙ୍କୁ ଘରେ ରଖିବାକୁ ବାଧ୍ୟ ହେଉଥିବା ଅଭିଯୋଗ ପରେ ମନ୍ତ୍ରଣାଳୟ ନିୟମାବଳୀ ଜାରି କରିବାକୁ ନିଷ୍ପତ୍ତି ନେଇଛି। ଛାତ୍ରାବାସଗୁଡ଼ିକରେ ପିଲାମାନଙ୍କର ଯତ୍ନର ସର୍ବନିମ୍ନ ମାନ ନିର୍ଦ୍ଧାରଣ କରିବା ଲାଗି ସୁପ୍ରିମକୋର୍ଟ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୫ | ୧୩.୫ |
| ଚାନ୍ଦବାଲି | ୨୭.୫ | ୧୫.୯ |
| କଟକ | ୨୮.୦ | ୧୪.୪ |
| ପାରାଦ୍ୱୀପ | ୨୮.୯ | ୧୭.୪ |
| ଭୁବନେଶ୍ୱର | ୨୯.୮ | ୧୫.୭ |
| ଗୋପାଳପୁର | ୩୦.୫ | ୧୮.୫ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୭.୩ | ୧୨.୦ |
| ବାରିପଦା | ୨୬.୫ | ୧୩.୮ |
| ଝାରସୁଗୁଡ଼ା | ୨୮.୩ | ୧୩.୯ |
| କେନ୍ଦୁଝର | ୨୬.୭ | ୧୨.୧ |
| ସମ୍ବଲପୁର | ୩୦.୧ | ୧୪.୨ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୨୯.୦ | ୧୫.୧ |
| ତାଳଚେର | ୨୯.୮ | ୧୬.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୨୯.୧ | ୧୫.୬ |
| କୋରାପୁଟ | ୨୫.୦ | ୧୫.୪ |
| ଫୁଲବାଣୀ | --- | ୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୨୦.୪ |
| ସୋନପୁର | ୨୯.୮ | ୧୭.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସାକ୍ଷୀଙ୍କୁ ମିଳିବ ସରକାରୀ ସୁରକ୍ଷା

**ନୂଆଦିଲ୍ଲୀ,୫।୧୨(ପି.ଟି.)**

- କେନ୍ଦ୍ରର ଚିଠା ଯୋଜନାକୁ ସୁପ୍ରିମକୋର୍ଟଙ୍କ ଅନୁମୋଦନ
- ନୂଆ ଆଇନ ଆସିବା ଯାଏ ଅନୁପାଳନ ଲାଗି ସବୁ ରାଜ୍ୟକୁ ନିର୍ଦ୍ଦେଶ



କେନ୍ଦ୍ର ସରକାରଙ୍କ ସାକ୍ଷୀ ସୁରକ୍ଷା ଚିଠା ଯୋଜନାକୁ ବୁଧବାର ସୁପ୍ରିମକୋର୍ଟ ଅନୁମୋଦନ କରିଛନ୍ତି। ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ଏହାକୁ ସମସ୍ତ ରାଜ୍ୟ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ସେମାନେ ଏଥିରେ କେତେକ ପରିବର୍ତ୍ତନ ଆଣିଥିବା ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ଯୋଧପୁର ଜେଲ୍‌ରେ ଥିବା ଆଧ୍ୟାତ୍ମିକ ଗୁରୁ ଆଶାରାମ ବାପୁ ସମ୍ପୃକ୍ତ ବଳାତ୍କାର ମାମଲାରେ ସାକ୍ଷୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆସିଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ ସାକ୍ଷୀ ସୁରକ୍ଷା ଯୋଜନା କଥା ଉଠିଥିଲା। ଗତ ନଭେମ୍ବର ୧୯ରେ ଏହି ଶୁଣାଣିବେଳେ ଆର୍ଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ ଏକ ଚିଠା ଯୋଜନା ଚୂଡ଼ାନ୍ତ ହୋଇଛି ଏବଂ ଏହା ଖୁବଶୀଘ୍ର ଆଇନରେ ପରିଣତ ହେବାକୁ ଯାଉଛି। ତେବେ ସେ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ ସେ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ କୋର୍ଟଙ୍କୁ ସହାୟତା କରୁଥିବା ଆଇନଜୀବୀ ଗୌରବ ଅଗ୍ରଓ୍ୱାଲ୍ କହିଥିଲେ ସରକାର ସମସ୍ତ ରାଜ୍ୟ ସହ ଆଲୋଚନା କରି ଏହି ସାକ୍ଷୀ ସୁରକ୍ଷା ଚିଠା ଯୋଜନାକୁ ଚୂଡ଼ାନ୍ତ କରିଛନ୍ତି। ଏଥିସହିତ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ଏନ୍‌ଏଲ୍‌ଏସ୍‌ଏ) ଏବଂ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ବିପିଆର୍‌ଡି)ର ପରାମର୍ଶ ମଧ୍ୟ ନିଆଯାଇଥିଲା। ବିଭିନ୍ନ ବିପଦ ଆଶଙ୍କା ଆଧାରରେ ସାକ୍ଷୀମାନଙ୍କୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ଅନ୍ତତଃ ପକ୍ଷେ ସମ୍ବେଦନଶୀଳ ମାମଲାରେ ସାକ୍ଷୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୋଜନା ପ୍ରସ୍ତୁତ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ।

ସାକ୍ଷୀମାନେ ବିଚାର ପ୍ରକ୍ରିୟାର ଆଖି ଏବଂ କାନ। ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ଆଣି ଦଣ୍ଡିତ କରିବାରେ ସାକ୍ଷୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଲାଗି ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ସାକ୍ଷୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଦେବା ପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି।



ବଲାଙ୍ଗୀର ପିପି ଏକାଡେମୀ ଛକରେ ଗତ ୨୭ତାରିଖ ରାତିରେ ଉଠାଦୋକାନ ସହ ଦୋକାନୀ ଜଳିଯିବା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ଟାଉନ୍ ଥାନା ପୋଲିସ। ସୂରଜ କ୍ଷେତୀ (୩୩) ନିଜ ଉଠା ଦୋକାନରେ ଶୋଇଥିବା ବେଳେ ମାଳପଡ଼ାର ଅଶୋକ ମେହେର (୩୩) ଓ ଟିକ୍ରାପଡ଼ାର ଅରୁଣ ନାଏକ (୨୨) ଦୋକାନରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ସୂରଜ ଦୋକାନ ସହ ଜିଅନ୍ତା ଜଳିଯାଇଥିଲେ। ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଅଶୋକ ଓ ଅରୁଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।









■ ଗ୍ୟାସ୍ ପାଇପ ଲାଇନ୍ ପ୍ରକଳ୍ପ

# ବିନିଯୋଗ ହେବ ୭୦ ହଜାର କୋଟି: ଧର୍ମେନ୍ଦ୍ର

ଭୁବନେଶ୍ୱର,୫।୧୨




କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ଅର୍ଥନୀତିକୁ ଅଗ୍ରାଧିକାର ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଦେଶରେ ଗ୍ୟାସ ପାଇପ ଲାଇନ ବିଛାଯିବ। ଏଥିଲାଗି ପ୍ରାୟ ୭୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଯୋଜନା ଅଧୀନରେ ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ୧୭୦୦ କିମିର ପାଇପ ଲାଇନ ନେଟୱର୍କ ବିଛାଯିବ। ଏଥିପାଇଁ ୪,୫୦୦ କୋଟି ପୁଞ୍ଜି ବିନିଯୋଗ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଧାମରା-ବାଂଲାଦେଶ, ସିଲିଗୁଡ଼ି-ବାଂଲାଦେଶ ଏବଂ ବାଂଲାଦେଶ-ମ୍ୟାନ୍‌ମାରକୁ ଗ୍ୟାସ୍ ନେଟୱର୍କ ଯୋଡ଼ିବା ନେଇ ଯୋଜନା ରହିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି।

ଭୁବନେଶ୍ୱରଠାରେ ଆୟୋଜନ ହେଉଥିବା ୩ ଦିନିଆ ନ୍ୟାଶନାଲ କରୋଜନ କଣ୍ଟ୍ରୋଲ କନ୍‌ଫରେନ୍ସ (ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)କୁ ଉଦ୍‌ଘାଟନ କରି ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ବିକାଶ କ୍ଷେତ୍ରରେ ପଶ୍ଚିମ ଭାରତ ସହ ସମକକ୍ଷ କରାଇବାକୁ ହେଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହି ଅବସରରେ ପାରାଦୀପ, ଧାମରା ଏବଂ ଗୋପାଳପୁରରେ ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି।

- ■ ୧୯ତମ ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ ଉଦ୍‌ଘାଟିତ
- ■ ଡିସେମ୍ବରରୁ ପାରାଦୀପ ରିଫାଇନେରୀରୁ ପଲିପ୍ରୋପିଲିନ୍ ଉତ୍ପାଦନ

ସେହିଭଳି ପାରାଦୀପ-ହାଇଦ୍ରାବାଦ ମଧ୍ୟରେ ୧୨୧୨ କିମିର ପାଇପ ଲାଇନ, ପାରାଦୀପ ବନ୍ଦରର ଗ୍ୟାସ୍ ପରିବହନ କ୍ଷମତା ବୃଦ୍ଧି, ତୈଳ ବିଶୋଧନାଗାରର କ୍ଷମତା ସମ୍ପ୍ରସାରଣ ଏବଂ ଚଳିତ ମାସରୁ ପାରାଦୀପ ରିଫାଇନେରୀରେ ପଲିପ୍ରୋପିଲିନ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଘରୋଇ ବଜାର ଲାଗି ଅବକ୍ଷୟ ନିରୋଧୀ ଜ୍ଞାନକୌଶଳ ଉଦ୍ଭାବନ ତଥା ଏହାର ଉପଯୋଗ ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶିଳ୍ପ ବିଶେଷଜ୍ଞଙ୍କୁ ସେ ଆହ୍ୱାନ ଦେଇଛନ୍ତି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ, କରାଇଗୁଡ଼ି, ସିଏସ୍‌ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ(ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ।

■ ଅତ୍ୟାଧୁନିକ ବର୍ଜ୍ୟଜଳ ବିଶୋଧନାଗାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ବଦଳିବ କଟକ ସହରର ପରିମଳ ରୂପରେଖ'





କଟକ ସିଡିଏସ୍ଥିତ ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'ର ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

କଟକ ଅଫିସ, ୫।୧୨

ସ୍ୱଚ୍ଛ କଟକ, ସୁସ୍ଥ କଟକ। ଏଣିକି ବଦଳିଯିବ କଟକ ସହରର ପରିମଳ ରୂପରେଖ। ସହରବାସୀଙ୍କୁ ଦୈନିକ ମିଳିବ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ପାନୀୟଜଳ। ବୁଧବାର ୧୧୦ କୋଟି ଟଙ୍କା ବ୍ୟୟରେ ସିଡିଏଠାରେ ନିର୍ମିତ ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'କୁ ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ଏହି ପ୍ରକଳ୍ପରେ ପୋଲିସ କଲୋନୀଠାରେ ନିର୍ମିତ ଘଣ୍ଟାକୁ ୭୨ ଲକ୍ଷ ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ଡ୍ରେନେଜ ପମ୍ପିଙ୍ଗ୍ ଷ୍ଟେଶନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ବିଶୋଧନାଗାର ଓ ତତ୍‌ସଂଲଗ୍ନ ଭୂତଳ ସ୍ୱେରେଜ ଲାଇନ୍ ଦ୍ୱାରା ସହରର ଲୋକମାନେ ଉପକୃତ ହେବେ। ବୁଧବାରଠାରୁ ମହାନଦୀ ଓ କାଠଯୋଡ଼ି ରିଂରୋଡର ମଧ୍ୟବର୍ତ୍ତୀ ଅଞ୍ଚଳ ବିଡାନାସିଠାରୁ ମଙ୍ଗଳାବାଗ, ଫ୍ରେଣ୍ଡସ କଲୋନୀ, ଝୋଲାସାହି, ବଙ୍ଗାଳିସାହି ଓ ପୁରୀଘାଟ ଅଞ୍ଚଳର ଲୋକେ ଏହି ପ୍ରକଳ୍ପର ସେବା ନେଇ ପାରିବେ। ଏଥିସହ ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ମତଗଜପୁରଠାରେ ନିର୍ମାଣାଧୀନ ବିଶୋଧନାଗାର ଆଉ ଅଳ୍ପଦିନ ମଧ୍ୟରେ ଲୋକର୍ପିତ ହେବାପରେ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଆହୁରି ସୁଧାର ଆସିବ। ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସହରବାସୀଙ୍କର ଜଳକଷ୍ଟ ଦୂର ହୋଇପାରିବ। ଆଜିପର୍ଯ୍ୟନ୍ତ ବର୍ଜ୍ୟଜଳ ଘରୁ ବାହାରିବା ପରେ ତାହା ନାଳଦ୍ୱାରା ଯାଇ ମହାନଦୀ ଏବଂ କାଠଯୋଡ଼ି ନଦୀରେ ମିଶି ଜଳ ପ୍ରଦୂଷିତ କରୁଛି। ନଦୀ ପ୍ରଦୂଷଣ ଓ ସହରର ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ପ୍ରକଳ୍ପ ସେବା ଯୋଗାଇବ। ଘରୁ ବାହାରୁଥିବା ଦୂଷିତ ଜଳକୁ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ସଂଗ୍ରହ କରି ଅତ୍ୟାଧୁନିକ ପଦ୍ଧତିରେ ବିଶୋଧନ କରି ନଦୀରେ ଛଡ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ଟି ଓମ୍‌ଫେଡ୍ ଡାଏରି ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ସି.ଏସ୍. ମହାପାତ୍ର, ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମଥିଭାଥନନ୍, ଜାଇକା ଇଣ୍ଡିଆର ମୁଖ୍ୟ ପ୍ରତିନିଧି କାଟସୁଅ ମାତସୁମୋଟୋ, ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଟି.ବି.କେ. ସରାଫ ଉପସ୍ଥିତ ଥିଲେ।

- ■ ଦୈନିକ ସହରବାସୀ ପାଇବେ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ଜଳ
- ■ ୩୦ବର୍ଷ ପର୍ଯ୍ୟନ୍ତ ରହିବନି ପିଇବା ପାଣି ସମସ୍ୟା

ଖାସବାହାଲ, ଦୋହେଲପଡ଼ା ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

# ଖଡ଼ିଆଳ-ଭବାନୀପାଟଣା ରାଜପଥ ଅବରୋଧ

ଖଡ଼ିଆଳ,୫।୧୨(ଡି.ଏନ୍.ଏ.)

ଖାସବାହାଲ, ଦୋହେଲପଡ଼ା ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବିରେ ନିଖିଳ ଉତ୍କଳ ଚାଷୀମୂଲିଆ ସଂଗଠନ ପକ୍ଷରୁ ବୁଧବାର ଖଡ଼ିଆଳ-ଭବାନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୋହେଲପଡ଼ା ଗ୍ରାମଠାରେ ଅବରୋଧ କରାଯାଇଛି। ଚାଷୀମୂଲିଆ ସଂଗଠନ ଆବାହକ କେଶବଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସକାଳ ୬ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାରେ ଶହ ଶହ ଗାଡ଼ି ଅଟକି ରହିଥିଲା। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଓ ଦୋହେଲପଡ଼ା ପଞ୍ଚାୟତରେ ୨୦୧୫ରୁ ଲଗାତର ଫସଲ ଉଜୁଡ଼ି ମରୁଡ଼ି ପରିସ୍ଥିତି ଦେଖାଦେଇଛି। ହେଲେ ଏହାର ପ୍ରତିକାର ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏହି ଦୁଇ ପଞ୍ଚାୟତର ଉପର ମୁଣ୍ଡରେ ରାଣୀମୁଣ୍ଡା ଓ ଖାସବାହାଲରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଛି। ହେଲେ ତାହା ଚାଷୀଙ୍କ କୌଣସି କାମରେ ଆସୁନାହିଁ। ଏଥିସହ ଖଡ଼ିଆଳ ଅଞ୍ଚଳର ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୦୦୦ରୁ ଖଡ଼ିଆଳ ସହରଠାରୁ ୧୫ କିଲୋମିଟର ଦୂର ଟିଖାଲି ଗ୍ରାମଠାରେ ନିର୍ମାଣ ହୋଇଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ। ହେଲେ ଖାସବାହାଲ ଓ ବଡ଼ଦୋହେଲ ପଞ୍ଚାୟତର ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

**ରାସ୍ତାକୁ ଓହ୍ଲାଇଲା ଚାଷୀମୂଲିଆ ସଂଗଠନ**

**କିଛି ତଥ୍ୟ**

୨୦୧୭ରେ ଭାରତ ବିଶ୍ୱର ପ୍ରମୁଖ ବଜାରଗୁଡ଼ିକୁ ୩୧ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି କରିଛି।

-ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ


NECC NATIONAL EGG CO-ORDINATION COMMITTEE | Venco66 CHICKEN | 05.12.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers






EXCHANGE THROUGH TATA MOTORS ASSURED

Authorised TATA Motors Dealers:

BHUBANESWAR- Shree Bharat Motors- 8884498977, Trupti Enterprises- 8527232272 PURI - Trupti Enterprises- 8527232272 NAYAGARH- Trupti Enterprises- 8527232272. PARADIP- Trupti Enterprises- 8527232272, CUTTACK- Gugnani Autocars: 9667952020. ANGUL- Monalisha Motors: 8884498968. DHENKANAL- Monalisha Motors: 8884498968. BALASORE: Shree Bharat Motors: 8884498976. KEONJHAR/JAJPUR- Gugnani Autocars: 9667952020. BERHAMPUR - Shree Bharat Motors: 8884498978. JEYPORE- Laxmi Sales & Service- 8448994722.

Good Image/12/2018

*Offer valid on select model/colour and on available stocks at Tata Motors authorized dealerships. All features/specifications are not available in all variants and may vary for different variants. Benefits include consumer and exchange offer which would vary by model and city. Terms and conditions apply. Price is Ex-Showroom Bhubaneswar.



ଜାଲନୋଟ୍ କାରବାର ସନ୍ଦେହରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ଝାଡଖଣ୍ଡର ୩ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ସେମାନେ କୌଣସି ର୍ୟାକେଟ ସହ ସମ୍ପୃକ୍ତ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ୪ଟି ଶହେ ଟଙ୍କିଆ ନୋଟ ଉଦ୍ଧାର କରି ଏହାକୁ ପରୀକ୍ଷା କରିବା ଲାଗି ପୋଲିସ ବ୍ୟାଙ୍କକୁ ପଠାଇଛି । ଅଭିଯୁକ୍ତମାନଙ୍କର ଆଧାରକାର୍ଡ଼, କାଗଜପତ୍ର ଏବଂ ସାମଗ୍ରୀ ଜବତ କରିଥିବା ପୋଲିସ ସୂଚନା ଦେଇଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ବେଦ ପ୍ରକାଶ
ପରିବାରବର୍ଗ



ଆରାଧନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଖଟିରେ ଖଟିରେ...

## ପାଣିଚିଆ

ରାଜଧାନୀକୁ ଏବେ ସବୁଠି ହକି ଜ୍ୱର । ଏ ଜ୍ୱର ଆହୁରି ୧୦ ଦିନ ରହିବ । ଖଟିରେ ଏବେ ରାଜନୀତି ଅପେକ୍ଷା ଖେଳ ଚର୍ଚ୍ଚା ଅଧିକ । ହେଲେ ରାଜନୀତି ବା କୁଆଡ଼େ ଖଟିକୁ ଛାଡ଼ି ରହିବ । ସେଦିନ କେଶରୀ ଟକିଜ୍ ପାଖ ଖଟିରେ ଏମିତି କିଛି ରାଜନୀତି ଆଲୋଚନା ଚାଲିଥିଲା । କଥା ପଡୁ ପଡୁ ଜଣେ ଫୁଲ ଦଳିଆ କହିଲେ, ଆମ ଦଳକୁ ମ୍ୟାଡାମ ଆସିବା ପରେ ଖେଳ ଜମିଗଲା । ଏତିକି ବେଳେ ଶଙ୍ଖ ଦଳିଆ ନଟିଆ କହିଲା, ଖେଳ ଜମିଲାନି । ଓଲଟି ପାଣିଚିଆ ହୋଇଗଲା । ଫୁଲ ଦଳିଆ ପଚାରିଲା କେମିତି । ଏହାଶୁଣି ନଟିଆ ଉତ୍ତର ଦେଲା, ମ୍ୟାଡାମ ଭାରି ହିସାବୀ । ନହେଲେ ପ୍ରଥମେ ବିଦେଶୀ କମ୍ପାନୀରେ ଚାକିରି କରିବେ ବୋଲି ଲେଖିଥିଲେ । ପରେ କିନ୍ତୁ କାରଣ ବଦଳେଇ ଦେଲେ । ତେଣୁ ଆରମ୍ଭରୁ ମିଛ ଧରାପଡ଼ିଲା । ଏମିତି ବେଳାରେ ଦଳକୁ ଆସିଲେ ଯେ, ଦିଲ୍ଲୀରେ ହାକିମାତି କରୁଥିବା ନେତାଙ୍କୁ ଦଳର ମୁଖିଆ ପ୍ରାର୍ଥୀ କିଏ ବୋଲି ସମସ୍ତଙ୍କୁ ଜଣାଇବାକୁ ପଡ଼ିଲା । ତା' ପରଦିନ ପୁଣି ଦିଲ୍ଲୀ ମାନ୍ୟବରଙ୍କୁ ଆଉଗୋଟେ କଥା ମଧ୍ୟ କହିବାକୁ ପଡ଼ିଲା । ତେଣୁ ମ୍ୟାଡାମ୍‌ଙ୍କ ଆଗମନ ପାଣିଚିଆ ହୋଇଗଲା । ଏକଥା ଶୁଣି ଫୁଲ ଦଳିଆ କି ସମ୍ଭାଳେ । ବାଇକ୍ ଧରି ସିଧା ଛୁ ।

## କଲେ ଭଲ ନ ହେଲେ ମଲ

ସବୁବେଳେ ଶୁଣୁଥିଲି ହେଲେ ସତ ବୋଲି ଭାବି ନ ଥିଲି । ବୁଝିଲ ଭାଇ, ଆଜି ଆଖିରେ ଦେଖିଲା ପରେ ସତ ବୋଲି ଜାଣିଗଲି । ଏ ଖାକିବାଲାଗୁଡ଼ା ସବୁଠୁ ବଡ଼ ଚୋର ହୋ । ବାବୁଙ୍କ ଏମନ୍ତ କଥା ଶୁଣି ଶହୀଦ ନଗର ଚା ଖଟିରେ ତାଙ୍କ ସାଙ୍ଗ ପଚାରିଲେ କ'ଣ ହେଇଛି କହୁନୁ ନ ହେଲେ ଆମେ କ'ଣ ବୁଝିବୁ । ଆଉ ତା'ପରେ ବାବୁ ଜଣଙ୍କ ବଡ଼ ପାଟିରେ ବଖାଣିଲେ, ଇରେ ହେ ଗଲାକାଲି ପୁରୀର ଏକ ହୋଟେଲରେ ବସିଥିଲି । ସେଇ ପାଖରେ ପୁରୀ ଜିଲାର ଗଡ ଏରିଆ ମାନ୍ୟବର ବସିଥାଆନ୍ତି । ଆଉ ତାଙ୍କ ନିକଟରେ ସେପଟର ପାନ ଏରିଆ ଖାକିବାବୁ ବି ବସିଥାଆନ୍ତି । ଆଉ ମାନ୍ୟବରଙ୍କ କଥା ଶୁଣି ଖାକି ବାବୁଜଣଙ୍କ ଖାଲି ଆଜ୍ଞା, ଆଜ୍ଞା ଚଲାଇ ଥାଆନ୍ତି । ଆଉ ଟିକେ କାନ ଡେରି ଶୁଣିଲା ପରେ ଜଣାପଡିଲା, ମାନ୍ୟବରଙ୍କ ଜଣେ କର୍ମୀ କୁଆଡେ ଗୋଟେ ମାମଲାରେ ଜଡିତ ଅଛନ୍ତି । ଆଉ ତାଙ୍କୁ ହାଜତ ନ ନେବାକୁ ଖାକିବାଲାଙ୍କୁ ମାନ୍ୟବର ତାଗିଦ କରୁଥାଆନ୍ତି । ଆଉ ଏମନ୍ତ ଦେଖିଲାପରେ ଭାବିଲି, ଏ ବ୍ୟବସ୍ଥାରେ ଲୋକେ ବଞ୍ଚିବେ ତ ? ସେଇଠୁ ତାଙ୍କ ସାଙ୍ଗ ଜଣଙ୍କ କହିଲେ, ଏଠି ଭାଇ କଲେ ଭଲ ନ ହେଲେ ମଲ ।

# ଏଏସ୍‌ଓ ପରୀକ୍ଷା ଘୁଞ୍ଚିବା ପରେ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଗ୍ରୁପ୍-ବି ଲିଖିତ ପରୀକ୍ଷା ଘୁଞ୍ଚାଯିବା ପରେ ପୁଣି ଅନେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ଯେଉଁ ତାରିଖକୁ ପରୀକ୍ଷା ଘୁଞ୍ଚାଯାଇଛି ସେହିଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) କ୍ଲର୍କ ମେନ୍ ପରୀକ୍ଷା ରହିଛି । ତେଣୁ ଏଏସ୍‌ଓ ପରୀକ୍ଷା ତାରିଖ ପରିବର୍ତ୍ତନ କରିବାକୁ ଅନେକ ପ୍ରାର୍ଥୀ ଦାବି କରିଛନ୍ତି ।

ସୂଚନା ମୁତାବକ, ଓପିଏସ୍‌ସି ପକ୍ଷରୁ ଡିସେମ୍ବର ୨୩ରେ ଏଏସ୍‌ଓ ପରୀକ୍ଷା ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ ହୋଇଥିଲା । ମାତ୍ର ବହୁ ସଂଖ୍ୟାରେ ପ୍ରାର୍ଥୀ ଆବେଦନ କରିଥିବାରୁ ପରୀକ୍ଷା ପରିଚାଳନାରେ ସମସ୍ୟା ହେବା ଆଶଙ୍କା ସୃଷ୍ଟି ହୋଇଥିଲା । ଏହାକୁ ହୃଦ୍‌ବୋଧ କରି ଓପିଏସ୍‌ସି ପକ୍ଷରୁ ଆସନ୍ତା ୨୦୧୯ ଜାନୁୟାରୀ ୨୦କୁ ପରୀକ୍ଷା ଘୁଞ୍ଚାଇ ଦିଆଯିବା ସହ ଏ ନେଇ ଗତ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହା ପରେ ବ୍ୟାଙ୍କିଙ୍ଗ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ପ୍ରାର୍ଥୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଜଣେ ପରୀକ୍ଷାର୍ଥୀ ଅଭିମନ୍ୟୁ ସାହୁ କୁହନ୍ତି, ଗୋଟିଏ ଦିନରେ ଦୁଇଟି ପରୀକ୍ଷା ହେଲେ ବହୁ ପ୍ରାର୍ଥୀ ଅସୁବିଧାର ସମ୍ମୁଖୀନ ହେବେ । ଯଦି କେହି ଆଇବିପିଏସ୍ କ୍ଲର୍କର ପ୍ରିଲିମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ, ତେବେ ମେନ୍ ପରୀକ୍ଷା ଦେବା କଷ୍ଟକର ହୋଇଯିବ । ପରୀକ୍ଷା ଲାଗି ବହୁତ ଦିନ ଧରି ଅଭ୍ୟାସ କରିଆସୁଛୁ । ତେଣୁ ପରିଶ୍ରମ ବୃଥା ହେବ । ଆଉ ଜଣେ ପରୀକ୍ଷାର୍ଥୀ ଧରିତ୍ରୀ ସାହୁ କୁହନ୍ତି, ଏଏସ୍‌ଓ ପରୀକ୍ଷା ତାରିଖ ଘୁଞ୍ଚିଲା ବୋଲି ପଢ଼ିବାକୁ ଅଧିକ ସମୟ ମିଳିଲା । କିନ୍ତୁ ଗୋଟିଏ ଦିନରେ ୨ଟି ପରୀକ୍ଷା କିପରି ଦେବୁ । ଓପିଏସ୍‌ସି କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।

■ ମହିଳା ସଂରକ୍ଷଣ ପ୍ରସଙ୍ଗ

# ସରକାରଙ୍କ ଏହା କୁମ୍ଭୀର କାନ୍ଦଣା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ । ଏହାକୁ ଆଇନରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି । ମହାମାନବ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ମହିଳା ସଂରକ୍ଷଣ ପ୍ରସଙ୍ଗ ବିରୋଧୀଙ୍କୁ ପ୍ରତିକ୍ରିୟାଶୀଳ କରିପକାଇଛି । ମହିଳାମାନଙ୍କ ଭୋଟ ହାତେଇବାକୁ ଶାସକ ଦଳ ଏହି ରାଜନୀତି ଆରମ୍ଭ କରିଥିବା ଅଭିଯୋଗ ଉଠିଛି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏହା ରାଜ୍ୟ ସରକାରଙ୍କ କୁମ୍ଭୀର କାନ୍ଦଣା । ସାଢେ ୪ବର୍ଷ ଏମାନେ ଲୋକ ସଭା ଏବଂ ରାଜ୍ୟ ସଭା ଭିତରେ ଗୋଟେ ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିଥିବାର ଉଦାହରଣ ଦେଖାନ୍ତୁ । ରାଜ୍ୟ ସଭା ଓ ଲୋକ ସଭାରେ ସେହି ବିଲ୍ ସମ୍ପର୍କରେ ଏମାନଙ୍କ ଭୂମିକା କ'ଣ ସେକଥା ସମସ୍ତେ ଦେଖିଛନ୍ତି । ଏହା କେବଳ ମିଛି ମିଛିକା ଲଢେଇ । ଫିଲ୍ମର ଶେଷ ସମୟରେ ଯେପରି ବହୁ କମେଡି ସିନ୍ ଆସେ ଏହା ସେହିଭଳି କଥା । କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ମାଝି କହିଛନ୍ତି ଯେ, ଏଥିରେ ପ୍ରାଥମିକତା ଓ ରାଜନୀତି ସବୁ ରହିଛି । କେବଳ ଆଗାମୀ ନିର୍ବାଚନରେ ମହିଳା ଭୋଟ ବଢାଇବାକୁ ଶାସକ ଦଳ ଏପରି ନାଟକ କରୁଛି ବୋଲି ମାଝି କହିଛନ୍ତି ।


# classified

real estate

## SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି । 8338932027. D-64386

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ । (sqft. 600/-) 9777236619. D-64389

ଭୁବନେଶ୍ୱର Sum Hospital, କାଟେଣୀ MITM, ZEE School ନିକଟରେ gharabari boundary 30' road patta plot 520/-. 9853144622. D-64757

ଭୁବନେଶ୍ୱର AIIMS Hospital, DOON International School ନିକଟରେ gharabari boundary patta plot. 7978274744. D-64758

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ । 9853089865. D-64372

## ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟସ ଘର (electricity+water) ଖୋଲା ଜାଗା ଆବଶ୍ୟକ । Contact: 8280082800. D-65223

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Experience full body massage with us by expert Enquiry: 06742597822, 7377048581. D-65206

Saishree ayurvedic full body massage ladies & gents. Contact: 7438896074. D-64653

All type of full body massage by expert therapist. 7609005923. D-65214

Herbal full body massage by smart/ expert therapist. Contact: 8338067247. D-65215

Newly opening ayurvedic massage smart therapist, Shree herbal. 7750020754. D-65216

Pamper yourself this Mansoon professional massage. Contact Purple Orchid. 9776598888. D-65217

Improving your health, skin care through expert therapist, excellent offer. 9668374480. D-65218

## ଜନ୍ମଦିନ ଶୁଭେଚ୍ଛା



**ବେଦ ପ୍ରକାଶ**

ନାହାଲପୁର, କଟକ

ଆଜି ତୋତେ ଚାରିବର୍ଷ ପୂରିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ । ଶୁଭେଚ୍ଛା ସହ: ମା, ବାପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ଭାଇ, ବଡବାପା, ବଡବୋଉ ଓ ବନ୍ଧୁପରିବାରବର୍ଗ । ଧ-୧୪୫୫୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧା ସୁମନ



**ସ୍ୱର୍ଗତ ନଟବର ଶିଶୁ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କୋଣାର୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୁଣେଇଁ

ଆବିର୍ଭାବ: ୨୬।୦୯।୧୯୩୧

ତିରୋଧାନ: ୨୮।୧୧।୨୦୧୬

ବାପା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା । ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁପରିବାରବର୍ଗ ।

ଧ-୯୮୪୧

### ଷଷ୍ଠ ବାର୍ଷିକ ଶ୍ରାଦ୍ଧଦିବସ



**ସ୍ୱର୍ଗତ ଗନ୍ଧର୍ବ ବିଶ୍ୱାଳ**

ଆରୁହାଁ, କୋଣାର୍କ, ପୁରୀ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ଭଗବାନ, ପୁଅ- ପିଣ୍ଟୁ, ବୋହୂ- ଲୋରି, ଝିଅ- ରୀତା, ଗୀତା, ସବିତା, ଶଶୀ, ଜ୍ୱାଇଁ- ସଂଗ୍ରାମ, ସାଗର, ନାତୁଣୀ- ପ୍ରିୟା, ନାତି-ରିଆସ, ଶୁଭମ୍, ଆୟଷମାନ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୯୮୪୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ**

ବାଲିଅନ୍ତା, ଭୁବନେଶ୍ୱର

ଆବିର୍ଭାବ: ୩୦।୦୬।୧୯୫୫

ତିରୋଧାନ: ୨୬।୧୧।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ଭାଇ- ପ୍ରତାପ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ମନୋଜ କୁମାର ସାହୁ ଓ ପରିବାରବର୍ଗ । ଧ-୬୪୨୫୯

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସନାତନ ପାତ୍ର**

ଆବିର୍ଭାବ: ୦୫।୦୪।୧୯୩୨

ତିରୋଧାନ: ୨୮।୧୧।୨୦୧୬

ତୁମ ଅବର୍ତ୍ତମାନର ଦୁଇ ବର୍ଷ ଅତିକ୍ରାନ୍ତ । ତୁମର ଆଦର୍ଶ, ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ତଥା ସ୍ନେହ ଓ ଶ୍ରଦ୍ଧା ଆମର ଚିର ପାଥେୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀବୋହୂ, ଝିଅ, ଜ୍ୱାଇଁ, ଭଣଜା ଏବଂ ସମସ୍ତ ଆତ୍ମୀୟସ୍ୱଜନ । ଧ-୯୮୩୬


## ପ୍ରଥମ ପୃଷ୍ଠାରୁ...

### ସହଯୋଗ ଲୋଡ଼ିବ...



ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ ।

ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନନ୍ତ ଦାସ ଏବଂ ଅରବିନ୍ଦ ଢାଲି ତୃଣମୂଳ କଂଗ୍ରେସ, ଶଶିଭୂଷଣ ବେହେରା, ଅନଙ୍ଗ ଉଦୟ ସିଂଦେଓ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି), ସିପିଆଇ/ସିପିଏମ୍‌କୁ କଳିକେଶ ନାରାୟଣ ସିଂ ଦେଓ,କୁଳମଣି ସାମଲ ଏବଂ ରୀତା ତରାଇ ଭେଟିବେ । ବଦ୍ରିନାରାୟଣ ପାତ୍ର,ଅରୂପ ପଟ୍ଟନାୟକ ଏବଂ ଶକୁନ୍ତଳା ଲାଗୁରୀ ଏନ୍‌ସିପି, ସୂର୍ଯ୍ୟ ନାରାୟଣ ପାତ୍ର, ଅନୁଭବ ମହାନ୍ତି ଏବଂ ପ୍ରଭାସ ସିଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି), ଦେବୀ ପ୍ରସାଦ ମିଶ୍ର ଏବଂ ସିଦ୍ଧାନ୍ତ ମହାପାତ୍ର ଡିଏମ୍‌କେ ଓ ଏଆଇଏଡିଏମ୍‌କେକୁ ଭେଟି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନେଇ ସମର୍ଥନ ମାଗିବେ । କିଶୋର ମହାନ୍ତି ଏବଂ ଯୋଗେନ୍ଦ୍ର ତ୍ରିପାଠୀ ଆଇଏନ୍‌ଏଲ୍‌ଡି , ଜେଡି(ଏସ୍) ଏବଂ ଜେଡି(ୟୁ)କୁ ନଗେନ୍ଦ୍ର ପ୍ରଧାନ ଏବଂ ରବୀନ୍ଦ୍ର ଜେନା, ନ୍ୟାଶନାଲ କନଫେରେନ୍ସ(ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରେଟିକ ପାର୍ଟି(ପିଡିପି)କୁ ପିନାକୀ ମିଶ୍ର ଏବଂ ଲଡୁ କିଶୋର ସ୍ୱାଇଁ ଭେଟିବେ ବୋଲି ସ୍ଥିର କରାଯାଇଛି । ସେହିପରି ଜେଏମ୍ଏମ୍‌କୁ ଅନୁଭବ ମହାନ୍ତି, ଝିନ୍ନ ହିକ୍କା ଏବଂ ବିମ୍ବାଧର କୁଅଁର, ଆରଜେଡିକୁ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଶିରୋମଣି ଅକାଲି ଦଳକୁ ତଥାଗତ ସତପଥୀ ଏବଂ ସୂର୍ଯ୍ୟ ନାରାୟଣ ପାତ୍ର, ଶିବସେନାକୁ ଅରୂପ ପଟ୍ଟନାୟକ ଏବଂ ବଳଭଦ୍ର ମାଝୀ ଭେଟିବେ । ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିକୁ ଭର୍ତ୍ତୃହରି ମହତାବ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଟିଡିପି ଏବଂ ଟିଆରଏସ୍‌କୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଏନ୍ ଭାସ୍କର ରାଓ ଭେଟି ସମର୍ଥନ ମାଗିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।

### ଦାଶରଥିଙ୍କୁ କେନ୍ଦ୍ର ...

ମଧ୍ୟରୁ ଜଣଙ୍କୁ ଏଥିପାଇଁ ଚୟନ କରାଯାଇଥାଏ । କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତିକ୍ରମେ ଏଥର ପ୍ରଥମ ଥର ପାଇଁ ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି । ଡ. ପ୍ରଫୁଲ୍ଲ ତ୍ରିପାଠୀ ଓ ପଦ୍ମଶ୍ରୀ ହଳଧର ନାଗ ଏହି ପୁରସ୍କାର ପାଇବେ ।

ଦାଶରଥିଙ୍କ ପ୍ରମୁଖ ସମୀକ୍ଷା ଗ୍ରନ୍ଥ ହେଉଛି, 'କାବ୍ୟ ସମ୍ବାଦ', 'ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ', 'କବିସୂର୍ଯ୍ୟ କାବ୍ୟବିଭା', 'ମୃତ୍ୟୁଲୋକରେ ଋତୁ ସପ୍ତମ', 'ବିବିଧ ସମାଲୋଚନା', 'ଚିହ୍ନା ମାଟି ଅଚିହ୍ନା ଆକାଶ', 'ବିବିଧ ପ୍ରସ୍ତାବ', 'ବିଦଗ୍ଧ ମାନସ', 'ସାହିତ୍ୟ ବିବେକ' ଓ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' । ୧୯୭୭ରେ 'କାବ୍ୟ ସମ୍ବାଦ' ଗ୍ରନ୍ଥ ପାଇଁ ତାଙ୍କୁ ମିଳିଛି



ହଳଧର ନାଗ



ଗଗନେନ୍ଦ୍ର ନାଥ ଦାଶ



ପ୍ରଫୁଲ୍ଲ ତ୍ରିପାଠୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର । ଏହାଛଡ଼ା ସମ୍ମାନଜନକ ସାରଳା ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ପୁରସ୍କାରରେ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି । ଗୁଣାତ୍ମକ ସାହିତ୍ୟ ସମାଲୋଚନା ପାଇଁ 'ଧରିତ୍ରୀ' ପକ୍ଷରୁ ସେ ପୁରସ୍କୃତ । ଜାତୀୟସ୍ତରରେ ଭାଷା ସମ୍ମାନରେ ସମ୍ମାନିତ ଡ. ଗଗନେନ୍ଦ୍ର ନାଥ ଦାଶ ମଧ୍ୟ ଅତିବଡ଼ୀ ପୁରସ୍କାର ପାଇଛନ୍ତି । 'ପୁନଶ୍ଚ ଜନଶ୍ରୁତି-କାଞ୍ଚିକାବେରୀ' ଓ 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ଆଦି ବହୁ ପ୍ରମୁଖ ଗ୍ରନ୍ଥର ସେ ରଚୟିତା ।

ମୋଟ ୨୪ଟି ଭାରତୀୟ ଭାଷାରେ ଏଥର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି । ପୁରସ୍କାର ପାଇଁ ମନୋନୀତ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ୭ଟି ଉପନ୍ୟାସ, ୭ଟି କବିତା ପୁସ୍ତକ, ୬ଟି କ୍ଷୁଦ୍ରଗଳ୍ପ, ୩ଟି ସମୀକ୍ଷା ପୁସ୍ତକ ଓ ୨ଟି ପ୍ରବନ୍ଧ ପୁସ୍ତକ ରହିଛି । ଆସନ୍ତା ଜାନୁୟାରୀ ୨୯ରେ ନୂଆଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ମନୋନୀତ ସମସ୍ତ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ । ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯିବ । କାର୍ଯ୍ୟକାରୀ ସମିତି ବୈଠକରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବର ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଶ୍ରୀନିବାସ ରାଓ ଓ ସଭ୍ୟ ଡ. ବିଜୟାନନ୍ଦ ସିଂ ଆଲୋଚନାରେ ଭାଗନେଇଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗ୍ରହ ପ୍ରଭାବରେ ବିଭିନ୍ନ ଦିଗରୁ ଅର୍ଥର ସମାଗମ ହେବ, କିନ୍ତୁ ସମସ୍ୟା ଛାଡ଼ିବ ନାହିଁ । ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ । ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି ।

**ବୃଷ** ଭାଗ୍ୟାଧିପ ଶନି ଅଷ୍ଟମ ଭାବସ୍ଥ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହୋଇପାରେ । ଫଳରେ ନିକଟ ସମ୍ପର୍କୀୟମାନଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ । ପରିବହନ ଓ ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ । ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ ।

**ମିଥୁନ** ମଙ୍ଗଳଙ୍କ ସ୍ଥିତି ଆପଣଙ୍କ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ । ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ନିଶ୍ଚିତ ଉପକୃତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ । ପ୍ରତିବନ୍ଧକ କାରଣରୁ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ ।

**କର୍କଟ** ଏକାଦଶ ଭାବକୁ ଏକାଧିକ ଗ୍ରହ ଦୃଷ୍ଟି ନିକ୍ଷେପ କରୁଥିବାରୁ ଆପଣ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ । କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ । ପାରିବାରିକ ଜୀବନରେ ପକ୍ଷପାତିତା ଅଶାନ୍ତିର କାରଣ ହେବ ।

**ସିଂହ** କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବ, କିନ୍ତୁ ଶନି ପ୍ରଭାବରେ କେତେକ କାମରେ ପଶ୍ଚାତାପ ଜନିତ ମନସ୍ତାପ କରିପାରନ୍ତି । ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି । ଦେହ ଭଲ ରହିବା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ଆଶା କରିଥିବା ଜିନିଷ ବିଳମ୍ବରେ ପାଇବେ ।

**କନ୍ୟା** ନିଜ ଲୋକମାନଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବାରେ ସମର୍ଥ ହେବେ । ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି । ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ । ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ ।

**ତୁଳା** ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ବୃଦ୍ଧି ଅନୁଭବ କରି ଖୁସୀ ରହିବେ । ବନ୍ଧୁଙ୍କ ଜରିଆରେ କୌଣସି ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବା ସୂଚନା ରହିଛି ।

**ବିଛା** ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ । ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ । ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣା ଗୁଡ଼ାକ ଅସାଧାରଣ ମନେହେବ । ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି ।

**ଧନୁ** ଆଜି ଅର୍ଥ ସମ୍ପର୍କିତ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟିଯିବ । ଅବଶ୍ୟ ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ । କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ ।

**ମକର** କୋଣଭାବକୁ ଚତୁର୍ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ବନ୍ଧୁଙ୍କ ପ୍ରତି ଅନୁରକ୍ତି ସୃଷ୍ଟିକରି ପାରିବାରିକ କଳହକୁ ନିମନ୍ତ୍ରଣ କରିବ । ଅଫିସ୍ କାମରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ । ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ । ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି ।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ । ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ଏଣୁ ସାବଧାନତା ନିତାନ୍ତ ଦରକାର । ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି ।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହ ସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ । ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ । ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଡିସେମ୍ବର ୬ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ରାଶି-ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ । ଦିବା ଘ୧୦।୧୮ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୦୦ମି. ଗତେ ଘ୨।୨୧ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୩୫ମି. ମଧ୍ୟେ ଘ୧୧।୪୦ମି ଗତେ, ଘ୧।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୯ମି. ଗତେ ଘ୨।୨୦ମି. ମଧ୍ୟେ ରାହୁକାଳ ।



ବାବି ମସ୍‌ଜିଦ୍ ଭଙ୍ଗାକୁ ଗୁରୁବାର ୨୬ ବର୍ଷ ପୂରୁଥିବାବେଳେ ବିବାଦୀୟ ସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ରାମ ମନ୍ଦିର ନିର୍ମାଣ ଦାବି କରିଆସୁଥିବା ଦକ୍ଷିଣପନ୍ଥୀ ସଙ୍ଗଠନର ସଦସ୍ୟମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ବୁଧବାର ପୋଲିସ ହିନ୍ଦୁ ସମାଜ ପାର୍ଟିର ୪ ସକ୍ରିୟ ସଦସ୍ୟଙ୍କୁ ରାମ ଜନ୍ମଭୂମି ପୋଲିସ ଷ୍ଟେସନ ଅଞ୍ଚଳରୁ ଗିରଫ କରିଛି।






## ■ ସଡ଼କ ଦୁର୍ଘଟଣା: ୧୦ ବର୍ଷରେ ମଲେଣି ୪୩ ହଜାର

# ଗାଈ, ମଈଁଷି, ଶିଙ୍ଘରେ ଲାଗିବ ରିଫ୍ଲେକ୍ଟିଭ ଷ୍ଟିକର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାସ୍ତାଘାଟରେ ଗୋରୁ, ମଈଁଷି ଭଳି ଗୃହପାଳିତ ପ୍ରାଣୀଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ନିକଟରେ ମହାନଦୀ ପୋଲ ଉପରେ ମଈଁଷିକୁ ଧକ୍କାଦେଇ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡ଼ିବାରୁ ୧୧ଜଣଙ୍କ ପ୍ରାଣହାନି ଘଟିବା ସହ ବହୁ ଯାତ୍ରୀ ଆହତ ହୋଇଥିଲେ। ଏଭଳି ଦୁର୍ଘଟଣାକୁ ଏଡ଼େଇବାକୁ ରାଜ୍ୟ ପରିବହନ ବିଭାଗ ଗାଈ, ମଈଁଷି ଆଦିଙ୍କ ଶିଙ୍ଘ ଓ ବେକରେ ରିଫ୍ଲେକ୍ଟିଭ (ଉଜ୍ଜ୍ୱଳ )ଷ୍ଟିକର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାସ୍ତାଘାଟରେ ଶୋଇଥିବା କିମ୍ବା ଚଳପ୍ରଚଳ ହେଉଥିବା ଗୋରୁ, ମଈଁଷି ଆଦିଙ୍କୁ ସହଜରେ ଦୂରରୁ ଗାଡ଼ି ଚାଳକମାନେ ଦେଖିପାରିବେ। ସେହି ଅନୁଯାୟୀ ଗାଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ପାରିବେ। ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଏନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ। ରିଫ୍ଲେକ୍ଟର ଲଗାଇବା କାମରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯିବ। ପ୍ରତ୍ୟେକ ଗାଈ ପାଇଁ ୫୦ ଟଙ୍କା ପାଉଣା ଦିଆଯିବ। ଯେଉଁ ସଂସ୍ଥା ଯେତେ ଲାଗାଇବେ ସେହି ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ଜଣେ ବରିଷ୍ଠ ଆଞ୍ଚଳିକ ଅଧିକାରୀ କହିଛନ୍ତି।

ସହରାଞ୍ଚଳ ରାସ୍ତା ଓ ଜାତୀୟ ରାଜପଥରେ ଗାଈ, ଷଣ୍ଢ, ମଈଁଷି ବୁଲିବା ଯୋଗୁ ଅନେକ ସମୟରେ ଗାଡ଼ି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ଭିତରେ ଯାଇଥିବା ଜାତୀୟ ରାଜପଥରେ ୧ ଲକ୍ଷ ଦୁର୍ଘଟଣାରେ ୪୩ ହଜାର ୩୧୨ଜଣଙ୍କ ମୃତ୍ୟୁ ଘଟିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ୬୧ ହଜାର ୮୮୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୦୮ରେ ୮୧୮୧ ରାସ୍ତା ଦୁର୍ଘଟଣାରେ ୩୦୭୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୬୩ ଜଣ ଗୁରୁତର ଆହତ ହୋଇଥିଲେ। ୫୫୯୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପରି ୨୦୧୭ରେ ୧,୦୮,୫୫ ହଜାର ଦୁର୍ଘଟଣାରେ ୪୭୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୪୧୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୮ରେ ୮୨୯୨ ରାସ୍ତା ଦୁର୍ଘଟଣାରେ ୩୮୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୭୧୮ ଜଣ ଆହତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୋରୁ ଚଳପ୍ରଚଳ ଯୋଗୁ ମଧ୍ୟ ଅନେକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗ ରିପୋର୍ଟ କହୁଛି।

### ମୋଟରଯାନ ଆଇନ ଉଲ୍ଲଂଘନ ଜରିମାନା
## ଆଜିଠୁ ମାନୁଆଲ ବଦଳରେ ଇ-ଚାଲାଣ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ଏଣିକି ଯାନବାହନ ସମ୍ପର୍କିତ ଜରିମାନା ଆଉ ମାନୁଆଲ ରସିଦ ବହି ଧରି ଆଦାୟ ହେବ ନାହିଁ। ଇଲେକ୍‌ଟ୍ରୋନିକ୍ ଚାଲାଣ(ଇ-ଚାଲାଣ)ମାଧ୍ୟମରେ ଆଦାୟ କରାଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମାନବ ସମ୍ବଳ ବିନିଯୋଗ ହ୍ରାସ ପାଇବା ସହ ସମୟ ସଞ୍ଚୟ ହୋଇପାରିବ। ପଞ୍ଜୀକରଣ ସମୟରେ ଯାନବାହନର ମାଲିକମାନଙ୍କର ସମସ୍ତ ତଥ୍ୟ ପରିବହନ କାର୍ଯ୍ୟାଳୟରେ ରହିଛି। ଏଗୁଡ଼ିକ ମଧ୍ୟ ଆଧାର ଲିଙ୍କ୍ କରାଯାଇଛି। ସେଗୁଡ଼ିକୁ ଡାଟାବେସ କରାଯିବ। ଯେଉଁ ଗାଡ଼ି ଉପରେ ଜରିମାନା ଲଗାଯିବ ତୁରନ୍ତ ଅନ୍‌ଲାଇନ ଜରିଆରେ ଇ-ଚାଲାଣ ସମ୍ପୃକ୍ତ ଯାନବାହନର ମାଲିକମାନଙ୍କ ନିକଟରେ ପହଞ୍ଚିଯିବ। ମାଲିକମାନେ ଜରିମାନା ରାଶି ମଧ୍ୟ ଡେବିଟ କାର୍ଡ ଜରିଆରେ ପଇଠ କରି ପାରିବେ। ଏହାଛଡ଼ା ଘରେ ବସି ଅନଲାଇନରେ ମଧ୍ୟ ଜରିମାନା ଭରଣା କରି ପାରିବେ। ବାରମ୍ବାର ଆଇନ ଉଲ୍ଲଂଘନ କରୁଥିବା ଚାଳକମାନଙ୍କର ତାଲିକା ରେକର୍ଡ ହୋଇ ରହିବ। କେବେ କେଉଁ ଦିନ କେତେ ଦୁର୍ଘଟଣା ଘଟାଇଛି ସେହି ଅନୁଯାୟୀ ପରବର୍ତ୍ତୀ ସମୟରେ ଜରିମାନା ରାଶି ବୃଦ୍ଧି କରାଯାଇ ପାରିବ। ଯାନବାହନ ଆଇନ ଉଲ୍ଲଂଘନ କରୁଥିବା ସମସ୍ତ ଯାନବାହନ ପାଇଁ ଏହି ନୂତନ ବ୍ୟବସ୍ଥା ଗୁରୁବାରଠାରୁ କାର୍ଯ୍ୟକାରୀ ହେବ।

# ଅଭିଜିତ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ ଅଫିସ, ୫।୧୨



■ନିମ୍ନ ଅଦାଲତଙ୍କ ସର୍ତ୍ତ ଆଧାରରେ ଜେଲ୍‌ରୁ ମୁକୁଳିବେ

■ପୂର୍ବରୁ ବିଧାନସଭା ଗୃହ କମିଟି, ରାଜ୍ୟ ସରକାର କ୍ଷମା ଦେଇଛନ୍ତି

ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇ ଜେଲ୍ ଯାଇଥିବା ଅଭିଜିତ ଆୟର ମିତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଏହି ଜାମିନ ଆବେଦନର ଶୁଣାଣି କରିଥିଲେ ବିଚାରପତି ଜଷ୍ଟିସ ଦେବବ୍ରତ ଦାସ। ତେବେ ନିମ୍ନ ଅଦାଲତ ଅଭିଜିତ୍‌ଙ୍କ ଜାମିନ ଉପରେ ସର୍ତ୍ତାବଳୀ ଲାଗୁ କରିବା ପରେ ସେ ଛାଡ ପାଇବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅଭିଜିତ୍‌ଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେବା ସହିତ ତାଙ୍କୁ କ୍ଷମା କରିଦେଇଛନ୍ତି।

ସୂଚନା ଥାଉକି, ଗତ ଅକ୍ଟୋବର ମାସରେ ଅଭିଜିତ ଓଡ଼ିଶା ବୁଲି ଆସିବା ସମୟରେ ସୋସିଆଲ ମିଡିଆରେ ନାନା ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପ୍ରତି ମଧ୍ୟ ଅସମ୍ମାନସୂଚକ ମନ୍ତବ୍ୟ ଦେବାକୁ ପଛାଇ ନ ଥିଲେ। ଏହାକୁ ନେଇ ଅଭିଜିତ୍‌ଙ୍କ ବିରୋଧରେ କୋଣାର୍କ ଏବଂ ଭୁବନେଶ୍ୱରର ଶହୀଦନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହା ପରେ ଓଡ଼ିଶା ପୋଲିସ ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟ ତତ୍କାଳ ଅଭିଜିତ୍‌ଙ୍କୁ ଜାମିନ ଦେବା ସହିତ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସାକେତ କୋର୍ଟର ଆଦେଶ ସତ୍ତ୍ୱେ ସେ କୋଣାର୍କ ଥାନାରେ ହାଜର ହେବା ପରିବର୍ତ୍ତେ ସୁପ୍ରିମକୋର୍ଟକୁ ଜାମିନ ପାଇଁ ଯାଇଥିଲେ। ସୁପ୍ରିମକୋର୍ଟ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେବା ଫଳରେ ଅଭିଜିତ୍ ଶେଷରେ ଅକ୍ଟୋବର ୨୩ରେ ଓଡ଼ିଶା ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ଏହାପରେ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଜିତ୍ ଗୃହ କମିଟି ନିକଟରେ କ୍ଷମା ମାଗିବା ପରେ କମିଟି ପକ୍ଷରୁ ତାଙ୍କୁ କ୍ଷମା ଦିଆଯାଇଥିଲା। ସୂଚନାଥାଉକି, ଝାରପଡ଼ା ଜେଲ୍‌ରେ ଅଭିଜିତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏହାପୂର୍ବରୁ ନଭେମ୍ବର ୨୦ରେ ଅଭିଜିତ୍ କ୍ଷମାପ୍ରାର୍ଥନା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ।

# ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅଙ୍କୁ ସର୍ତ୍ତମୂଳକ ଜାମିନ

କଟକ ଅଫିସ, ୫।୧୨



ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଦେବାଶିଷଙ୍କ ସମେତ ତାଙ୍କର ୪ ସହଯୋଗୀଙ୍କୁ ମଧ୍ୟ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଦେବାଶିଷଙ୍କ ଜାମିନ ଆବେଦନର ଶୁଣାଣି କରିଥିଲେ। ତେବେ ଜାମିନର ସର୍ତ୍ତାବଳୀ ଅନୁଯାୟୀ ଦେବାଶିଷ ଏବଂ ତାଙ୍କର ସହଯୋଗୀ ପ୍ରତି ୧୫ ଦିନରେ ଥରେ ଥାନାରେ ହାଜର ହେବେ। ସମାନ ଧରଣର ଅପରାଧ ସହିତ ଜଡ଼ିତ ରହିବେ ନାହିଁ ଓ ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ତେବେ କେତେଜଣ ଜାମିନଦାରଙ୍କ ବଦଳରେ ଦେବାଶିଷ ଜେଲ୍‌ରୁ ମୁକୁଳିବେ ସେ ନେଇ ତଳ କୋର୍ଟ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଥାଉକି, ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦେବାଶିଷଙ୍କୁ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୋଲିସ ଗତ ସେପ୍ଟେମ୍ବର ୨୦ରେ ଗିରଫ କରିଥିଲା। ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀ**

# 'ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢ଼େଇରେ ସାମିଲ ହୁଅ'

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ଯୁବପିଢ଼ିଙ୍କୁ ରୋଜଗାର ଏବଂ ଶାସକ ଦଳର ପିସି କାରବାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଭାଜପା ଯୁବମୋର୍ଚ୍ଚା । ଆସନ୍ତା ୧୦ରୁ ୨୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏସଡିଓ ଅଫିସ ଆଗରେ ହରତାଳ କରାଯିବ । ଏହା ସହ ଡିସେମ୍ବର ୨୫ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥି ଅବସରରେ 'ରୋଜଗାର ପରାମର୍ଶ ପଦଯାତ୍ରା' ୧୪୭ ନିର୍ବାଚନମଣ୍ଡଳୀରେ ଆରମ୍ଭ ହେବ। ତେଣୁ ଓଡ଼ିଶାର ଯୁବପିଢ଼ି ପରିବର୍ତ୍ତନର ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢେଇରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଦୁଇଜଣଙ୍କ କଳିରେ ମାଙ୍କଡ ପିଠା ଖାଇଯିବା ପରି ଓଡ଼ିଶାର ରାଜସ୍ୱକୁ ଲୁଟ୍ କରୁଥିବା ଲୋକମାନେ ସ୍ୱଚ୍ଛତାର କି ପ୍ରକାର ବାର୍ତ୍ତା ଦେବେ। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରକଳ୍ପଗୁଡିକର ଘୋଷଣା କରୁଛନ୍ତି ସେହି କାର୍ଯ୍ୟଗୁଡିକ ଲୋକଙ୍କ ଇଚ୍ଛାରେ ନା ତୃତୀୟ ମହଲାର ଗୁମାସ୍ତାଙ୍କ ଯୋଜନା ହେଉଛି। ଏ ନେଇ ପ୍ରତି ମାସର ୧୫ରୁ ୨୦ରେ ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ପୀଠ ସଭାଗୁଡିକରେ ଯୁବକମାନେ ପ୍ରଶ୍ନ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୁବକମାନଙ୍କର ଜାଣିବାର ଅଧିକାର ଅଛି। ଏହି କାମଗୁଡିକ ଟେଣ୍ଡର କରି ସ୍ୱଚ୍ଛ ଭାବେ କାର୍ଯ୍ୟାଦେଶ ଦିଆଯାଉଛି ନା ହାତଗୁଞ୍ଜା ଦେଉଥିବା ଲୋକମାନେ କାମ ପାଉଛନ୍ତି ଓ କାହା ମାଧ୍ୟମରେ ଏହି କାମ ହେଉଛି ସରକାର ତାର ଉତ୍ତର ରଖନ୍ତୁ। ସରକାର ଥ୍ରୀ-ଟିର ମିଛ ବାହାନା କରି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବୁ କାମକୁ ଦଳୀୟ ଆଧାରରେ ବାଣ୍ଟି ଦେଉଛନ୍ତି। ରାଜ୍ୟ ରାଜକୋଷର ୧୦ହଜାର କୋଟି ଟଙ୍କାର କାମ କିଏ ପାଉଛି ବୋଲି ଯୁବକମାନେ ପୀଠ କାର୍ଯ୍ୟକ୍ରମରେ ପଚାରନ୍ତୁ। ପୀଠ ଯୋଜନା ନାଁରେ ସରକାର ସାଧାରଣଙ୍କୁ ବିଧା ମାରିବାକୁ ଯୋଜନା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ଯେଉଁ ଲକ୍ଷ୍ମଣ କୁମ୍ଭାରଙ୍କ ଫଟୋ ବିଜ୍ଞାପନରେ ମାରି ବାହାବା ନେଉଥିଲେ ତାହାର ସତ ପଦାକୁ ଆସିଛି। ଗୁଡ୍ ନ୍ୟୁଜ ଡ୍ରିମ୍ ଇଣ୍ଡିଆ ସେଣ୍ଟରରେ ଖୋଲାଖୋଲି ନିୟମର ଉଲ୍ଲଂଘନ କରାଯାଉ ଥିବାବେଳେ ସରକାର ନୀରବ ରହିବା କି ପ୍ରକାର ଦକ୍ଷ ପ୍ରଶାସନ । ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଚାଲିଯିବା ଭୟରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଯୁବକଙ୍କ ରୋଜଗାର ଉପରେ ବାଧା ସୃଷ୍ଟି କରୁଛନ୍ତି । ପ୍ଲାଷ୍ଟିକ ପାର୍କ ନିର୍ମାଣ ପାଇଁ ସବୁ ପ୍ରସ୍ତୁତି ସରିଛି। ଭାରତୀୟ ତୈଳ ନିଗମ(ଆଇଓସି) ସହ କମ୍ପାନୀ ଗଠନ କରି ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା କାମକୁ କାହିଁକି ଆଗକୁ ନିଆଯାଉ ନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ସୁଦ୍ଧା ଉତ୍ତର ଆସୁନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।




### ଓଡ଼ିଶା ଉପକୂଳରେ ଟ୍ରଫ୍ ଲାଇନ
## ଫୁଲବାଣୀରେ ତାପମାତ୍ରା ୮.୮ ଡିଗ୍ରୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟରେ ହାଲ୍‌କା ଶୀତ ଜାରି ରହିଛି। ପାରଦ ତଳକୁ ଖସୁନାହିଁ। ଓଡ଼ିଶା ଉପକୂଳ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ତାପମାତ୍ରା ତଳକୁ ଖସୁନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ବାଲେଶ୍ୱର ୧୩.୫, ଅନୁଗୋଳ ୧୨, ବାରିପଦା ୧୩.୮, ଝାରସୁଗୁଡା ୧୩.୯, କେନ୍ଦୁଝର ୧୨.୧ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ୬ ଓ ୭ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଡିସେମ୍ବର, ୨୦୧୮




ପାକିସ୍ତାନ ଉଚ୍ଚାୟୁକ୍ତ ବୁଧବାର ୨୨୦ ଭାରତୀୟ ତୀର୍ଥଯାତ୍ରୀଙ୍କୁ ଭିଜା ପ୍ରଦାନ କରିଛନ୍ତି। ପାକିସ୍ତାନର ସିନ୍ଧ୍ ପ୍ରଦେଶସ୍ଥିତ ସୁକୁରଠାରେ ଶିଖ୍ ଗୁରୁ ସନ୍ଥ ସଦାରାମ ସାହିବଙ୍କ ୩୧୦ତମ ଜୟନ୍ତୀ ୧୬ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏହି ପରିପ୍ରେକ୍ଷୀରେ ସେଠାକୁ ଯିବା ପାଇଁ ଭାରତର ଶିଖ୍ ଶ୍ରଦ୍ଧାଳୁମାନଙ୍କୁ ଏହି ଭିଜା ଦିଆଯାଇଥିବା ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ନୟାଗଡ଼ କଂଗ୍ରେସ କର୍ମୀଙ୍କ ସିବିଆଇ ଅଫିସ୍ ଘେରାଉ

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ନବକଳେବର ବ୍ରହ୍ମ ବିଭ୍ରାଟ, ଦାରୁ ଫିକ୍ସିଂ, ବ୍ରହ୍ମ ପରିବର୍ତ୍ତନର ଗୁପ୍ତ ନିୟମର ପରମ୍ପରାକୁ ଭଙ୍ଗ କରିବା ସହ ମହାପ୍ରଭୁଙ୍କ ନୀତି ନିୟମକୁ ଜଳାଞ୍ଜଳି ଦେଇ ସାରା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରାଯାଇଥିଲା। ଗୋଟିଏ ନିର୍ଦ୍ଦିଷ୍ଟ ଜିଲାରୁ ମହାପ୍ରଭୁଙ୍କର ଦାରୁ ଚୟନରୁ ସୃଷ୍ଟି ହୋଇଥିବା ବିବାଦ ଏବଂ ଦାରୁ ଫିକ୍ସିରେ ସମ୍ପୃକ୍ତିଥିବା ବ୍ୟକ୍ତି ବିଶେଷ ତଥା ରାଜନେତାଙ୍କୁ ଶୀଘ୍ର ଗିରଫ କରିବା ଓ ଏ ଘଟଣାରେ ସିବିଆଇ ତଦନ୍ତ କରିବାପାଇଁ ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଞ୍ଜିତ ଦାସ ଓ ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଶୁଭଶ୍ରୀ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବୁଧବାର ସ୍ଥାନୀୟ ସିବିଆଇ ମୁଖ୍ୟାଳୟ ଆଗରେ ବିକ୍ଷୋଭ କରିଛନ୍ତି। ଏପରିକି ଦାରୁ ଚିହ୍ନଟ କରିବା ସମସ୍ତ ନୀତିନିୟମ ଏବଂ ପରମ୍ପରାକୁ କାହା ଇଙ୍ଗିତରେ ଉଲଘଂନ କରାଗଲା ଏବଂ ବ୍ରହ୍ମ ବିଭ୍ରାଟ ରିପୋର୍ଟ କ'ଣ ପାଇଁ ସର୍ବସାଧାରରେ ପ୍ରକାଶ କରାଯାଉ ନାହିଁ ସେଥିପାଇଁ ଏକ ନିରପେକ୍ଷ ତଦନ୍ତ ଦାବିରେ ଏକ ପ୍ରତିନିଧି ମଣ୍ଡଳ ସିବିଆଇ ନିର୍ଦ୍ଦେଶକଙ୍କୁ ଭେଟିଥିଲେ। ଶାସକ ଦଳର ଜଣେ ବିଧାୟକ ସବରପୁରୀ ମଧରେ ପ୍ରବେଶ କରି ଦଇତାପତିମାନଙ୍କ ସହ ଆଲୋଚନା କରିବାର ଏବଂ ତାଙ୍କ କୋଳରେ ଶୟନ କରିବାର ଫଟୋଚିତ୍ର ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ। ଏହାସହ ତାଙ୍କର ଚିଟଫଣ୍ଡ ମହାଦୁର୍ନୀତିର ସମ୍ପୃକ୍ତିର ତଦନ୍ତକୁ ତ୍ୱରାନ୍ୱିତ କରିବାପାଇଁ ମଧ ଜଣାଇଥିଲେ।

### ସୀମାନ୍ତରେ ପୁଣି ମାଓବାଦୀ ହିଂସା: ଠିକାଦାରଙ୍କୁ ହତ୍ୟା

ମାଲକାନଗିରି,୫।୧୨(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକ୍ମା, ଦାନ୍ତେୱାଡା ଜିଲାରେ ବୁଧବାର ମାଓବାଦୀ ମାନେ ଏକ ହତ୍ୟାକାଣ୍ଡ ଘଟାଇଛନ୍ତି। ଦାନ୍ତେୱାଡା ଜିଲା ଫରସପାଲ ଥାନା ଅନ୍ତର୍ଗତ କମୁଲୁରଠାରେ ଜଣେ ଠିକାଦାରଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ଗଣେଶ ନାୟକ। ସେ ଏକ ଘରୋଇ କମ୍ପାନୀରେ ଠିକା କାର୍ଯ୍ୟ କରୁଥିଲେ। ମାଓବାଦୀମାନେ ତାଙ୍କୁ ଫୋନ୍ କରି ଡକାଇ ନିକଟସ୍ଥ ଜଙ୍ଗଲରେ ଅନୁଷ୍ଠିତ ପ୍ରଜାକୋର୍ଟରେ ଗଣେଶଙ୍କୁ ଗୁଳି କରି ହତ୍ୟା କରିଛନ୍ତି।

## ■ ଖୋଲୁଛି ଶେଲ୍‌ଟର ହୋମ୍ ଗୁମର

# ପଶ୍ଚିମବଙ୍ଗ କାର୍ଯ୍ୟାଳୟରେ ହେଉଥିଲା ଧର୍ମାନ୍ତରୀକରଣ

ଢେଙ୍କାନାଳ ଅଫିସ, ୫।୧୨


ଫୟାଜ ରେହମାନ

■ଆମେରିକାରୁ ବର୍ଷକୁ ଆସୁଥିଲା ୧୫ କୋଟି
■୨ଦିନ ବଢ଼ିଲା ଫୟାଜଙ୍କ ରିମାଣ୍ଡ
■ତଦନ୍ତ ଲାଗି ପଶ୍ଚିମବଙ୍ଗ ଯିବ ପୋଲିସ
■ଜମିକିଣାରେ ଚଞ୍ଚକତା ଅଭିଯୋଗ

'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର' ପାଲଟିଥିଲା ଧର୍ମାନ୍ତରୀକରଣର ପ୍ରମୁଖ କେନ୍ଦ୍ରସ୍ଥଳ। ଏଥିରେ ଲାଗୁଥିଲା ବିଦେଶରୁ ଆସୁଥିବା ଅପର୍ଯ୍ୟାପ୍ତ ଅର୍ଥ। ଅସହାୟ ଅବସ୍ଥାରେ ରହୁଥିବା ଅନ୍ତେବାସୀଙ୍କୁ ଜୋରଜବରଦସ୍ତ ଅନ୍ୟ ଧର୍ମ ଗ୍ରହଣ କରିବାକୁ ବାଧ କରାଯାଉଥିଲା। ପଶ୍ଚିମବଙ୍ଗସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରୁଥିଲେ ଅନୁଷ୍ଠାନର ଚେୟାରମ୍ୟାନ ଡ. ଫୟାଜ ରେହମାନ। ଦୁଇଦିନିଆ ରିମାଣ୍ଡରେ ଥିବାବେଳେ ପୋଲିସର ମାରାଥନ୍ ଜେରାବେଳେ ରେହମାନଙ୍କଠାରୁ ଏଭଳି ଅନେକ ତଥ୍ୟ ହସ୍ତଗତ ହୋଇଥିବା କହିଛନ୍ତି ଏସ୍‌ପି ସନ୍ତୋଷ କୁମାର ନାୟକ। ଅନ୍ୟପଟେ ଅନ୍ତେବାସୀଙ୍କୁ ନିର୍ଯାତନା, ଯୌନଶୋଷଣ ଅଭିଯୋଗ ପରେ ଏଥିରେ ଯୋଡ଼ିହୋଇଥିବା ଧର୍ମାନ୍ତରୀକରଣ ପ୍ରସଙ୍ଗ ଏବେ ମାମଲାକୁ ନୂଆମୋଡ଼ ଦେଇଛି। ଏହାପରେ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଆଉ ଦୁଇଦିନ ବଢ଼ାଇ ଦିଆଯାଇଛି।

ଏ ସମ୍ପର୍କରେ ଏସ୍‌ପି କୁହନ୍ତି, ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର'ରେ ଶିଶୁ ଅନ୍ତେବାସୀଙ୍କୁ ଯୌନଶୋଷଣ ମାମଲାରେ ଗିରଫ ଅଭିଯୁକ୍ତ ଫୟାଜ୍‌ଙ୍କୁ ଜେରାବେଳେ ବହୁ ଚାଞ୍ଚଲ୍ୟକର ତଥ୍ୟ ହାତରେ ଲାଗିଛି। ଏହାପରେ ୨ଦିନ ରିମାଣ୍ଡ ବୃଦ୍ଧି କରିବାକୁ ଆବେଦନ କରାଯାଇଥିଲା। ଏହାକୁ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ମଞ୍ଜୁର କରିଛନ୍ତି। ଅନୁମତି ମିଳିବା ପରେ ୭ ତାରିଖ ଯାଏ ରେହମାନ ପୋଲିସ ରିମାଣ୍ଡରେ ରହିବେ।

ସେହିପରି ବିଦେଶୀ ପାଣ୍ଠି ସମ୍ପର୍କରେ ଏସ୍‌ପି କୁହନ୍ତି, କାଲିଫର୍ନିଆରୁ ଡଲାର ଆକାରରେ ଆସୁଥିବା ଅର୍ଥକୁ ଷ୍ଟେଟ୍ ବ୍ୟାଙ୍କ ଜରିଆରେ ଟଙ୍କାରେ ରୂପାନ୍ତରିତ କରାଯାଉଥିଲା। ଉକ୍ତ ଅର୍ଥ ପଶ୍ଚିମବଙ୍ଗ ରାଜ୍ୟର ପଶ୍ଚିମ ମେଦିନାପୁର ଜିଲାସ୍ଥିତ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟାଳୟର ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା। ସାଲଗାଡ଼ିଆସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଜମା ହେଉଥିବା ଟଙ୍କା ଭୁବନେଶ୍ୱରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କକୁ ଆସୁଥିଲା। ସେଠାରୁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ସହ ସଂଯୁକ୍ତ ଷ୍ଟେଟ୍‌ବ୍ୟାଙ୍କ ଶାଖାକୁ ପଠାଯାଉଥିଲା। କେବଳ ଆମେରିକାରୁ ବାର୍ଷିକ ୧୫ କୋଟି ଆସୁଥିଲା। ସେହିପରି ଭାରତର ବିଭିନ୍ନ ସ୍ଥାନରୁ ଡୋନେଶନ ଆକାରରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନରେ ପାଠପଢ଼ା, ଜାଗା କିଣିବା, ଘର ନିର୍ମାଣ କରିବାରେ ବିପୁଳ ଅର୍ଥ ବିନିଯୋଗ କରାଯାଉଥିଲା। କଲିକତାର ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ପାଖରେ ଏସବୁର ଅଡିଟ ହେଉଥିଲା। ଖର୍ଚ୍ଚ ସମ୍ପର୍କିତ କାଗଜପତ୍ର ଅନୁଧ୍ୟାନ କରାଯାଉଛି। ସାଲଗାଡ଼ିଆରେ ଥିବା ଅନୁଷ୍ଠାନ ୧୯୯୪ରେ ପ୍ରତିଷ୍ଠା ହୋଇଥିଲା। ପଶ୍ଚିମବଙ୍ଗ ସରକାରଙ୍କ ୧୯୬୧ ସୋସାଇଟି ଆକ୍ଟରେ ଏହା ପଞ୍ଜୀକୃତ ହୋଇଛି। ଓଡ଼ିଶାରେ ଏହାର ୨୫ ଶାଖା ରହିଛି। ଏସବୁ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ଲାଗି ଢେଙ୍କାନାଳ ପୋଲିସର ଏକ ଟିମ୍ ପଶ୍ଚିମବଙ୍ଗ ଯିବ। ଧର୍ମାନ୍ତରୀକରଣ ଅଭିଯୋଗ ସମ୍ପର୍କରେ ଏସ୍‌ପି କୁହନ୍ତି, ଗଣମାଧ୍ୟମରେ ପ୍ରଦର୍ଶିତ ଦୃଶ୍ୟ ଓଡ଼ିଶାର ନୁହେଁ। ଏହା ସାଲଗାଡ଼ିଆର ବୋଲି ଜେରାବେଳେ ରେହମାନ ସ୍ପଷ୍ଟ କରିଛନ୍ତି। ପ୍ରତିବର୍ଷ ଅକ୍ଟୋବରରେ ମୁଖ୍ୟ କାର୍ଯ୍ୟାଳୟକୁ ଓଡ଼ିଶାରୁ ୮୦୦ ପିଲାଙ୍କୁ ନିଆଯାଉଥିଲା। ପିଲାମାନଙ୍କ ଅନୁମତି ନେଇ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୁକ୍ତ କହିଛନ୍ତି।

ଅପରପକ୍ଷେ ବେଲଟିକିରିରେ ତିଆରି ହୋଇଥିବା ଅନୁଷ୍ଠାନର ଜମିକୁ ୨୦୧୬ରେ ଚଞ୍ଚକତା କରି କିଣାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଜମିର ପରିମାଣ ୨ ଏକର ୮ଡେସିମିଲ। ଅଞ୍ଚଳର ଜଣେ ଦଳିତ ସମ୍ପ୍ରଦାୟର ଲୋକଙ୍କଠାରୁ ସଂସ୍ଥା କର୍ତ୍ତୃପକ୍ଷ କଳବଳ କୌଶଳ ଲଗାଇ ଏହାକୁ ହାତେଇଥିବା କେତେଜଣ କହିଛନ୍ତି। ଏ ନେଇ ଜିଲାପାଳ ନିଖିଲ ପଵନ କଲ୍ୟାଣ କୁହନ୍ତି, ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରାଯିବ।

### ହାଜତରେ ସୀମାଞ୍ଚଳଙ୍କୁ ଜେରା

ଅନ୍ତେବାସୀଙ୍କୁ ନିର୍ଯାତନା, ଯୌନଶୋଷଣ ମାମଲାରେ ଛନ୍ଦି ହୋଇ ଗିରଫ ହୋଇଛନ୍ତି ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର'ର ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ। ଅନୁଷ୍ଠାନରେ ଚାଲିଥିବା କାର୍ଯ୍ୟକଳାପ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ବୁଧବାର ଅପରାହ୍ନ ୨ଟାରୁ ଦୁଇଘଣ୍ଟା ଧରି ହାଜତରେ ତାଙ୍କୁ ଜେରା କରିଥିଲେ ଏସ୍‌ପି ସନ୍ତୋଷ କୁମାର ନାୟକ। ଜେରାବେଳେ ସୀମାଞ୍ଚଳ ରେହମାନଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଦୋହରାଇଛନ୍ତି। ତାଙ୍କଠାରୁ ମିଳିଥିବା ଅନ୍ୟାନ୍ୟ ତଥ୍ୟକୁ ପୋଲିସ ଅନୁଧ୍ୟାନ କରୁଛି। ସୀମାଞ୍ଚଳ ଦେଇଥିବା ତଥ୍ୟ ଆଧାରରେ ରେହମାନଙ୍କୁ ପଚରାଉଚୁରା କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

### ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଡିବିଟି ପ୍ରଦାନ ବେଳେ ସୁପ୍ରିମକୋର୍ଟଙ୍କ ଆଧାର ରାୟ ପାଳନ କର

ଭୁବନେଶ୍ୱର,୫।୧୨

ଡିବିଟି ଆଧାରିତ ଯୋଜନାଗୁଡ଼ିକ ଲାଗି ଆଧାର ଯାଞ୍ଚ ବେଳେ ଜିଲ୍ଲାପାଳମାନେ ସୁପ୍ରିମକୋର୍ଟଙ୍କ ଏ ସଂକ୍ରାନ୍ତୀୟ ରାୟକୁ ପାଳନ କରିବା ଲାଗି କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ତଥା ଅନ୍ୟ ବ୍ୟାଙ୍କ ସେବା ଲାଗି ଆଧାର କାର୍ଡ ଯାଞ୍ଚବେଳେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଏଡିଏଆଇ) ପକ୍ଷରୁ ଅକ୍ଟୋବରରେ ଜାରି କରାଯାଇଥିବା ବିଜ୍ଞପ୍ତିକୁ ଜିଲ୍ଲାପାଳମାନେ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। କେନ୍ଦ୍ର କ୍ୟାବିନେଟ ସେକ୍ରେଟାରିଏଟ୍ ପକ୍ଷରୁ ଡିବିଟି ଆଧାରିତ ଯୋଜନା ଲାଗି ଆଧାର ଯାଞ୍ଚ ସଂକ୍ରାନ୍ତରେ ୟୁଆଇଡିଏଆଇର ବିଜ୍ଞପ୍ତି, ଅଫିସ ମେମୋରାଣ୍ଡମ ଓ ଅନ୍ୟ ଦସ୍ତାବିଜକୁ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଯାଇଛି। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ବେଳେ ଇ-କେୱାଇସି ଜରିଆରେ ଆଧାର ଆଧାରିତ ଯାଞ୍ଚ କରାଯାଇପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏଥିରେ କୌଣସି କଟକଣା ନାହିଁ। ତେବେ ଡିବିଟି ଆଧାରିତ ଯୋଜନାର ଲାଭ ପାଇବାକୁ ଚାହାନ୍ତି ବୋଲି ଲାଭାର୍ଥୀଙ୍କୁ ଘୋଷଣା କରିବାକୁ ହେବ।

## ଦୁଲ୍‌ଦୁଲିରେ ଦୁଲୁକିବ ତାମିଲ ଇଣ୍ଡଷ୍ଟ୍ରି

ଢେଙ୍କାନାଳ ଅଫିସ, ୫।୧୨

ବଲିଉଡ, ହଲିଉଡ୍ ପରେ ଏବେ ତାମିଲ ଇଣ୍ଡଷ୍ଟ୍ରିରେ ଶୁଣିବାକୁ ମିଳିବ ସମ୍ବଲପୁରୀ ଫୋକ୍ ମ୍ୟୁଜିକ୍‌ର ଧୁନ। ଦୁଲ୍‌ଦୁଲି, ନିଶାଣର ଛାତିଥରା ଶବ୍ଦରେ ନାଚିବ ସାରା ଦକ୍ଷିଣ ଭାରତ। ସୁପରଷ୍ଟାର ରଜନୀକାନ୍ତଙ୍କ ଅପ୍‌କମିଂ ତାମିଲ ଫିଲ୍ମ 'ପେଟ୍ଟା'ରେ ସମ୍ବଲପୁରୀ ବାଦ୍ୟକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଆଉ ଏହି ଗୀତରେ ନିଜର ଟ୍ୟାଲେଣ୍ଟ ଦେଖାଇ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଛନ୍ତି ଢେଙ୍କାନାଳ ପୁଅ ରୀବାସ ନାଏକ। ନିକଟରେ ଉକ୍ତ ଗୀତର ଅଡିଓ ରିଲିଜ ହୋଇଥିବାବେଳେ ୟୁଟ୍ୟୁବ୍‌ରେ ଏହାକୁ ମିଳିଛି ଭଲ ରେସ୍‌ପନ୍ସ। ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦର, ଏସ୍. ବାଲସୁବ୍ରମଣ୍ୟମ ଉକ୍ତ ଗୀତରେ କଣ୍ଠଦାନ କରିଥିବାବେଳେ ଉଭୟେ ରୀବାସଙ୍କ ପ୍ରତିଭାକୁ କରିଛନ୍ତି ପ୍ରଶଂସା।

'ପେଟ୍ଟା' ଫିଲ୍ମ ଲାଗି ଆମନ୍ତ୍ରିତ ହୋଇଥିଲେ ମା' ଦକ୍ଷିଣକାଳୀ ଶିଙ୍ଗବାଜା ଗ୍ରୁପ୍। ଏହାର ନେତୃତ୍ୱ ନେଇଥିଲେ ୨୬ବର୍ଷୀୟ ରୀବାସ। ଅନୁଷ୍ଠାନର ୯ଜଣ ସହଯୋଗୀ ମାଡ୍ରାସ ଯାଇଥିଲେ। ସେଠାକାର ଏକ ଷ୍ଟୁଡିଓରେ ସମ୍ବଲପୁରୀ ବିଟ୍‌ରେ ରେକର୍ଡିଂ ହୋଇଥିଲା 'ମାସ୍ ୟୁ ମରନ୍ମ୍'।

ନିଜର ଅନୁଭୂତି ସମ୍ପର୍କରେ ରୀବାସ କୁହନ୍ତି, ବାଜା ବଜାଇବା ଦୃଶ୍ୟ ଶୁଟିଂ କରି ସେ ୟୁଟ୍ୟୁବ୍‌ରେ ଅପ୍‌ଲୋଡ଼ କରିଥିଲେ। ଏହାକୁ ଦେଖିଥିଲେ ରଜନୀକାନ୍ତଙ୍କ ସହଯୋଗୀ। ୟୁଟ୍ୟୁବ୍‌ରେ ଦିଆଯାଇଥିବା ମୋବାଇଲ୍ ଫୋନ୍‌ରେ ସେ ଯୋଗାଯୋଗ କରିଥିଲେ। ଏହାପରେ ତାମିଲ ଫିଲ୍ମରେ ପ୍ରତିଭା ପ୍ରଦର୍ଶନ ଲାଗି ବାଟ ଖୋଲିଯାଇଥିଲା। ଏହା ସଫଳତାର ପ୍ରଥମ ସୋପାନ। ବାଦ୍ୟଯନ୍ତ୍ର ପ୍ରତି ପିଲାଟି ଦିନରୁ ନିଶା ରହିଛି। ବାହାଘର ଶୋଭାଯାତ୍ରା, ପୂଜା ଭସାଣିରେ ନିଶାଣ ଓ ଦୁଲ୍‌ଦୁଲି ବଜାଉଥିଲୁ। ଏବେ ଫିଲ୍ମରେ ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଏସବୁ ପଛରେ ବାପା ସୁଧା ନାଏକ ଏବଂ ମା' ସରିତା ନାଏକଙ୍କ ପ୍ରେରଣା ଥିବା ସେ କହିଛନ୍ତି।

ଢେଙ୍କାନାଳକୁ ଗୌରବାନ୍ୱିତ କଲେ ରୀବାସ



### ଆଜିଠୁ ଅପରାଜିତାଙ୍କ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୨(ବ୍ୟୁରୋ): ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଗୁରୁବାରଠାରୁ ନିଜ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀକୁ ଭିତ୍ତିକରି ଅପରାଜିତା ତାଙ୍କ କାର୍ଯ୍ୟକ୍ରମ ଆରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟରେ ଉତ୍ତର-ଭୁବନେଶ୍ୱର ଏବଂ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ଦଳୀୟ କାର୍ଯ୍ୟକ୍ରମ କରାଯିବ। ଅପରାଜିତା ନିଜ ରାଜନୈତିକ କାର୍ଯ୍ୟକଳାପକୁ ସୁସଙ୍ଗଠିତ କରିବା ପାଇଁ ନିଜର ସ୍ୱତନ୍ତ୍ର ଟିମ୍ କରିଛନ୍ତି। ଏହି ଟିମ୍ ତାଙ୍କର ପ୍ରତିଟି ରାଜନୈତିକ କାର୍ଯ୍ୟକୁ ପରିଚାଳନା କରିବ। ସିଧାସଳଖ ଲୋକଙ୍କ ସହ ମିଶିବା ଏବଂ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ଉପରେ ତାଙ୍କ ଟିମ୍ ଗୁରୁତ୍ୱ ଦେଉଛି। ଅପରାଜିତା ବ୍ୟକ୍ତିଗତ ଭାବେ ଯୁବବର୍ଗଙ୍କ ସହ ଯୋଡି ହୋଇ ଟିମ୍‌କୁ ଅଧିକ ମଜଭୁତ୍ କରିବାକୁ ଚାହୁଁଥିବା ଜଣାପଡିଛି।

**TENDER NOTICE**

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की अपूर्ति के लिए बोलियों आमंत्रित की जा रही है, जिनके विवरण निम्नानुसार हैं:- Regional Passport Office, Bhubaneswar is inviting the tender for hiring of car, details of which are as follows:-

| क्रमिक S. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid Submission end date | Tender ID |
|---|---|---|---|---|
| 1. | किराए पर कार (निविदा दस्तावेज में विवरण) Hiring of Car (Details in tender document) | 05.12.2018 | 27.12.2018 | 2018_MEA_415031_1 |
| 2. | Hiring of House Keeping Service (Details in tender document) | 08.12.2018 | 31.12.2018 | 2018_MEA_415225_1 |

उपरोक्त वर्णित निविदा आईडी का अपयोग करके, निविदा दस्तावेज **www.eprocure.gov.in** से डाउनलोड किया जा सकता है। Tender document may be downloaded from website: **www.eprocure.gov.in** using tender ID mentioned above.

Sd./- सुधांशु शेखर मिश्र
Sudhansu Sekhar Mishra
पासपोर्ट अधिकारी / Passport Officer, Bhubaneswar

## ସୋସିଆଲ ମିଡିଆରେ ବିଜୟ ରଖିଲେ ମନ୍ତବ୍ୟ

# 'ନିର୍ବାଚନ ଏଭଳି ହେବ କେହି ଭାବି ନ ଥିବେ'

## ■ ବ୍ୟକ୍ତି କେବେ ପ୍ରସଙ୍ଗ ହୁଏନା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଭାଜପାରୁ ଇସ୍ତଫା ଦେବାପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପରବର୍ତ୍ତୀ ରାଜନୈତିକ ନିଷ୍ପତ୍ତି କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ବୁଧବାର ସୋସିଆଲ୍ ମିଡିଆରେ ଏକ ଭିଡିଓ ଜାରି କରି ବିଜୟ ନିଜର କିଛି ମତ ପ୍ରକାଶ କରିଛନ୍ତି। ଭିଡିଓ ମାଧ୍ୟମରେ ସେ ଭାଜପାକୁ ସମାଲୋଚନା କରିବା ସହ ତାଙ୍କର ପରବର୍ତ୍ତୀ ନିଷ୍ପତ୍ତି ପରେ ରାଜନୀତିରେ ଏକ ନୂଆ ମୂଳଦୁଆ ପକାଇବ ବୋଲି କହିଛନ୍ତି।

ବିଜୟ କହିଛନ୍ତି ଯେ, ତାଙ୍କ ଇସ୍ତଫା ପରେ କେନ୍ଦ୍ରାପଡା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯେଉଁମାନେ ଭାଜପା ଛାଡିଛନ୍ତି ସେମାନଙ୍କୁ ଅଭିନନ୍ଦନ। ଗତ ୨ବର୍ଷରେ ତାଙ୍କ ସହ ଯାହା ଘଟିଲା ଦଳ ଛାଡିବା ବ୍ୟତୀତ ଅନ୍ୟ କୌଣସି ବାଟ ନ ଥିଲା। ସବୁକଥାକୁ ଖୋଲାଖୋଲି କହି ହେବନାହିଁ। ଦଳ ଛାଡିବା ପରେ ଯେଉଁମାନେ ତାଙ୍କୁ ସମାଲୋଚନା କରିଛନ୍ତି ସେମାନଙ୍କୁ ମଧ ଧନ୍ୟବାଦ। ଭାଜପାରେ ଯୋଗଦେବା ବେଳେ ଓ ଏବେ ଛାଡିବାବେଳେ କୌଣସି ମୋହ ନ ଥିବା ସେ କହିଛନ୍ତି। ଦିଲ୍ଲୀପ ରାୟ ସିବିଆଇ ମାମଲାରେ ପଡିବା କାରଣରୁ ଦଳ ଛାଡିଥିବା କଥା ଯେଉଁମାନେ କହୁଛନ୍ତି ସେମାନଙ୍କୁ କିଛି ଜଣାନାହିଁ ବୋଲି ସେ କହିଛନ୍ତି। ଯଦି ସେ ସମ୍ପର୍କରେ ମୁହଁ ଖୋଲିଲେ ପ୍ରଧାନମନ୍ତ୍ରୀଙ୍କ ମର୍ଯ୍ୟାଦା ହାନି ଘଟିବ ତେଣୁ ସେଭଳି ସେ କରିବେ ନାହିଁ ବୋଲି କହିଛନ୍ତି। ବିଗତଦିନରେ ଓଡ଼ିଶାରେ ହୋଇଥିବା ଜାତୀୟ କାର୍ଯ୍ୟକାରିଣୀରେ ଯୋଗଦେବାକୁ ତାଙ୍କ ନିକଟକୁ ଦିନକ ପୂର୍ବରୁ ପତ୍ର ଆସିଥିଲା ବୋଲି ସେ କହିଛନ୍ତି। ଜାତୀୟ ନେତାଙ୍କୁ ଜଣାଇବା ପରେ ସମସ୍ତେ ଏକଥାରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସେ ସମ୍ପର୍କରେ ଦଳର ରାଜ୍ୟ ନେତାମାନଙ୍କୁ କିଛି ଜଣାନାହିଁ। ତେଣୁ ସେମାନଙ୍କୁ ଦୋଷ ଦେଉନାହିଁ। ପାଳଗଦା ଉପରେ ଠିଆ ହୋଇ ନିଜ ଉଚ୍ଚତା ମାପିବା ଉଚିତ୍ ନୁହେଁ ବୋଲି ବିଜୟ କହିଛନ୍ତି। ୨୦୧୯ ନିର୍ବାଚନ ଏଭଳି ଗୁରୁତ୍ୱପୂର୍ଣ୍ଣ ହେବ ଯେ, ସେକଥାକୁ କେହି କେବେ ଭାବି ନ ଥିବେ। ଆଗାମୀ ଦିନର ରାଜନୈତିକ ନିଷ୍ପତ୍ତି ସମୟରେ ଯୁବକମାନଙ୍କୁ ନେଇ ମୁଖ୍ୟ ଏଜେଣ୍ଡା ସ୍ଥିର କରାଯିବ। ରାଜ୍ୟ ରାଜନୀତିରେ ନୂଆ ମୂଳଦୂଆ ପଡିବ। ଡିସେମ୍ବର ସୁଦ୍ଧା କେତେଜଣ ରାଜନୈତିକ ବନ୍ଧୁଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ହକି ବିଶ୍ୱକପ୍ ହେବା ଏକ ଗର୍ବର ବିଷୟ। ଭୁଲ୍ ଭଟକା ସମସ୍ତଙ୍କର ହେବ, ତାଙ୍କ ଜୀବନରେ ମଧ ସେ ବହୁ ଭୁଲ୍ କରିଛନ୍ତି ବୋଲି ବିଜୟ କହିଛନ୍ତି।

ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପୂର୍ବରୁ କହିସାରିଛି ପ୍ରସଙ୍ଗ କେବେହେଲେ ବ୍ୟକ୍ତି ହୁଏନାହିଁ। ବର୍ତ୍ତମାନ ପ୍ରମୁଖ ବିରୋଧୀଭାବେ ଆମ ଦାୟିତ୍ୱ ଏଠିକା ସରକାରର ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ କହିବା। ଏବେ କୌଣସି ବ୍ୟକ୍ତିର ହତାଶଭାବ ଏବଂ ଗାଳିଗୁଲଜର ଉତ୍ତର ଦେବାକୁ ଚାହୁଁନାହିଁ। ଏହା ତାଙ୍କ ସଂସ୍କାର ନୁହେଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ■ ଆଦିବାସୀ ଅଧ୍ୟୁଷିତ ବେତର ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷାର୍ଥୀ ଯେତିକି, ଶିକ୍ଷକ ସେତିକି

ବନ୍ତଳା,୫।୧୨(ଦୀନେଶ ଦେହୁରୀ)

ଜଙ୍ଗଲ ମଝିରେ ଗାଁ। ରହୁଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ୮ କିମି ଡଗର ପାହାଡ଼ିଆ ରାସ୍ତା ଯୋଗୁ ଏଠାରେ ପଡ଼ିପାରିନି ବିକାଶର ପାଦ। ନା' ଅଛନ୍ତି ଅଙ୍ଗନୱାଡି ଦିଦି ନା' ଆଶା କର୍ମୀ। ହେଲେ ଗାଁରେ ଥିବା ଏକମାତ୍ର ଶିକ୍ଷାନୁଷ୍ଠାନକୁ ନେଇ ଏବେ ସବୁଠି ଚର୍ଚ୍ଚା। କାରଣ ଏହି ବେତର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର୍ଥୀ ଯେତିକି, ଶିକ୍ଷକଙ୍କ ସଂଖ୍ୟା ମଧ ସେତିକି।

ଅନୁଗୋଳ ଜିଲା ସଦର ମହକୁମା ଠାରୁ ମାତ୍ର ୨୦ କିମି ଦୂର ଶରଧାପୁର ପଞ୍ଚାୟତ ବେତର ଗ୍ରାମରେ ରହିଛି ଏହି ସ୍କୁଲ। ପ୍ରଶାସନଠାରୁ ବେଶୀ ଦୂରତାରେ ନ ଥିଲେ ବି ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ଗାଁ ହୋଇଥିବାରୁ ବେତର ବିକାଶଠାରୁ ଅନେକ ଦୂରରେ ରହିଯାଇଛି। ସମୁଦାୟ ୩୨ଟି ପରିବାର ଏଠାରେ ବାସ କରୁଥିବାବେଳେ ଲୋକ ସଂଖ୍ୟା ୧୭୭। ୧୯୭୪ରେ ଖୋଲାଯାଇଥିବା ପ୍ରାଥମିକ ବିଦ୍ୟାଳୟ ବ୍ୟତୀତ ଏଠାରେ ସୁବିଧା ସୁଯୋଗର କୌଣସି ଚିହ୍ନବର୍ଣ୍ଣ ନାହିଁ। ଏପରି କି ପ୍ରଶାସନ ରାସ୍ତାଟିଏ ଆଜିପର୍ଯ୍ୟନ୍ତ କରିପାରି ନାହିଁ। ଏହି ଗାଁକୁ ଯିବାକୁ ହେଲେ ପଞ୍ଚାୟତ ହେଡ୍‌କ୍ୱାର୍ଟରେ ଠାରୁ ଡଗର ରାସ୍ତାରେ ୮ କିଲୋମିଟର ପାହାଡ଼ ଉପରକୁ ଯିବାକୁ ପଡ଼େ। ଜରପଡ଼ା, ଉଗି ପଟୁ ଗାଁର ଦୂରତା ୬ କିଲୋମିଟର। କିନ୍ତୁ ତାହା ମଧ ଜଙ୍ଗଲ ପାହାଡ଼ିଆ ରାସ୍ତା। ପାଦେ ପାଦେ ହାତୀ ସହ ହିଂସ୍ରଜନ୍ତୁଙ୍କ ଭୟ ରହିଛି। ଏଠାରେ ଅଙ୍ଗନୱାଡ଼ି ସେଣ୍ଟରଟିଏ ନ ଥିବାରୁ ଦୂରରେ ଥିବା ପଥରଗଡ଼ର ସେଣ୍ଟର ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ଆଦିବାସୀ ହୋଇଥିଲେ ବି ଗାଁରେ ପାଠପଢୁଆ ପିଲାଙ୍କର ଅଭାବ ନାହିଁ। ୨୦୧୪-୧୫ରେ ଏଠାରେ ୧୯ଜଣ ପିଲା ପଢୁଥିଲେ। ୨୦୧୫-୧୬ରେ ୨୩ ଛାତ୍ରୀଛାତ୍ର ଥିବାବେଳେ ୨୦୧୬-୧୭ରେ ୨୬ ପିଲା ସ୍କୁଲ ଆସୁଥିଲେ। ହେଲେ ୨୦୧୭-୧୮ରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ହଠାତ୍ ୪କୁ ଖସି ଆସିଲା। ଚଳିତବର୍ଷ ଏଠାରେ ମାତ୍ର ଜଣେ ଛାତ୍ରୀ ତୃତୀୟ ଶ୍ରେଣୀର ପୁଷ୍ପାଞ୍ଜଳି ଦେହୁରୀ ଓ ଚତୁର୍ଥ ଶ୍ରେଣୀର ବାବୁ ବେହେରା ପଢ଼ୁଛନ୍ତି। ଏମାନଙ୍କୁ ପଢ଼ାଇବାକୁ ପୂର୍ବପରି ୨ଜଣ ଶିକ୍ଷକ ଅଛନ୍ତି। ଗାଁ ସ୍କୁଲର ଏପରି ସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝି କୁହନ୍ତି, ସମସ୍ୟା ହେଉଛି ରାସ୍ତା। ବିପଦଶଙ୍କୁଳ ଅବସ୍ଥାରେ ଦୁଇ ଶିକ୍ଷକ ସ୍କୁଲ ଆସୁଛୁ। ବନ୍ୟଜନ୍ତୁଙ୍କ ଭୟ ଥିବାରୁ ଶୀଘ୍ର ଫେରିଯାଉଛୁ। ଦୁଇରୁ ଅଧିକ ଲୋକ ସାଙ୍ଗରେ ଥିଲେ ଯାଇ ପାହାଡ଼ିଆ ରାସ୍ତାରେ ଯାଇହେଉଛି। ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କହିଛନ୍ତି, ଉଭୟ ଛାତ୍ରୀଛାତ୍ରଙ୍କୁ ଏସ୍‌ଏସ୍‌ଟି ହଷ୍ଟେଲରେ ରଖି ପାଠ ପଢ଼ାଯିବାର ବ୍ୟବସ୍ଥା କରାଯିବ। ଉକ୍ତ ସ୍କୁଲଟି ବହୁ ପୂର୍ବରୁ ବନ୍ଦ ହେବା କଥା। ଛାତ୍ରଙ୍କୁ ଅନ୍ୟଜାଗାକୁ ପଢ଼ାଇ ନେଇ ଛାଡ଼ିଲେ ଅଭିଭାବକଙ୍କୁ ୩ ଶହ ଟଙ୍କା ଓ ପିଲା ପାଇଁ ୩ ଶହ ଟଙ୍କା ଏକ୍ସକର୍ଟ୍ ଆଲାଉନ୍ସ ସରକାରଙ୍କ ତରଫରୁ ଦିଆଯାଉଛି।


ଦୁଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷକ ପଢ଼ାଉଛନ୍ତି।

■୨୦୧୬-୧୭ରେ ଥିଲେ ୨୬ ଛାତ୍ରୀଛାତ୍ର
■୨୦୧୭-୧୮ରେ ସଂଖ୍ୟା ପହଞ୍ଚିଛି ୨ରେ
■ପାହାଡ଼ ଡଗର ରାସ୍ତାକୁ ଦୋଷ ଦେଲେ ଶିକ୍ଷକ





ମହାକାଳପଡା ବ୍ଲକ ଅଳାଇଲ ଗ୍ରାମ ସଂଲଗ୍ନ ଗୋବରୀ ନଦୀ ପାର୍ଶ୍ୱରୁ ବୁଧବାର ଏକ ବଉଳା କୁମ୍ଭୀରର ଗଳିତ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ଏନେଇ ବନ ବିଭାଗରେ ଖବର ଦେଇଥିଲେ। ମହାକାଳପଡା ବନାଞ୍ଚଳ ଅଧିକାରୀ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀର ମୃତଦେହ ଉଦ୍ଧାର କରିଥିଲେ।



**ସଂକ୍ଷେପରେ**

## ୭ରେ ଷ୍ଟିଲ୍‌ସିଟିରେ ଫିଲ୍ମ ଫେଷ୍ଟିଭାଲ

- ଭଞ୍ଜ ଭବନରେ ମିଳିତ ହେବେ ବହୁ କଳାକାର
- ପ୍ରଦର୍ଶିତ ହେବ ଏକାଧିକ କ୍ଷୁଦ୍ର ସିନେମା

ରାଉରକେଲା ଅଫିସ,୫। ୧୨-ଷ୍ଟିଲ ସିଟିର କଳା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ଫିଲ୍ମ କ୍ଲବ ଓ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଫିଲ୍ମ ଫେଷ୍ଟିଭାଲ ସେକ୍ଟର-୫ ଭଞ୍ଜଭବନ ଠାରେ ଆସନ୍ତା ୭ ତାରିଖରେ ଆୟୋଜନ କରାଯାଇଛି । ଏନେଇ ଫେମ୍ ଡାଇରେକ୍ଟର ହୃଷୀକେଶ ନାୟକ ବୁଧବାର ସେକ୍ଟର-୩ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅନୁଷ୍ଠାନ ଆବାହକ ହୃଷୀକେଶ ମହାପାତ୍ର କହିଛନ୍ତି, ରାଉରକେଲା ହେଉଛି କଳା ଓ କଳାରକଙ୍କ ମାଟି। ଏଇ ମାଟିର ଅନେକ କଳାକାର ଆଜି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି। ବହୁ କଳାକାର ବିଭିନ୍ନ କ୍ଷେତ୍ରରେ ରହି ନିଜ ଦକ୍ଷତା ବଳରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ତେବେ ଦୁଃଖର ବିଷୟ ସେହି କଳାକାରଙ୍କ ଉନ୍ନତି ପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଜନତାଙ୍କ ମନୋରଞ୍ଜନ କରି ନିଜେ ପେଶି ହୋଇଯାଉଥିବା କଳାକାରଙ୍କୁ ସମ୍ମାନ ଦେବାର ସମୟ ଆସିଛି ବୋଲି ମହାପାତ୍ର କହିଥିଲେ। ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଫେମ ଫିଲ୍ମ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୭ରେ ସେକ୍ଟର-୫ ଭଞ୍ଜ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ନୂତନ ଓ ନିଆରା ହେବା ସହ ଏଥିରେ ଅନେକ କଳାକାର ଯୋଗଦେବେ। ଏହି ଅବସରରେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ଓ ବହୁ କଳାକାରଙ୍କ ସମାଗମ ହେବ । ଏହି ଅବସରରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। କେବଳ ରାଉରକେଲା ନୁହେଁ ସମଗ୍ର ପଶ୍ଚିମ ଓଡିଶାର କଳା ଓ କଳାକାରଙ୍କ ସାମୂହିକ ବିକାଶ ପାଇଁ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଖବରଦାତା ସମ୍ମିଳନୀରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣା: କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମୃତ

ରାଉରକେଲା ଅଫିସ,୫।୧୨-ମଙ୍ଗଳବାର ବିଳମ୍ବିତ ରାତିରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାୟକଙ୍କ ମୃତ୍ୟୁ ଘଟିଛି। ରାତି ୧୨ଟାରେ କୁଆଁରମୁଣ୍ଡାରୁ ସେ କାର ଚଳାଇ ସେକ୍ଟର-୧୯ ସ୍ଥିତ ଘରକୁ ଫେରୁଥିଲେ । ରାଉରକେଲା ବିର୍ଶା ଛକ ନିକଟ ଡିଭାଇଡରରେ ତାଙ୍କ କାର ପିଟି ହୋଇଯିବାରୁ ସେ ଗୁରୁତର ଆହତ ହୋଇଥିଲେ । କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବୁଧବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବହୁ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ଶେଷ ଦର୍ଶନ କରିଥିଲେ । ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସେ ପରିଚିତ ଥିଲେ ।

- ୨ ଛାତ୍ରଙ୍କୁ ମାଡ ଅଭିଯୋଗ

# ଆକ୍ରମଣକାରୀ ୩ ଛାତ୍ର ବହିଷ୍କୃତ

ବ୍ରହ୍ମପୁର ଅଫିସ, ୫।୧୨

ବ୍ରହ୍ମପୁର ଉପକଣ୍ଠ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ୨ ଛାତ୍ରଙ୍କୁ ମଙ୍ଗଳବାର ରାତିରେ ମାଡ ମରାଯାଇଥିବା ଅଭିଯୋଗ ହୋଇଛି । ବ୍ରହ୍ମପୁର ବୈକୁଣ୍ଠନଗରସ୍ଥିତ ଶ୍ରୀ ହଷ୍ଟେଲରେ ରହୁଥିବା ସିଭିଲ ବ୍ରାଞ୍ଚର ଜୟ କିଶୋର ଡାଙ୍ଗ ଓ ଇଟିସି ବ୍ରାଞ୍ଚର ରଶ୍ମିରଞ୍ଜନ ବେହେରାଙ୍କୁ ସେହି କଲେଜର କେତେକ ଛାତ୍ର ହଷ୍ଟେଲରୁ ଡାକିନେଇ ମାଡ ମାରିଛନ୍ତି । ସେମାନଙ୍କୁ ଧମକାଇ ୧୦ ହଜାର ଟଙ୍କା ନେବା ସହ ସିଲଭର ବ୍ରେସ୍‌ଲେଟ ମଧ୍ୟ ଛଡାଇ ନେଇଥିବା ଘଟଣାର ଶିକାର ହୋଇଥିବା ଦୁଇଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ପୂର୍ବାହ୍ନରେ ଘଟଣାକୁ ନେଇ ଅଧ୍ୟକ୍ଷଙ୍କ ନିରପେକ୍ଷତା ଓ ମାଡ ମାରିଥିବା ଛାତ୍ରଙ୍କୁ ବହିଷ୍କାର କରିବା ଦାବିରେ କଲେଜ ଫାଟକ ଆଗରେ ଛାତ୍ରମାନେ ପାଟିତୁଣ୍ଡ କରିବା ସହ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ ।

ଛାତ୍ରଙ୍କ କହିବାନୁଯାୟୀ, ଜୟ କିଶୋର ଓ ରଶ୍ମିରଞ୍ଜନ ବ୍ରହ୍ମପୁର ବୈକୁଣ୍ଠନଗରସ୍ଥିତ ଶ୍ରୀ ହଷ୍ଟେଲରେ ଥିବା ବେଳେ ସେହି କଲେଜର ଦ୍ୱିତୀୟ ବର୍ଷ ତୃତୀୟ ସେମିଷ୍ଟରର ଇଟିସି ବ୍ରାଞ୍ଚର ଛାତ୍ର ରାଜୀବ ପ୍ରଧାନ, ପ୍ରତ୍ୟୁଷ ମହାରଣା ଓ ଅଟୋମୋବାଇଲ ବ୍ରାଞ୍ଚର ସୁଜିତ ଗୌଡ ହଷ୍ଟେଲରେ ପଶି ଉଭୟଙ୍କୁ ଜୋର ଜବରଦସ୍ତ ସିଦ୍ଧାର୍ଥନଗର ବାଲ ଗଣେଶ ସ୍କୁଲ ପାଖକୁ ନେଇ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ଜୟ ଓ ରଶ୍ମିଙ୍କୁ ୨୦ ହଜାର ଟଙ୍କା ମାଗିବା ସହ ୧୦ ରୁ ୧୫ ସହଯୋଗୀଙ୍କ ଦ୍ୱାରା ଉଭୟଙ୍କୁ ନିଘୁକ ମାଡ ମାରିଥିଲେ। ସେମାନଙ୍କଠାରୁ ୧୦ ହଜାର ଟଙ୍କା ଓ ବ୍ରେସ୍‌ଲେଟକୁ ଛଡାଇ ନେଇଥିଲେ । ତୁରନ୍ତ ବଳକା ୧୦ ହଜାର ଟଙ୍କା ନ ଦେଲେ କଲେଜରେ ପଶି ଦ୍ୱିତୀୟ ବର୍ଷ ତୃତୀୟ ସେମିଷ୍ଟରର ସମସ୍ତ ଛାତ୍ରଙ୍କୁ ମାଡ ମାରିବେ ବୋଲି ଧମକ ଦେଇଥିବା ଦୁଇ ଛାତ୍ର କହିଥିଲେ । ମଙ୍ଗଳବାର ରାତି ପ୍ରାୟ ୨ ଟାରେ ଅଧ୍ୟକ୍ଷ ହଷ୍ଟେଲରେ ପହଞ୍ଚି ଥିଲେ ମଧ୍ୟ ମାଡ ମାରିଥିବା ଛାତ୍ରଙ୍କୁ ହିଁ ସମର୍ଥନ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ମାଡ ମାରିଥିବା ୩ ଛାତ୍ରଙ୍କୁ କଲେଜରୁ ବହିଷ୍କାର କରିବା ଦାବିରେ ଛାତ୍ରମାନେ ଫାଟକ ଆଗରେ ହୋହଲ୍ଲା କରିବା ସହ ଧାରଣା ଦେଇଥିଲେ। ଅପରପକ୍ଷେ ମାଡ ମାରିଥିବା ଛାତ୍ରଙ୍କୁ ସମର୍ଥନ କରୁଥିବା ଅଭିଯୋଗକୁ ଅଧ୍ୟକ୍ଷ ଆର.କେ. ସ୍ୱାଇଁ ଖଣ୍ଡନ କରିଛନ୍ତି । ଅଧ୍ୟକ୍ଷ ସ୍ୱାଇଁ କହିଛନ୍ତି, ଘଟଣାର ସମାଧାନ ନେଇ କଲେଜ ପକ୍ଷରୁ ଶନ୍ତି କମିଟି ଡକାଯାଇଥିଲା । ବିଶୃଙ୍ଖଳା କରୁଥିବା ଉକ୍ତ ୩ ଛାତ୍ରଙ୍କୁ ବହିଷ୍କାର କରାଯାଇଛି।


ଛାତ୍ରମାନେ କଲେଜ ପରିସରରେ ଧାରଣା ଦେଇଛନ୍ତି ।

**ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ**

## ଚାଷୀ ସମସ୍ୟା ନେଇ କୈଫିୟତ ମାଗିଲା କଂଗ୍ରେସ କୃଷକ ସେଲ୍

ଭୁବନେଶ୍ୱର,୫।୧୨(ବ୍ୟୁରୋ)

କୃଷି ଆମ ଅର୍ଥନୀତିର ମୂଳ ଆଧାର। ରାଜ୍ୟ ଜନସଂଖ୍ୟାର ୮୨ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଭାବେ କୃଷି ଉପରେ ନିର୍ଭରଶୀଳ। ତ୍ରୁଟିପୂର୍ଣ୍ଣ କୃଷିନୀତି ଯୋଗୁ ସମଗ୍ର ରାଜ୍ୟରେ ଚାଷ ବିପର୍ଯ୍ୟସ୍ତ ଓ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀ ଉତ୍ପାଦନର ଉଚିତ ମୂଲ୍ୟ ପାଇପାରୁନାହିଁ। ୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଫସଲହାନି, ଅଭାବୀ ବିକ୍ରି ଓ ଋଣଭାରରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଏ ଦିଗରେ ସରକାରଙ୍କ ସମବେଦନା ପରିବର୍ତ୍ତେ ଚାଷୀକୁଳକୁ ବାରମ୍ବାର ତାଚ୍ଛଲ୍ୟ କରାଯାଉଛି। ଚାଷୀଙ୍କୁ ସରକାର ପ୍ରତାରିତ ଓ ଅଣଦେଖା କରିଚାଲିଛନ୍ତି। ସରକାର ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି କାହିଁକି ପୂରଣ କରୁନାହାନ୍ତି। ଏ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କଠାରୁ କୈଫିୟତ ତଲବ କରିଛନ୍ତି। ଚାଷୀଙ୍କ ପାଇଁ କୃଷକ କମିଶନ, କୃଷି କ୍ୟାବିନେଟ, ସ୍ୱତନ୍ତ୍ର କୃଷିନୀତି, ସ୍ୱତନ୍ତ୍ର କୃଷି ପ୍ୟାକେଜ୍ ଓ ଆଳୁ ମିଶନ, ଭାଗଚାଷୀ ଆଇନ, ମାଗଣା ବିଜୁଳି ଯୋଗାଣ ପ୍ରଭୃତି ଯୋଜନା ଓ ଘୋଷଣା ଗଲା କୁଆଡ଼େ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ଯେଉଁ ନୂଆ ଫର୍ମୁଲା ହାତଉଛନ୍ତି, ତାହା ଫଳପ୍ରଦ ହେବନାହିଁ ବୋଲି ପଟ୍ଟନାୟକ କହିଛନ୍ତି। ପୂର୍ବରୁ ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ୩୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୩ ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା, ଧାନ କୁଇଣ୍ଟାଲ ପିଛା ୩୦୦ଟଙ୍କା ବୋନସ୍ ଏବଂ ପ୍ରତି ଚାଷୀ ପରିବାରର ସମସ୍ତ ସଦସ୍ୟଙ୍କ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଁ ଦୀର୍ଘସ୍ଥାୟୀ ଆତ୍ମନିଯୁକ୍ତି ବ୍ୟବସ୍ଥା, କୃଷି ଉତ୍ପାଦନ ଖର୍ଚ୍ଚ କମାଇବାରେ ଆବଶ୍ୟକ ବ୍ୟବସ୍ଥା ଓ ରାଜ୍ୟରେ କୃଷକ କଲ୍ୟାଣ ବୋର୍ଡ ଗଠନ କରିବାକୁ ଅଧ୍ୟକ୍ଷ ଏବଂ ସେଲ୍‌ର ରାଜ୍ୟ କମିଟି କର୍ମକର୍ତ୍ତା ଦାବି କରିଛନ୍ତି।

## ଏନଆଇଟିରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ,୫।୧୨

ମଙ୍ଗଳବାର ବିଳମ୍ବିତ ରାତିରେ ଜାତୀୟ ପ୍ରଯୁକ୍ତି ସଂସ୍ଥାନ(ଏନଆଇଟି) ୱାର୍କର୍ସ ଏଣ୍ଡ ପର୍ଚେଜ ଡିପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ, କମ୍ପ୍ୟୁଟର ସହ ଟେବୁଲ ଚେୟାର ଆଦି ଜଳି ନଷ୍ଟ ହୋଇଯାଇଛି। ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡ ସମ୍ପର୍କରେ ସୁରକ୍ଷା କର୍ମୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ତେବେ ଦମକଳ ପହଞ୍ଚିବା ବେଳକୁ ସମସ୍ତ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇ ଥିଲା। ବୁଧବାର ସକାଳେ ଏନଆଇଟି ନିର୍ଦ୍ଦେଶକ ଆନିମେଶ ବିଶ୍ୱାସ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଶର୍ଟ ସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଇଛି।

## ଜାତୀୟ ଅପେକ୍ଷା ରାଜ୍ୟ ଅଭିବୃଦ୍ଧି ହାର ଅଧିକ : ଅମର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ଦ୍ୱିତୀୟ ତ୍ରୈମାସିକ, ପ୍ରଥମ ତ୍ରୈମାସିକ ତୁଳନାରେ ୧.୧ ପ୍ରତିଶତ ହ୍ରାସ ପାଇଛି। ପ୍ରଥମ ତ୍ରୈମାସିକରେ ଏହା ୮.୨% ଅଭିବୃଦ୍ଧି ହାର ଥିଲା। ଦ୍ୱିତୀୟ ତ୍ରୈମାସିକରେ ଏହି ହାର ୭.୧%ରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜାତୀୟ ଅଭିବୃଦ୍ଧି ହାର ୭.୧%ରେ ହିଁ ସୀମିତ ରହିବ । ହେଲେ ଓଡ଼ିଶା କ୍ଷେତ୍ରରେ ଅଭିବୃଦ୍ଧି ହାର ୨୦୧୩-୧୪ ରାଷ୍ଟ୍ରୀୟ ଅଭିବୃଦ୍ଧି ହାରଠାରୁ ଯଥେଷ୍ଟ ଆଗରେ ରହିଛି। ଏହି କଥା କହିଛନ୍ତି ବିଜେଡି ଆଇଟି ସେଲ୍ ପ୍ରମୁଖ ଅମର ପଟ୍ଟନାୟକ।

ଦଳୀୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମର ଏଭଳି ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଛନ୍ତି ଯେ, ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ଅଭିବୃଦ୍ଧି ହାର ୭.୧୪%ରେ ପହଞ୍ଚିଥିଲା। ହେଲେ ଦେଶର ଅଭିବୃଦ୍ଧି ହାର କେବଳ ୬.୫% ରହିଥିଲା। ଓଡ଼ିଶାର ଅର୍ଥନୀତି ଅଭିବୃଦ୍ଧି ଆସନ୍ତା ବର୍ଷମାନଙ୍କରେ ଆହୁରି ଦ୍ରୁତଗତିରେ ଅଗ୍ରସର ହେବାର ଅନେକ ସମ୍ଭାବନା ରହିଛି। ୧୯୯୯ ବେଳକୁ ଅଭିବୃଦ୍ଧି କେବଳ ୩.୮%ରେ ସୀମିତ ଥିଲା। ହେଲେ ପରବର୍ତ୍ତୀ ସମୟରେ ତଥା ୨୦୧୫-୧୬ ଆର୍ଥିକ ବର୍ଷରେ ଭାରତବର୍ଷର ଅଭିବୃଦ୍ଧି ହାର ୬.୬% ହୋଇଥିବାବେଳେ ଓଡ଼ିଶା ତାହାଠାରୁ ଯଥେଷ୍ଟ ଆଗରେ ରହି ୧୦.୪% ଅଭିବୃଦ୍ଧି ହାରରେ ଉନ୍ନତି ପଥରେ ଆଗେଇ ଚାଲିଥିଲା ବୋଲି ଅମର କହିଛନ୍ତି। ଅପରପକ୍ଷେ ଓଡ଼ିଶାରେ ଭାରତ ତୁଳନାରେ ସର୍ବାଧିକ ଘର ପିଛା ଅତିକମ୍‌ରେ ଜଣେ ଚାକିରି କରୁଥିବା ବ୍ୟକ୍ତି ରହିଥିବାର ସୂଚନା ସିଏସ୍‌ଓ ସଂସ୍ଥାର ରିପୋର୍ଟରେ ଦର୍ଶାଯାଇଛି। ବେରୋଜଗାରି କ୍ଷେତ୍ରରେ ଭାଜପା ଶାସିତ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ସ୍ଥିତି ଭଲ । 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ଯୋଗୁ ରାଜ୍ୟରେ ୫ ଲକ୍ଷ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଅମର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ଋଣ;**
**ଏ ତିନିଙ୍କି ନ ରଖିବ ପୁଣ ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରି ଦେଇଥାଏ । ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ । ସେହିପରି ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ । ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ଋଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ି ବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲ ବନ୍ଧୁ ଭୁଲ କଲ**
**ବସିବାକୁ ନାହିଁ ଠାଆ,**
**ଯେଉଁ ବାଟେ ବାଟେ ଅଇଲ ବନ୍ଧୁ**
**ସେଇ ବାଟେ ବାଟେ ଯାଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା'ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦଳିତ ବିରୋଧୀ ମନୋଭାବ ବିରୋଧରେ ବୁଧବାର ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ପିସିସି ଅନୁସୂଚିତ ଜାତି ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ପରିବାରଙ୍କୁ ଜମିପଟ୍ଟା ନ ମିଳିବାରୁ ସେମାନେ ସରକାରୀ ଯୋଜନା ଓ ଶିକ୍ଷାକ୍ଷେତ୍ରରେ ଛାତ୍ରବୃତ୍ତି ଆଦି ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରବୃତ୍ତି ଠିକ୍ ସମୟରେ ଦେବା, ରାଜ୍ୟରେ ପ୍ରତି ଦଳିତ ଓ ଆଦିବାସୀ ଗ୍ରାମକୁ ସଡ଼କ, ବିଜୁଳି ଏବଂ ପିଇବା ପାଣି, ପାଇଖାନା ପ୍ରଭୃତି ଯୋଗାଇଦେବା, ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଦିବାସୀ ଓ ଦଳିତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବା, ସରକାରୀ ସ୍ତରରେ ଖାଲି ପଡୁଥିବା ପଦବୀରେ ନିଯୁକ୍ତି ଦେବା ଆଦି ୧୫ ଦଫା ଦାବି ନେଇ ପ୍ରତିନିଧିମାନେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ପିସିସି ଅନୁସୂଚିତ ଜାତି ବିଭାଗର ସହ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଉପାଧ୍ୟକ୍ଷା ମମତାଞ୍ଜଳି ବେହେରା, ଜାନକୀ ମଲ୍ଲିକ, ଅଶୋକ ନାୟକ, ଜୟନ୍ତ ଭୋଇ, ଅଭିମନ୍ୟୁ ମଲ୍ଲିକ, କୈଳାସ ମୁଖୀ ଏବଂ ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ଗାଡଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୭୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଟଙ୍କା ନେଉନ୍ତୁ, ଧୋକା ଦେଉନୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବହୁଜନ ସମାଜ ପାର୍ଟି, ଓଡ଼ିଶା ପକ୍ଷରୁ ଭାରତ ରତ୍ନ ଡ. ବି.ଆର୍. ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏଜି ଛକ, ସକାଳ ୭ଟା। ଶୋଭାଯାତ୍ରା, ରାମ ମନ୍ଦିର, ପୂର୍ବାହ୍ନ ୧୧ଟା। ସଭା, ଲୋୟର୍ ପିଏମ୍‌ଜି ଛକ, ଅପରାହ୍ନ ୧ଟା।
- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ' ଅବସରରେ ଜୈନ ୱାକ୍‌ସ, ଉଦୟଗିରି ଟିକଟ କାଉଣ୍ଟର, ସକାଳ ୭ଟା ୩୦। 'ଭୁଫେଷ୍ଟୋ', ଆଇଜି ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ ଓ ଖାରବେଳ ପାର୍କ, ଅପରାହ୍ନ ୨ଟା ୩୦ରୁ ରାତି ୭ଟା ୩୦। ନନ୍ଦନକାନନ ସାଇକେଲ ଟୁର୍, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମୁଖ୍ୟ ଫାଟକ, ଅପରାହ୍ନ ୩ଟା ୩୦। 'କୋକ୍ ଷ୍ଟୁଡିଓ', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟା ୩୦।
- ରାଜ୍ୟ ବିଜୁ ଜନତା ଦଳ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ଡ. ବି.ଆର୍. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳନ, ବିଜେଡି କାର୍ଯ୍ୟାଳୟ, ସକାଳ ୯ଟା।
- ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏଜି ଛକ, ସକାଳ ୯ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ-୨୦୧୮, ଭଞ୍ଜ କଳାମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ନୟାଗଡ଼ ଜିଲା ଅଙ୍ଗନୱାଡ଼ି କର୍ମଚାରୀଙ୍କ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଭାଜପା ଏକାମ୍ର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜନ ପରାମର୍ଶ ଯାତ୍ରା, ସୁନ୍ଦରପଦା ପାଲା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ପକ୍ଷରୁ ଇ-ଚାଲାଣ ପ୍ରକଳ୍ପର ଶୁଭାରମ୍ଭ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜନଚେତନା ମଞ୍ଚ ପକ୍ଷରୁ 'ସମ୍ବିଧାନ ବଞ୍ଚାଅ-ଦେଶ ବଞ୍ଚାଅ' ଶୀର୍ଷକ ଆଲୋଚନା ସଭା, ଉତ୍କଳ ମଣ୍ଡପ, ଅପରାହ୍ନ ୩ଟା ୩୦।
- ଏସ୍‌ବିଆଇ ଏସ୍‌ସି/ଏସ୍‌ଟି ଏମ୍ପ୍ଲୋଇଜ୍ ୱେଲ୍‌ଫେୟାର କାଉନ୍‌ସିଲ, ଭୁବନେଶ୍ୱର ସର୍କଲ ପକ୍ଷରୁ ଭାରତ ରତ୍ନ ଡ. ବି.ଆର୍. ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, କାଉନ୍‌ସିଲର ଭୁବନେଶ୍ୱର ମୁଖ୍ୟ ଶାଖା, ୟୁନିଟ୍-୧, ସନ୍ଧ୍ୟା ୬ଟା।
- ହେଲ୍‌ପମେଟ୍ ପକ୍ଷରୁ ଶିଶୁ ମହୋତ୍ସବ, ସୂଚନା ଭବନ, ରାତି ୭ଟା।
- ସ୍ୱରାଷ୍ଟ୍ର ବିଭାଗ ସାଂସ୍କୃତିକ ସଂସଦ, ଓଡ଼ିଶା ସଚିବାଳୟର ବାର୍ଷିକ ଉତ୍ସବ-୨୦୧୮ ଉଦ୍‌ଯାପନ ଅବସରରେ ନାଟକ 'ଅପେକ୍ଷାରେ ହତଭାଗ୍ୟ ସୌଭାଗ୍ୟ', ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

**କଟକ**
- ଡ. ବି.ଆର୍. ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ହାଇକୋର୍ଟ ଛକ, ସକାଳ ୭ଟା।
- ହୋମଗାର୍ଡ ସଂଘ ପକ୍ଷରୁ ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳନ, ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ସକାଳ ୮ଟା ୩୦।
- ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମରକ୍ଷା କୌଶଳ ଶିବିର, ମହାବିଦ୍ୟାଳୟ ପରିସର, ଦେଉଳସାହି, ପୂର୍ବାହ୍ନ ୧୦ଟା ୩୦।
- ଖ୍ରୀଷ୍ଟ କଲେଜ ପକ୍ଷରୁ ଖ୍ରୀଷ୍ଟମାସ୍ କାରୋଲ୍, କଲେଜ ପରିସର, ଅପରାହ୍ନ ୪ଟା ୩୦।

**ପୁରୀ**
- ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଜୟୀ ରାଜଗୁରୁ ସମାରୋହ, ବୀରହରେକୃଷ୍ଣପୁର, ସକାଳ ୯ଟା ୩୦।

**ଖୋର୍ଦ୍ଧା**
- ହୋମଗାର୍ଡ ଦିବସ ପାଳନ, ରିଜର୍ଭ ପୋଲିସ ଅଫିସ୍, ତରତୁଆ, ସକାଳ ୯ଟା।
- ଜୟୀ ରାଜଗୁରୁଙ୍କ ୨୧୨ତମ ବଳିଦାନ ଦିବସ ସମାରୋହ, ଗୀତା ଭବନ ପଡ଼ିଆ, ଅପରାହ୍ନ ୪ଟା।

# ଡଟ୍ ଫେଷ୍ଟ 'ସପ୍ତବର୍ଣ୍ଣା'ରେ ସାତ ରଙ୍ଗ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ସାତଟି ରଙ୍ଗକୁ ନେଇ ସୃଷ୍ଟି ହୋଇଥିଲା 'ସପ୍ତବର୍ଣ୍ଣା'। ଶାସ୍ତ୍ରୀୟ, ଲୋକନୃତ୍ୟ ଏବଂ ସାମରିକ ନୃତ୍ୟକଳାକୁ ଯୋଡ଼ି ମଞ୍ଚରେ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ। ଓଡ଼ିଶା, ମଣିପୁର, ଆନ୍ଧ୍ରପ୍ରଦେଶ ଭଳି ବିଭିନ୍ନ ରାଜ୍ୟର କଳା, ସଂସ୍କୃତି ଦେଖିବାକୁ ମିଳିଥିଲା ଗୋଟିଏ ମଞ୍ଚରେ। ଅବସର ଥିଲା ଓଡ଼ିଶା ପର୍ଯ୍ୟଟନ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିତଭାବେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ଡଟ୍ ଫେଷ୍ଟ୍'। ୪ର୍ଥ ସନ୍ଧ୍ୟା ଭଳି ୫ମ ସନ୍ଧ୍ୟା ମଧ୍ୟ ବିଭିନ୍ନ ରାଜ୍ୟର କଳା, ସଂସ୍କୃତିକୁ ଆଣିଥିଲା ଡଟ୍ ଫେଷ୍ଟ ମଞ୍ଚକୁ। ଭୁବନେଶ୍ୱର ସିଟି ଫେଷ୍ଟିଭାଲ ଡଟ୍ ଫେଷ୍ଟର ୫ମ ସନ୍ଧ୍ୟାରେ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ସଂଯୋଜନାରେ ପରିବେଷିତ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୮୦ଜଣ ନୃତ୍ୟଶିଳ୍ପୀଙ୍କୁ ନେଇ ପରିବେଷିତ ନୃତ୍ୟାଭିନୟ 'ସପ୍ତବର୍ଣ୍ଣା' ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା। ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ସାତଟି ଭିନ୍ନ ଭିନ୍ନ ରଙ୍ଗକୁ ପ୍ରତୀକାତ୍ମକ ଭାବେ ଏହା ପ୍ରତିଫଳିତ କରିଥିଲା। ଶାସ୍ତ୍ରୀୟ, ଲୋକନୃତ୍ୟ ଏବଂ ସାମରିକ ନୃତ୍ୟକଳାକୁ ବାଦ୍ୟର ତାଳେତାଳେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ମଣିପୁରୀ ସହ ଓଡ଼ିଶୀ ଏବଂ ମୋହିନୀଆଟମ୍ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଶାସ୍ତ୍ରୀୟ ନୃତ୍ୟ କୁଚିପୁଡ଼ିରେ କଳାକାରଙ୍କର ଉଜ୍ଜ୍ୱଳ ପ୍ରତିଭାର ପରିଚୟ ଦେଖିବାକୁ ମିଳିଥିଲା। ପିତଳ ଥାଳିର ଧାରରେ ଶିଳ୍ପୀମାନେ ଛିଡାହୋଇ ଅତି ସୁନ୍ଦର ଭାବେ ନୃତ୍ୟ କରିଥିଲେ। ଏହାପରେ କଥକ ନୃତ୍ୟରେ କୃଷ୍ଣଙ୍କର ପ୍ରତିଫଳନକୁ ସମସ୍ତ ପ୍ରକାର ନୃତ୍ୟଶୈଳୀରେ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଏହାସହ ମଞ୍ଚରେ ଅନ୍ୟତମ ଆକର୍ଷଣ ଆଣିଥିଲେ ଜୁନିୟର ଇଣ୍ଡିଆନ୍ ଆଇଡଲ୍ ଫେମ୍ ଅନନ୍ୟା ଶ୍ରୀତମ ନନ୍ଦ। ଅନନ୍ୟାଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଉପସ୍ଥିତ ଦର୍ଶକ। ଡଟ୍ ଫେଷ୍ଟରେ ୫ମ ସନ୍ଧ୍ୟାରେ ୧୫ ହଜାରରୁ ଅଧିକ ପରିଦର୍ଶକଙ୍କ ସମାଗମ ହୋଇଥିଲା।



କଳାକାରମାନେ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।

### ଆଜିର ଆକର୍ଷଣ

ଡଟ୍‌ଫେଷ୍ଟର ୬ଷ୍ଠ ସନ୍ଧ୍ୟାରେ କୋକ୍ ଷ୍ଟୁଡିଓ ଦ୍ୱାରା ଲୋକପ୍ରିୟ ମ୍ୟୁଜିସିଆନ୍ କ୍ଲିଂଟନ୍ ସେରେଜୋ ଏବଂ ତାଙ୍କର ବ୍ୟାଣ୍ଡ୍ ମୁଖ୍ୟ ଆକର୍ଷଣ ରହିବ। ଏହି ଅବସରରେ 'ମଦାରୀ'ର ପ୍ରଦର୍ଶନ କରାଯିବ। ଯାହାକି ବହୁସଂଖ୍ୟାରେ ଦର୍ଶକଙ୍କୁ ଆକୃଷ୍ଟ କରିବ।



ଡଟ୍ ଫେଷ୍ଟର ପଞ୍ଚମ ସନ୍ଧ୍ୟାରେ ପରିବେଷିତ ଗୋଟିପୁଅ ନୃତ୍ୟ।

## ସାଇକେଲରେ ବୁଲିଲେ ଚନ୍ଦକା



ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଡଟ୍ ଫେଷ୍ଟର ପଞ୍ଚମ ଦିବସରେ ଭୁବନେଶ୍ୱର ନେଚର ୱାକ୍ କାର୍ଯ୍ୟକ୍ରମ ମାଧ୍ୟମରେ ବୁଧବାର ପ୍ରଥମ ଥର ପାଇଁ ଚନ୍ଦକା ସାଇକେଲ ଟ୍ରେଲ ଆରମ୍ଭ ହୋଇଯାଇଛି। ସକାଳ ୭ଟା ୩୦ମିନିଟ୍‌ରେ ଗୋଡ଼ିବାରି ନେଚର କ୍ୟାମ୍ପ ନିକଟରୁ ଏହି ଟ୍ରେଲ ଆରମ୍ଭ ହୋଇଥିଲା। ୬ଜଣ ସାଇକେଲ ଆରୋହୀ ଏଥିରେ ଭାଗ ନେଇଥିଲେ। ସଂରକ୍ଷିତ ଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ସମ୍ପର୍କରେ ଜାଣିବା ଏହି ଟ୍ରେଲର ଉଦ୍ଦେଶ୍ୟ। ଶୀତୁଆ ସକାଳକୁ ପକ୍ଷୀମାନଙ୍କ ରାବ ସାଇକେଲ ଆରୋହୀଙ୍କ ମନୋବଳକୁ ଦୃଢ଼ କରିଥିଲା। ଏହା ସହିତ ଏକ ହାତୀ ଦଳର ପାଦଚିହ୍ନ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଚନ୍ଦକା ସାଇକେଲ ଟ୍ରେଲ ପ୍ରତି ରବିବାର ସକାଳ ୬ଟାରେ ଅନୁଷ୍ଠିତ ହେବ। ଏହି ଟ୍ରେଲ ସମ୍ପର୍କରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସାଇକେଲ ଆରୋହୀ ବିନୋଦ କହିଛନ୍ତି, ସାଇକେଲରେ ଚନ୍ଦକା ବୁଲିବା ସ୍ୱତନ୍ତ୍ର ଅଟେ। ସବୁ କ୍ଷେତ୍ରର ଲୋକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତୁ। ଏହା ନିଶ୍ଚିତ ଭାବେ ଏକ ଭଲ ଅନୁଭୂତି ହେବ।

## ଫୁଡ୍ ଫେଷ୍ଟିଭାଲରେ ମ୍ୟାଜିକ୍ ଶୋ'

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ଡଟ୍‌ଫେଷ୍ଟର ଫୁଡ୍ ଫେଷ୍ଟିଭାଲରେ ଲୋକମାନଙ୍କୁ ଖାଇବା ସହିତ ମନୋରଞ୍ଜନର ଖୋରାକ ଯୋଗାଇଦେବା ପାଇଁ ବୁଧବାର ଆୟୋଜିତ ହୋଇଥିଲା ମ୍ୟାଜିକ୍ ଶୋ'। ଏସ୍. ଏସ୍. ମ୍ୟାଜିକ୍ ଏକାଡେମୀର ସହ ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମ୍ୟାଜିସିଆନ୍ ସୁକେଶ ପଟ୍ଟନାୟକ ଲୋକମାନଙ୍କୁ କ୍ଲୋଜ୍ ଅପ୍ ମ୍ୟାଜିକ୍ ଦେଖାଇଥିଲେ। ପାଖାପାଖି ଅଢ଼େଇ ଘଣ୍ଟା ଧରି ସେ ଶୋ' ପ୍ରଦର୍ଶନ କରିଥିଲେ। ଲୋକେ ଖାଇବା ସହ ମ୍ୟାଜିକ୍‌ର ମଜା ନେଇଥିଲେ। ଫେଷ୍ଟିଭାଲ ଶେଷ ହେବା ପର୍ଯ୍ୟନ୍ତ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରାଯିବ। ସୂଚନାଯୋଗ୍ୟ ସୁକେଶ ପଟ୍ଟନାୟକ ଆମେରିକାରେ ୧୦ବର୍ଷ ରହି କ୍ରୁଜ୍‌ରେ ମ୍ୟାଜିକ୍ ପରିବେଷଣ କରୁଥିଲେ।

## ଆଜିଠାରୁ 'ଭୁଫେଷ୍ଟୋ'

# କାହାଣୀ ଶୁଣାଇବ ସ୍ମାର୍ଟସିଟି

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଭାରତ ହେଉଛି ସମୃଦ୍ଧ ଇତିହାସ ଓ ସଂସ୍କୃତିର ଭୂମି। କାହାଣୀ ଶୁଣି ବଡ଼ ହେବା ଏହି ଦେଶର ପ୍ରତିଟି ମଣିଷର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭାରତରେ ଲୋକମାନେ କାହାଣୀ ଶୁଣି ବଡ଼ ହୋଇଛନ୍ତି, ଯାହା ପିଢ଼ି ପିଢ଼ି ଧରି ଚାଲିଛି ଓ ଲୋକମାନଙ୍କୁ କେବଳ ଜୀବନର ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇନାହିଁ ବରଂ ସମୃଦ୍ଧ ସଂସ୍କୃତି ବିଷୟରେ ଜଣାଇଛି। ଏଭଳି ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ପାଇଁ ଡଟ୍ ଫେଷ୍ଟ ପକ୍ଷରୁ ଗୁରୁବାରଠାରୁ ସ୍ମାର୍ଟସିଟିରେ ଆରମ୍ଭ ହେବ 'ଭୁଫେଷ୍ଟୋ'– ଇଣ୍ଟରନ୍ୟାଶନାଲ୍ ଷ୍ଟୋରି ଟେଲିଂ ଫେଷ୍ଟିଭାଲ। ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ସହରର ୩ଟି ପାର୍କରେ ଏକକାଳୀନ ଏହା ଆୟୋଜିତ ହେବ। ଚନ୍ଦ୍ରଶେଖରପୁରର ବୁଦ୍ଧ ଜୟନ୍ତୀ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ ଓ ଖଣ୍ଡଗିରିର ଖାରବେଳ ପାର୍କରେ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଏହା ଚାଲିବ। ଏଠାକୁ ଆସୁଥିବା ଲୋକମାନଙ୍କୁ ସ୍ମାର୍ଟସିଟି କାହାଣୀ ଶୁଣିବାର ଏକ ନିଆରା ଅନୁଭୂତି ପ୍ରଦାନ କରିବ। ଆର୍ଜେଣ୍ଟିନାର ପୌଲା ମାର୍ଟିନ୍, କେନିଆର ୱଙ୍ଗାରି ଗ୍ରେସ୍, ଥାଇଲାଣ୍ଡର ଡ. ୱାଜୁପା ଟୋସା, କୋରିଆର ଡୋଙ୍ଗିଓ ବାଙ୍ଗ୍ ଓ ଫ୍ରାନ୍ସର ସାବ୍ରିନା ଆନାସ୍ତାସିଆଙ୍କ ଭଳି ବିଶ୍ୱର ପ୍ରମୁଖ କାହାଣୀ ଶୁଣାଉଥିବା ବ୍ୟକ୍ତିଙ୍କଠାରୁ ଏହି ଅବସରରେ କାହାଣୀ ଶୁଣିବାକୁ ମିଳିବ।

ବକୁଳ ଫାଉଣ୍ଡେଶନ ପକ୍ଷରୁ ଏହି ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଏଥିପାଇଁ ପାର୍କଗୁଡ଼ିକୁ ଉତ୍ସବ ଭଳି ପରିବେଶ ପ୍ରଦାନ କରାଯାଇଛି। ସେଗୁଡ଼ିକୁ ବିଭିନ୍ନ କଳାକୃତି ଜରିଆରେ ଥିମ୍ ପାର୍କରେ ପ୍ରସ୍ତୁତ କରାଯାଇଛି, ଯାହା କାହାଣୀର ଏକ ଦୁନିଆ ସୃଷ୍ଟି କରିଛି। ବୁଦ୍ଧ ଜୟନ୍ତୀ ପାର୍କକୁ ପଞ୍ଚତନ୍ତ୍ର ଦୁନିଆ ଭାବେ ବିକଶିତ କରାଯାଇଛି, ଯେଉଁଠାରେ ଏହି ବିଷୟବସ୍ତୁ ସମ୍ପର୍କିତ କଳାକୃତି ସ୍ଥାପନ କରାଯାଇଛି। ଇନ୍ଦିରା ଗାନ୍ଧୀ ପାର୍କକୁ 'ଗ୍ରିମ୍‌ସ ଫେୟାରି ଟେଲ୍' ବିଷୟବସ୍ତୁ ଓ ଖାରବେଳ ପାର୍କକୁ 'ଆରବିଆନ୍ ନାଇଟ୍‌ସ' ଥିମ୍ ଆଧାରରେ ବିକଶିତ କରାଯାଇଛି। ଫେଷ୍ଟିଭାଲ୍ ଶେଷ ହେବା ପରେ ମଧ୍ୟ ଏହି କଳାକୃତିଗୁଡ଼ିକ ପାର୍କରେ ଶୋଭା ପାଇବ।

ଭୁଫେଷ୍ଟୋ ସମ୍ପର୍କରେ ବିଏମ୍‌ସି କମିଶନର କିଷନ କୁମାର କହିଛନ୍ତି, କାହାଣୀ ଆମକୁ ଜୀବନର ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ ଓ ଏକତାର ଏକ ଭାବ ଜାଗ୍ରତ କରେ। ଭୁଫେଷ୍ଟୋ ଏକ ଶ୍ରେଷ୍ଠ ମାଧ୍ୟମ, ଯେଉଁଥିରେ କାହାଣୀ ଜରିଆରେ ଲୋକମାନଙ୍କୁ ସହର ବିଷୟରେ ଅବଗତ କରାଇପାରିବା। ସେହିପରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କାହାଣୀ ଶୁଣାଇବା ବ୍ୟକ୍ତିତ୍ୱଙ୍କ ଜରିଆରେ ସେମାନଙ୍କ ଦେଶ ଓ ସଂସ୍କୃତି ବିଷୟରେ ଏଠାକାର ଲୋକ ଜାଣିପାରିବେ। ଭୁଫେଷ୍ଟୋର ଭାରତୀୟ ପ୍ରତିନିଧି ତଥା ଭାରତର ଅନ୍ୟତମ ପ୍ରସିଦ୍ଧ କାହାଣୀ ଶୁଣାଉଥିବା ବ୍ୟକ୍ତିତ୍ୱ ଓ ଭୁଫେଷ୍ଟୋର ପରିକଳ୍ପନାକାରୀ ଦୀପା କିରଣ କହିଛନ୍ତି, 'ଭାରତରେ କାହାଣୀ ଶୁଣାଇବା କାର୍ଯ୍ୟକ୍ରମକୁ ସରକାରଙ୍କ ସମର୍ଥନ ମିଳିବା ଅତ୍ୟନ୍ତ ବିରଳ। ଭୁଫେଷ୍ଟୋକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମର୍ଥନ ମିଳିବା ନିଶ୍ଚିତ ରୂପେ ବହୁତ ବଡ଼ କଥା। ଜଣେ କାହାଣୀ ଶୁଣାଇବା ବ୍ୟକ୍ତି ଭାବେ ମୁଁ ଭୁବନେଶ୍ୱରର ଲୋକମାନଙ୍କ ସହିତ ମୋ କାହାଣୀ ବାଣ୍ଟିବାକୁ ଚାହିଁ ବସିଛି।







'ଗ୍ରିମ୍‌ସ ଫେୟାରି ଟେଲ୍' ଥିମ୍ ଆଧାରରେ ବିକଶିତ କରାଯାଇଥିବା ଇନ୍ଦିରା ଗାନ୍ଧୀ ପାର୍କ।

# ଓଡ଼ିଶୀରେ ମତ୍ସ୍ୟ ଅବତାର, କଥକରେ କୃଷ୍ଣଭକ୍ତି ଗାଥା





କୋଣାର୍କ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

କୋଣାର୍କ,୫।୧୨(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାଞ୍ଚ ଦିନ ଧରି ଚାଲିଥିବା କୋଣାର୍କ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାକୁ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଆଲୋକର ସୁନ୍ଦର ପରିପାଟୀ ଓ ସାଜସଜ୍ଜାକୁ ନେଇ ମୁକ୍ତାକାଶ ରଙ୍ଗମଞ୍ଚ ଯେତିକି ବାର୍ଣ୍ଣାଢ୍ୟ ଥିଲା ପରିବେଷିତ ଶାସ୍ତ୍ରୀୟ ନୃତ୍ୟର ଝଙ୍କାର ସେତିକି ଭାବମୟ ପରିବେଶ ସୃଷ୍ଟି କରିଥିଲା। କଥକ ନୃତ୍ୟରେ 'ଦୁର୍ଗାସ୍ତୁତି' ପରିବେଷଣ କରିଥିଲେ କୁମୁଦିନୀ ଲାଖିଆ ଓ ସାଥୀ। ପରେ କଥକ ଶୈଳୀରେ ଉପସ୍ଥାପିତ ହୋଇଥିଲା 'ଧମାର'। ମୀରାବାଈଙ୍କ ଭଜନ ଆଧାରରେ ପ୍ରସ୍ତୁତ ହୋଇଥିଲା କୃଷ୍ଣଭକ୍ତିର ମାର୍ମିକ ଉପସ୍ଥାପନା 'ବରଷେ ବଦରିୟା ସାୱନ୍ କି'। ତାଳ ଓ ଛନ୍ଦର ମିଶ୍ର ରାଗକୁ ନେଇ ଅହମ୍ମଦାବାଦର କଥକ ଅନୁଷ୍ଠାନ କଦମ୍ବର ଶିଳ୍ପୀଙ୍କ ଦଳଗତ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସୁରେଶ ସେଠୀଙ୍କ ସଙ୍ଗୀତ ସଂଯୋଜନା, ଗୁରୁ ପ୍ରଫୁଲ୍ଲ ମଙ୍ଗରାଜଙ୍କ ତାଳବାଦ୍ୟ ରଚନା ଓ ରଞ୍ଜନା ଗୌହର୍‌ଙ୍କ ନୃତ୍ୟ ସଂଯୋଜନାରେ ଓଡ଼ିଶୀ ନୃତ୍ୟରେ 'ମତ୍ସ୍ୟ ଅବତାର' ପରିବେଷଣ କରିଥିଲେ ପଦ୍ମଶ୍ରୀ ରଞ୍ଜନା ଗୌହର ଓ ସାଥୀ। ପୁରାଣର ଏହି ସୁନ୍ଦର ବୃତାନ୍ତ ମାଧ୍ୟମରେ ପ୍ରକୃତି ଓ ପରବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ ଓଡ଼ିଶୀ ନୃତ୍ୟାଙ୍ଗନା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ। ନୃତ୍ୟ ସମୀକ୍ଷକ ଥିଲେ ଡ. ସୁନିଲ୍ କୋଠାରି. ଡ. ଲୀଳା ଭେଙ୍କଟ ରମଣ ଓ ତପତି ଚୌଧୁରୀ। କାର୍ଯ୍ୟକ୍ରମକୁ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ଓ ସାଧନା ଶ୍ରୀବାସ୍ତବଙ୍କ ସଞ୍ଚାଳନା କରିଥିବାବେଳେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଶୁଭ୍ରା ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ ପତି, ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ, ସୁନିଲ କୁମାର ପଟ୍ଟନାୟକ, ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସଙ୍ଗୀତା ଗୋସାଇଁ, ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ କୁମାର ଜେନା ସହଯୋଗ କରିଥିଲେ। ଇଂ. ଜୟଦେବ ଦାସଙ୍କ ସଂଯୋଜନାରେ ଆଲୋକ ଓ ଇଂ. ତାରାକାନ୍ତ ପଣ୍ଡା ଶବ୍ଦ ପରିଚାଳନା କରିଥିଲେ।





କୋଣାର୍କ ମହୋତ୍ସବ ଅବସରରେ ପ୍ରସ୍ତୁତ ବାଲୁକାକଳା।

### କୋଣାର୍କ ମହୋତ୍ସବ-୨୦୧୮ ଉଦ୍‌ଯାପିତ

### ସରିଲା ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

୫ଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ମଧ୍ୟ ବୁଧବାର ଶେଷ ହୋଇଛି। ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲୁକା କଳା ମହୋତ୍ସବ ପର୍ଯ୍ୟଟକ ଓ ଜନସାଧାରଣଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। କୋଣାର୍କ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସମସ୍ତ ବାଲୁକା ଶିଳ୍ପୀ ଓ ଶ୍ରେଷ୍ଠ ବାଲୁକା କଳାକୁ ପୁରସ୍କୃତ କରାଯାଇଥିଲା।

## ଅଟୋ ଓଲଟି ୪ ଆହତ

**ପୁରୁଣା ଭୁବନେଶ୍ୱର, ୫।୧୨ (ଡି.ଏନ.ଏ.):** ବୁଧବାର ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ ଥାନା ମହାବୀର ଛକଠାରେ ଏକ ଅଟୋ ଓଲଟି ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସ୍ୱାଗତିକା ପଣ୍ଡା, ନିବେଦିତା ମହାନ୍ତି, ମହମ୍ମଦ ହୁସେନ ଆଉ ଜଣକଙ୍କ ନା ଜଣାପଡିନାହିଁ। ଆହତଙ୍କୁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। କଳ୍ପନାରୁ ସାମନ୍ତରାପୁର ଯାଉଥିବା ଏହି ଅଟୋ ଓଭର ଟେକ କରିବାକୁ ଯାଇ ରାସ୍ତା ମଝିରେ ଓଲଟିଯାଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଲିଙ୍ଗରାଜ ଥାନା ପୋଲିସ ଅଟୋ ଜବତ କରିବା ସହ ଘଟଣାର ଅନୁସନ୍ଧାନ ଚଳାଇଛି।



❝ କୌଣସି ଲୋକ ଯଦି କହେ ଯେ, ଆଲୋକର ପ୍ରତୀକ ଏବଂ ତା'ର ଛାଇକୁ ସେ ଘୃଣାକରେ ତା'ହେଲେ ସେ ତଥାପି ଅନ୍ଧକାରରେ ଅଛି।

- ଲିଓ ଟଲଷ୍ଟୟ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଆଜିଠାରୁ ଦେବ ଦୀପାବଳି ଉତ୍ସବ

**ପୁରୀ ଅଫିସ, ୫।୧୨:** ଶ୍ରୀମନ୍ଦିରରେ ଗୁରୁବାରଠାରୁ ଆରମ୍ଭ ହେବ ଦେବ ଦୀପାବଳି ଉତ୍ସବ। ପରମ୍ପରା ଅନୁସାରେ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦା ତିନିଦିନି ଧରି ଏହି ଉତ୍ସବ ଚାଲିବ। ପ୍ରତିଦିନ ସନ୍ଧ୍ୟା ଧୂପ ପରେ ସିଂହାସନ ତଳେ ଚାଉଳରେ ବୃକ୍ଷ କରାଯାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯିବ। ଏହି ଅବସରରେ ଶ୍ରୀମନ୍ଦିରକୁ ସୁସଜ୍ଜିତ କରାଯିବ। ଏହି ତିନିଦିନ ଠାକୁରମାନେ ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥାନ୍ତି। କାର୍ତ୍ତିକ ଅମାବାସ୍ୟାରେ ମନୁଷ୍ୟମାନଙ୍କର ଯେପରି ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଥାଏ ସେହିପରି ରତ୍ନସିଂହାସନାସୀନ ଶ୍ରୀବିଗ୍ରହମାନଙ୍କର ମାର୍ଗଶିର ଚତୁର୍ଦ୍ଦଶୀଠାରୁ ପ୍ରତିପଦା ପର୍ଯ୍ୟନ୍ତ ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହୁଏ।

### ବେଆଇନ ବାଲି, ପଥର ଚାଲାଣ: ୧୨ ଟ୍ରକ ଜବତ

**ସାକ୍ଷୀଗୋପାଳ,୫।୧୨(ଡି.ଏନ୍.ଏ.):** ବେଆଇନ ବାଲି,ପଥର ଚୋରା ଚାଲାଣ ହେଉଥିବା ଖବରପାଇ ପୁରୀ ଜିଲାର ଏକ ସ୍ୱତନ୍ତ୍ରଟିମ ବୁଧବାର ଭୋର ସମୟରେ ସାକ୍ଷୀଗୋପାଳର ବିଭିନ୍ନ ଛକ ଓ ରାଜପଥରେ ଗାଡି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ବେଳେ ୫ଟି ମାଙ୍କଡା ପଥର ଓ ୭ଟି ବାଲି ବୋଝେଇ ଟ୍ରକ ଜବତ କରାଯାଇ ସେମାନଙ୍କ ଉପରେ ଦୁଇ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସମାନ୍ତରାୟ ତହସିଲ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଓ ସତ୍ୟବାଦୀ ଥାନା ପୋଲିସ ଏହି ଚଢ଼ାଉରେ ସାମିଲ ଥିଲେ। ଜବତ ହୋଇଥିବା ଟ୍ରକ ସତ୍ୟବାଦୀ ଥାନାରେ ରଖାଯାଇଛି।

### ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଗିରଫ

**ପୁରୀ ଅଫିସ,୫।୧୨:** ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତଙ୍କୁ ସଦର ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ରାହାଙ୍ଗିରିଆର ପ୍ରମୋଦ ସେନାପତି (୩୬)। ଗତ ସେପ୍ଟେମ୍ବର ୧୫ରେ ପ୍ରମୋଦ ଉତ୍ତରପଡାର ବିମ୍ବାଧର ପଲାଇଙ୍କୁ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବିମ୍ବାଧରଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଘଟଣା ପରଠାରୁ ପ୍ରମୋଦ ଫେରାର ଥିଲେ। ବୁଧବାର ସେ ଗ୍ରାମରେ ଥିବା ଖବରପାଇ ସଦର ପୋଲିସ ଚଢ଼ଉ କରି ତାଙ୍କୁ ଧରିଥିଲା।

### ଦାଦାବଟି ଆଦାୟ, ଜଣେ ଗିରଫ

**ପୁରୀ ଅଫିସ,୫।୧୨:** ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ ଅଭିଯୋଗରେ ସଦର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ନାଉରୀକେରାର ରାମଚନ୍ଦ୍ର ମହାପାତ୍ର। ମଙ୍ଗଳବାର ରାତିରେ ରାମଚନ୍ଦ୍ର ଅଠରନଳାରେ ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ବ୍ୟବସାୟୀଙ୍କୁ ଭୟଭୀତ କରାଇ ଦାଦାବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ତାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା।

### ପଞ୍ଚାୟତ ମହାସଂଘ ଗୃହ ଉଦ୍‌ଘାଟିତ

**ପୁରୀ ଅଫିସ,୫।୧୨:** ପୁରୀ ସଦର ବ୍ଳକ ଅନ୍ତର୍ଗତ କାଶୀହରିପୁର ପଞ୍ଚାୟତର ନୂତନ ଭାବେ ନିର୍ମିତ ପଞ୍ଚାୟତ ମହାସଂଘ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ବେହେରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ମଲିକ, ସରପଞ୍ଚ ପୁଷ୍ପଲତା ଭୋଇ, ସମିତି ସଭ୍ୟା ଲକ୍ଷ୍ମୀ ମଲିକ, ନାଏବ ସରପଞ୍ଚ ଶରତ ପରିଡ଼ାଙ୍କ ସମେତ ସମସ୍ତ ପଞ୍ଚାୟତ ସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ।

## ■ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ପ୍ରସଙ୍ଗ

# ଦାମ୍ ଅଧିକ ରହିଲେ ଫାଇଦା ନେବେ ବଡ଼ବଡ଼ିଆ

**ପୁରୀ ଅଫିସ, ୫।୧୨**



ଶ୍ରୀମନ୍ଦିରରେ ଆରମ୍ଭ ହେବ ଟିକେଟ ଦର୍ଶନ ବ୍ୟବସ୍ଥା। ପୂର୍ବରୁ ପରିମାଣିକ ଟିକେଟ ଦର୍ଶନ ଢାଞ୍ଚାରେ ଏହି ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଟିକେଟ୍ ଦର୍ଶନର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଥିପାଇଁ ଏକ ସବ୍ କମିଟି ଗଠନ କରାଯାଇଛି। ଏହି କମିଟି ୧୫ ଦିନ ମଧ୍ୟରେ ଏହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଦେବାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ଟିକେଟ ଦାମ୍‌କୁ ନେଇ ଏବେ ବିଭିନ୍ନ ପ୍ରକାର ଚର୍ଚ୍ଚା ଶୁଣିବାକୁ ମିଳୁଛି। ପ୍ରଶାସନ ପରିମାଣିକ ଟିକେଟ ଦାମ୍‌ଠାରୁ ଢେର ଅଧିକ ରଖିବାକୁ ଚିନ୍ତା କରୁଥିବା ଆଲୋଚନା ହେଉଛି। ଯଦି ପ୍ରଶାସନ ଟିକେଟ୍ ଦାମ୍ ଅଧିକ ରଖେ ତେବେ ବଡ଼ବଡ଼ିଆ ହିଁ ଫାଇଦା ନେବେ। ଟିକେଟ କାଉଣ୍ଟରରେ ଭକ୍ତଙ୍କ ଗହଳି ହେବନାହିଁ ଏବଂ ଶ୍ରୀମନ୍ଦିର ପ୍ରଶାସନ କୋଳାହଳରୁ ମୁକ୍ତ ରହିବ।

ଜଗମୋହନ ମରାମତି କାମ ଆରମ୍ଭ ପୂର୍ବରୁ ଶ୍ରୀମନ୍ଦିରରେ ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା। ଯେଉଁମାନେ ଚାହୁଁଥିଲେ ୫୦ ଟଙ୍କାରେ ଟିକେଟ କାଟି ଗର୍ଭଗୃହକୁ ଯାଇ ଦର୍ଶନ କରୁଥିଲେ। ପରିମାଣିକ ଟିକେଟ୍‌ଧାରୀମାନେ ଠେଲାପେଲା ଏବଂ ଗହଳିରୁ ଏକପ୍ରକାର ନିସ୍ତାର ପାଉଥିଲେ ଏବଂ ମହାପ୍ରଭୁଙ୍କୁ ନିକଟରୁ ଦର୍ଶନ କରିପାରୁଥିଲେ। ଜଗମୋହନ ମରାମତି କାମ ଆରମ୍ଭ ହେବା ପରଠାରୁ ଏହି ବ୍ୟବସ୍ଥା ବନ୍ଦ ରହିଥିଲା। ଜଗମୋହନ ମରାମତି ପରେ ଗତ ଏପ୍ରିଲ ୧୬ରୁ ଭିତରକାଠ ନିକଟରୁ ଦର୍ଶନ ଆରମ୍ଭ ହୋଇଥିଲେ ହେଁ ପରିମାଣିକ ଟିକେଟ ବନ୍ଦ ରହିଛି। ଏବେ ଶ୍ରୀମନ୍ଦିର ପ୍ରଶାସନ ପରିମାଣିକ ଟିକେଟ ଦର୍ଶନ ଢାଞ୍ଚାରେ ଆରମ୍ଭ କରିବାକୁ ଯାଉଛି ଟିକେଟ ଦର୍ଶନ ବ୍ୟବସ୍ଥା। ଏହି ଟିକେଟ ଦର୍ଶନରେ ଭକ୍ତମାନେ କେବଳ ଭିତରକାଠ ନିକଟରେ ହିଁ ଠାକୁରଙ୍କୁ ଦର୍ଶନ କରିବେ। ଏହି ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବା ଲାଗି ଗତ ସୋମବାର ଅନୁଷ୍ଠିତ ବୈଠକରେ ପ୍ରଶାସନ ଯେଉଁ ଦାମ୍ ରଖିବ ବୋଲି ଆଲୋଚନା କରିଥିଲା ତାହାକୁ ଉପସ୍ଥିତ କେତେଜଣ ସେବାୟତ ବିରୋଧ କରିଥିଲେ। ଏତେ ଦାମ୍ ରଖାଗଲେ ସାଧାରଣ ଭକ୍ତଟିଏ ଚାହିଁଲେ ବି ଟିକେଟ ଦର୍ଶନ କରିପାରିବ ନାହିଁ ବୋଲି କହିଥିଲେ।

ଦାମ୍ ଅଧିକ ରହିଲେ କମ୍ ସଂଖ୍ୟାରେ ଟିକେଟ ବିକ୍ରି ହେବ। ଟିକେଟଧାରୀମାନେ ସୁବିଧାରେ ଯାଇ ଭଲ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ। ଗହଳି ଏବଂ ଠେଲାପେଲାରୁ ମଧ୍ୟ ସେମାନଙ୍କୁ ଏକପ୍ରକାର ମୁକ୍ତି ମିଳିବ। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ କମ୍ ସଂଖ୍ୟାରେ ଟିକେଟ ଦେଇ ପୂର୍ବରୁ ପରିମାଣିକ ଟିକେଟ ବାବଦ ଦୈନିକ ଯାହା ଆୟ ପାଉଥିଲା ତାହା ମଧ୍ୟ ପାଇବ। ଏମିତି ଲକ୍ଷ୍ୟ ରଖି ମନ୍ଦିର ପ୍ରଶାସନ ଅନ୍‌ଲାଇନରେ ୬୦ ପ୍ରତିଶତ ଟିକେଟ ଦେବା ଲାଗି ଚିନ୍ତା କରୁଥିବା ଶୁଣିବାକୁ ମିଳୁଛି।



ବିଶ୍ୱ ମୃତ୍ତିକା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମାଟିର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ

**ସାକ୍ଷୀଗୋପାଳ,୫।୧୨(ଡି.ଏନ୍.ଏ.)**

**ବିଶ୍ୱ ମୃତ୍ତିକା ଦିବସ**

ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା କୃଷି ଉପନିର୍ଦ୍ଦେଶକ ପୁରୀ ମଣ୍ଡଳ ମିଳିତ ଆନୁକୂଲ୍ୟରେ ସାକ୍ଷୀଗୋପାଳ ସରକାରୀ କୃଷି ଫାର୍ମ ପରିସରରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜୀବ ଜଗତର ମା' ହେଉଛି ମାଟି। ମାଟିର ଉର୍ବରତା ବିନା ଉତ୍କୃଷ୍ଟମାନ ଫସଲ ଅମଳ କରିବା ଅସମ୍ଭବ। ଏଣୁ ମାଟିର ସ୍ୱାସ୍ଥ୍ୟ ଅକ୍ଷୁର୍ଣ୍ଣ ରଖିବାକୁ ମୃତ୍ତିକା ବିଜ୍ଞାନୀ ସୁନୀତା ମିଶ୍ର ପରାମର୍ଶ ଦେଇଥିଲେ। ମାଟି ପରୀକ୍ଷା କରି ସେଥିରେ ଅଭାବ ଥିବା ଅମ୍ଳ, ଖାର ଓ ଲୁଣି ଅଂଶର ଅନୁପାତିକ ହାରରେ ପ୍ରୟୋଗ କରିବାକୁ ଜିଲା କୃଷି ଉପନର୍ଦ୍ଦେଶକ ଏସ ଚନ୍ଦ୍ର ଶେଖର ରାଓ କହିଥିଲେ। ପୁରୀ ଜିଲାର ୫ଲକ୍ଷ ୫୪ ହଜାର ଚାଷୀଙ୍କ ମଧ୍ୟରୁ ୧. ୭୯ ଲକ୍ଷ ଚାଷୀଙ୍କର ମାଟି ପରୀକ୍ଷା କରାଯାଇ ସେମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲାଦ ଘଡ଼ୁଆରୀ, ଧ୍ରୁବଚରଣ ଦାଶ, ସୁନୀଲ କୁମାର ପଣ୍ଡା, ବେବୀଲାଲ ମିଶ୍ର, ଡ. ପ୍ରସନ୍ନ କୁମାର ସାମନ୍ତ, ପତିତପାବନ ସାମନ୍ତରାୟ, ବିଜୟ କେତନ ସାହୁ, ଅଜୟ ବେହେରା, ଦିପ୍ତୀରେଖା ପରମଜିତା, ଶାନ୍ତା ସୁଚରିତା ଦାଶ, ସୋଲେଶ ଦାସ ଓ ସନ୍ତୋଷ ଦଳାଇ ପ୍ରମୁଖ ମାଟିରେ ଉପଯୁକ୍ତ ପରିମାଣର ଜୈବିକସାର, ଅଣୁସାର, ଜୀବାଣୁସାର ପ୍ରୟୋଗ ଜରିଆରେ ଉତ୍କୃଷ୍ଟ ଓ ଅଧିକ ଅମଳ କରିବା ଦିଗରେ ଆଲୋଚନା କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥଲା। ଜିଲାର ବିଭିନ୍ନ ବ୍ଲକରୁ ୨୫୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।

# ସୁନାଚେନ୍ ଲୁଟ୍ ମାମଲା: ୫ ଗିରଫ

**ପୁରୀ ଅଫିସ, ୫।୧୨**

ସୁନା ଚେନ୍ ଲୁଟ୍ ମାମଲାରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲୁଙ୍କେଶ୍ୱର ମହାପାତ୍ର(୨୪), ଚନ୍ଦ୍ରଶେଖର ସାହୁ(୨୬), ଦୀପକ ଦଳାଇ(୨୫), ବିଶ୍ୱନାଥ ସାହୁ ଓ ଜଗନ୍ନାଥ ମହାଲିକ। ଗତ ନଭେମ୍ବର ୨୯ରେ ଗାଣ୍ଡୁଆ ଚଉରା ଛକରେ ଶ୍ୱେତଗଙ୍ଗା ଲେନ୍‌ର ଅର୍ଚ୍ଚନା ମହାନ୍ତି ଚାଲି ଚାଲି ଯାଉଥିବାବେଳେ ବାଲୁଙ୍କେଶ୍ୱର, ଚନ୍ଦ୍ରଶେଖର ଓ ଦୀପକ ତାଙ୍କ ବେକରୁ ସୁନାଚେନ୍ ଝିମ୍ପି ନେଇଥିଲେ। ପରେ ଏହି ସୁନାଚେନକୁ ସେମାନେ ବିଶ୍ୱନାଥ ଏବଂ ଜଗନ୍ନାଥଙ୍କୁ ବିକ୍ରି କରିଥିଲେ। ଅର୍ଚ୍ଚନାଙ୍କ ଅଭିଯୋଗକ୍ରମେ ପୋଲିସ ୨୦୪/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଚାଷ ଜମିରେ ଲୁଣି ପାଣି, ଚିନ୍ତାରେ ଚାଷୀ

**ବ୍ରହ୍ମଗିରି,୫।୧୨(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ସୁନାମୁଖୀ ନଦୀରେ ସମୁଦ୍ରର ଜୁଆର ପାଣି ଆସି ପାଖାପାଖି ୨ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ଚାଷ ଜମିରେ ଲୁଣି ପାଣି ଜମି ରହିଛି। ଏ ନେଇ ପ୍ରଶାସନ ନିକଟରେ ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ମା'ବାଲିହରଚଣ୍ଡୀ ନିଟରେ ଥିବା ନରସିଂହ ପାଟଣା, ବଳଭଦ୍ର ପାଟଣା, ଜଗନ୍ନାଥ ପାଟଣା ଓ ବରୁଡି ଲୋକମାନଙ୍କ ଯାତାୟତ ପାଇଁ ନିକଟସ୍ଥ ସୁନାମୁଖୀ ନଦୀରେ ୨୦୧୪ରେ ଏକ ସେତୁ ନିର୍ମାଣ ହୋଇଛି। କିନ୍ତୁ ସେଠାରେ ସ୍ଲୁଇସ ଗେଟ ନିର୍ମାଣ ହୋଇନଥିବାରୁ ସମୁଦ୍ରରେ ଜୁଆର ବେଳେ ନଦୀ ମଧ୍ୟରେ ଲୁଣି ପାଣି ଆସି ଚାଷ ଜମିରେ ଲହଡି ମାରୁଛି। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ଗେଟ ନିର୍ମାଣ ହେଉନାହିଁ। ଫଳରେ ଚଳିତବର୍ଷ ଚାଷୀମାନେ ରବିଋତୁ ଚାଷ କରିବେ କି ନାହିଁ ତାହା ସନ୍ଦେହ ଘେରରେ ରହିଛନ୍ତି। ତୁରନ୍ତ ଏହି ସ୍ଥାନରେ ଏକ ସ୍ଲୁଇସ୍ ଗେଟ ନିର୍ମାଣପାଇଁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜଳସେଚନ ବିଭାଗର ଜେଇ ସଦାନନ୍ଦ ପ୍ରଧାନ କୁହନ୍ତି, ଏହା ହେଉଛି ଆରଡି ଡିପାର୍ଟମେଣ୍ଟର କାମ। ସ୍ଲୁଇସ ଗେଟ ନିର୍ମାଣ କରିବା କଥା ସେମାନେ ଚିନ୍ତା କରିବେ।

## ■ ୨ମାସ ପରେ ଖୋଲିଲା ଖୁଣ୍ଟିଆ ପେଟ୍ରୋଲ ପମ୍ପ

# ଠକେଇ ଅଭିଯୋଗ ପରଠାରୁ ବନ୍ଦ ଥିଲା

**ପୁରୀ ଅଫିସ, ୫।୧୨**

ଗତ ଦୁଇ ମାସ ପରେ ବୁଧବାର ଖୋଲିଲା ମେଡିକାଲ ଛକସ୍ଥିତ ଖୁଣ୍ଟିଆ ପେଟ୍ରୋଲ ପମ୍ପ। ଗତ ସେପ୍ଟେମ୍ବର ୨୮ରେ ତେଲ ଠକେଇ ଅଭିଯୋଗ ଆଣି କେତେଜଣ ଗ୍ରାହକ ପେଟ୍ରୋଲ ପମ୍ପରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗ ଏହି ପେଟ୍ରୋଲ ପମ୍ପକୁ ସିଲ୍ କରିଥିଲା। ତା' ପର ଠାରୁ ଏହା ବନ୍ଦ ରହିଥିଲା। ଗତ ନଭେମ୍ବର ୩୦ରେ ମାପ ଓ ଓଜନ ବିଭାଗର ଏକ ପ୍ରତିନିଧି ଦଳ ଏହି ପମ୍ପର ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟକୁ ଆଧାର କରି ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପମ୍ପ ଖୋଲିବା ଲାଗି ଅନୁମତି ପ୍ରଦାନ କରିଥିଲେ। ବୁଧବାର ଅପରାହ୍ନଠାରୁ ଏହି ପମ୍ପ ଖୋଲିଥିବା ମାଲିକ ରବି ନାରାୟଣ ଖୁଣ୍ଟିଆ କହିଛନ୍ତି। ତେଲ ପକାଇବା ସମୟରେ ସନ୍ଦେହ ହେଲେ ଗ୍ରାହକମାନେ ସିଧାସଳଖ ଭାବେ ପମ୍ପ ମାଲିକ ଅଥବା ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିପାରିବେ। ତୁରନ୍ତ ଏହାର ସମାଧାନ କରାଯିବ ବୋଲି ଖୁଣ୍ଟିଆ କହିଛନ୍ତି। ଗ୍ରାହକଙ୍କୁ ଉନ୍ନତମାନର ସେବା ପ୍ରଦାନ ଲାଗି ଜିଲା ପ୍ରଶାସନ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି।

# ପୁରୀ ଜିଲାରେ ଖୋଲିବ ୮୧ ନୂଆ ପେଟ୍ରୋଲ ପମ୍ପ

**ପୁରୀ ଅଫିସ, ୫।୧୨**



ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍)ର ପୁରୀ ଜିଲାରେ ବର୍ତ୍ତମାନ ୫୪ଟି ପେଟ୍ରୋଲ ପମ୍ପ ରହିଛି। ୩ କମ୍ପାନୀ ଏଠାରେ ଆଉ ୮୧ ପେଟ୍ରୋଲ ପମ୍ପ ଖୋଲିବେ। ଏଥିପାଇଁ ସଂସ୍ଥାଗୁଡ଼ିକ ପକ୍ଷରୁ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ପ୍ରକ୍ରିୟାକୁ ସରଳ ତଥା ଚୟନ ଧାରାରେ ସ୍ୱଚ୍ଛତା ପାଇଁ ପ୍ରଥମ ଥର ଲାଗି ଅନ୍‌ଲାଇନ ଆବେଦନ ବ୍ୟବସ୍ଥା ହୋଇଛି। ସେହିଭଳି ଲଟେରୀ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଆବେଦନକାରୀଙ୍କ ବୟସ ସୀମା ୨୧ ରୁ ୫୫ ମଧ୍ୟରେ ରହିଥିବା ବେଳେ ଏହାକୁ ବଢାଯାଇ ୨୧ରୁ ୬୦ ବର୍ଷ କରାଯାଇଛି। ଏହା ବାଦ୍ ଶିକ୍ଷାଗତ ଯୋଗ୍ୟତାକୁ ଗ୍ରାଜୁଏଟରୁ ମାଟ୍ରିକ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ୩ ତୈଳ କମ୍ପାନୀ ପକ୍ଷରୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। କାର୍ଯ୍ୟକ୍ରମରେ ଆଇଓସିଏଲ୍‌ର ବରିଷ୍ଠ ପ୍ରବନ୍ଧକ (କର୍ପୋରେଟ କମ୍ୟୁନିକେଶନ) ଶ୍ରୀନିବାସ ପାତ୍ର, ଆଇଓସିଏଲ୍‌ର ମ୍ୟାନଜର (ରିଟେଲ ସେଲ୍) ସତ୍ୟ ରଞ୍ଜନ ଦଳାଇ, ବିପିସିଏଲ୍‌ର ମ୍ୟାନେଜର (ସିଟି କୋକୋ) ଶ୍ରୀନିବାସନ ଏବଂ ଏଚ୍‌ପିସିଏଲ୍‌ର ବରିଷ୍ଠ ମହାପ୍ରବନ୍ଧକ (ରିଟେଲ ସେଲ) ଶୁଭବ୍ରତ ଖାନ୍ ଉପସ୍ଥିତ ଥିଲେ। ଇଚ୍ଛୁକ ଉଦ୍ୟୋଗୀମାନେ ସବିଶେଷ ବିବରଣୀ ନିର୍ଦ୍ଦିଷ୍ଟ କମ୍ପାନୀଗୁଡ଼ିକର ୱେବସାଇଟରୁ ପାଇପାରିବେ ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି।

## ■ ୮ରୁ ଦୁଇଦିନିଆ ସିଟି ଫେଷ୍ଟିଭାଲ

# ନଚାଇବେ ମୋହିତ, ସୃଷ୍ଟି ଓ ପ୍ରିୟଙ୍କା

**ପୁରୀ ଅଫିସ, ୫।୧୨**

**ରକ୍ ବ୍ୟାଣ୍ଡ, ଡିଜେ ନାଇଟ୍‌ରେ ଥରିବ ବେଳାଭୂମି**

ଭୁବନେଶ୍ୱରରେ ଚାଲିଛି ହକି ବିଶ୍ୱକପ। ମ୍ୟାଚ୍ ଦେଖିବା ଲାଗି ଦେଶ ବିଦେଶରୁ ହକିପ୍ରେମୀ ଓଡ଼ିଶା ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପୁରୀ ବୁଲି ଆସୁଛନ୍ତି। ହକି ବିଶ୍ୱକପକୁ ସ୍ମରଣୀୟ କରିବା ଏବଂ ମ୍ୟାଚ୍ ଦେଖିବା ଲାଗି ଦେଶବିଦେଶର ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିବା ଲାଗି ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି ସିଟି ଫେଷ୍ଟିଭାଲ। ଏହି ଦୁଇଦିନିଆ ଫେଷ୍ଟିଭାଲର ନାଁ ମଡ୍ ଫେଷ୍ଟ ରଖାଯାଇଛି ବୋଲି ମଙ୍ଗଳବାର ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି।

ଏହି ଫେଷ୍ଟିଭାଲର ରୂପରେଖ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ କହିଛନ୍ତି ଯେ, ୮ ଓ ୯ ତାରିଖ ସନ୍ଧ୍ୟା ସାଢେ ୬ଟାରୁ ୧୦ଟା ପର୍ଯ୍ୟନ୍ତ ବେଳାଭୂମିରେ ଏହି ସାଂସ୍କୃତିକ ଆସର ଜମିବ। ଓଡ଼ିଶା ଏବଂ ଓଡ଼ିଶା ବାହାରର କଳାକାରମାନେ ଏଥିରେ ଯୋଗଦେଇ ନାଚ, ଗୀତରେ ଦର୍ଶକଙ୍କୁ ମତୁଆଲା କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁମ୍ବାଇର ମୋହିତ ଗୌର (ଇଣ୍ଡିଆଜ ର-ଷ୍ଟାର ପ୍ରତିଯୋଗୀ), ସୃଷ୍ଟି ବରେଲୱାର ସଙ୍ଗୀତ ପରିବେଷଣ କରିବେ। ସେହିପରି ଓଡ଼ିଶାର ଅଗ୍ନିମିତ୍ର ରକ୍ ବ୍ୟାଣ୍ଡ ଅନ୍ୟତମ ଆକର୍ଷଣ ସାଜିବ। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ଯୁବା ବ୍ୟାଣ୍ଡ ସହିତ ଅମିତ୍ କୁମାର ଡିଜେ ନାଇଟ୍‌ରେ ଥରିବ ପୁରୀ ବେଳାଭୂମି। ଏଥିସହ ଶେଷ ସନ୍ଧ୍ୟାରେ ଯୁବଗୋଷ୍ଠୀଙ୍କୁ ନଚାଇବେ ଯୁବ କଣ୍ଠଶିଳ୍ପୀ ପ୍ରିୟଙ୍କା ନେଗୀ।

ହୋଟେଲ ଜମିଦାର ପ୍ୟାଲେସ୍ ପଛପାର୍ଶ୍ୱ ବେଳାଭୂମିରେ ହେବାକୁ ଥିବା ଏହି ମଡ୍ ଫେଷ୍ଟ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ। ପ୍ରାୟ ୩ ହଜାର ଦର୍ଶକ ବସିବା ଭଳି ବ୍ୟବସ୍ଥା ହେବ। ଏଥିପାଇଁ ପୋଲିସ, ଅଗ୍ନିଶମ, ସେସ୍ଥ, ସ୍ୱାସ୍ଥ୍ୟ ପ୍ରଭୃତି ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବିଭିନ୍ନ ହୋଟେଲରେ ରହୁଥିବା ପର୍ଯ୍ୟଟକ ଏବଂ କଲେଜ ଛାତ୍ରୀଛାତ୍ର କିପରି ଏହି ଫେଷ୍ଟିଭାଲକୁ ଆସିପାରିବେ ସେ ନେଇ ହୋଟେଲ ମାଲିକ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ପରେ ପ୍ରଶାସନ ତତ୍ପର

# ବୃଦ୍ଧ ପାଇବେ ଇନ୍ଦିରାଆବାସ

**ଗୋପ,୫।୧୨(ଡି.ଏନ୍.ଏ.)**

ଇନ୍ଦିରାଆବାସ ଗୃହ ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଗୋପ ବ୍ଲକର ସିଡିପିଓ ପ୍ରତିଭା ଶିଶୁଗୋସ୍ୱାମୀ, ଗଣେଶ୍ୱରପୁର ପଞ୍ଚାୟତ ସରପଞ୍ଚ ଦେବବ୍ରତ ସାହୁ, ସମିତିସଭ୍ୟ କରୁଣାକର ସାହୁ ପ୍ରମୁଖ ମାଟିଆଖାତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତର ମାଟିଆଖାତ ଗ୍ରାମର ଘନଶ୍ୟାମ ବେହେରା ଏକ ଚାଳ ଘରେ ଜୀବନ ବିତାଉଛନ୍ତି। ପୂର୍ଣ୍ଣଚନ୍ଦ୍ର ୯୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କର ଏକ ଇନ୍ଦିରାଆବାସ ଘର ନାହିଁ। ଏ ନେଇ ସେ ପ୍ରଶାସନ ପାଖରେ କହିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନାମକ ବ୍ୟକ୍ତି ଟ୍ୱିଟ୍ ଦ୍ୱାରା ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଘନଶ୍ୟାମଙ୍କ ସମ୍ପର୍କରେ ଅବଗତ କରାଇବା ପରେ ତଦନ୍ତ କରି ତୁରନ୍ତ ଇନ୍ଦିରା ଆବାସ ଯୋଗାଇଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୋପ ବିଡ଼ିଓ ଦୀପ୍ତିରାଣୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଗୋପ ବ୍ଳକ ସିଡିପିଓ ଶିଶୁଗୋସ୍ୱାମୀ ସମ୍ପୃକ୍ତ ଘନଶ୍ୟାମଙ୍କ ଘରଠାରେ ପହଞ୍ଚି ତଦନ୍ତ କରିବା ସହ ଭିନ୍ନକ୍ଷମ ସାର୍ଟିଫିକେଟ୍‌କୁ ଦେଖିଥିଲେ। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରିଣୀ ଶିଶୁ ଗୋସ୍ୱାମୀ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ କରୁଛି। ତଦନ୍ତ ପରେ ବିଡିଓଙ୍କ ମାଧ୍ୟମରେ ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ସେ କହିଥିଲେ।

## ■ କୋଣାର୍କ ଉତ୍ସବରେ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ

# ମାନବ ଶୃଙ୍ଖଳରେ ସଂହତିର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**କୋଣାର୍କ,୫।୧୨(ଡି.ଏନ୍.ଏ.)**

କୋଣାର୍କ ମହୋତ୍ସବର ଉଦ୍‌ଯାପନୀ ଦିବସରେ କୋଣାର୍କ ସାମ୍ବାଦିକ ସଂଘ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଥିଲା। ଅପରାହ୍ନରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ମୁକ୍ତାକାଶ ରଙ୍ଗମଞ୍ଚ ସମ୍ମୁଖ ପିପିଲି-କୋଣାର୍କ ମୁଖ୍ୟ ରାସ୍ତାପାର୍ଶ୍ୱରେ ମାନବ ଶୃଙ୍ଖଳ ଗଠନ କରି ଜାତୀୟ ସଂହତି, ସ୍ୱଚ୍ଛତା ଓ ସେବାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ କୋଣାର୍କ ଉତ୍ସବରେ ଅତିଥିଭାବେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ସ୍ୱେଚ୍ଛାସେବୀମାନଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ସାମ୍ବାଦିକ ସଂଘର ସଭାପତି ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ହରିଶ୍ଚନ୍ଦ୍ର ଦାଶ, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ବିନୟଭୂଷଣ ମହାନ୍ତି, ରବୀନ୍ଦ୍ରନାଥ ବାହିନୀପତି, ଦୁର୍ଗାପ୍ରସାଦ ତ୍ରିପାଠୀ, ଏନ୍.ଏ.ଶାହଃ ଅନସାରୀ, ରାମକୃଷ୍ଣ ମହାନ୍ତି ଓ ଶେଖ୍ ନିଆଜ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଭାଗିରଥୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ମହାପାତ୍ର, ମନୋରଞ୍ଜନ ପଣ୍ଡା, ସୁକାନ୍ତ ବିଶ୍ୱାଳ ଓ ରୋଜାଲିନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

**ରାଜ୍ୟପାଳ ଜଣାଇଲେ ଶୁଭେଚ୍ଛା**




ସ୍ୱେଚ୍ଛାସେବୀମାନଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁଭେଚ୍ଛା ଜଣାଉଛନ୍ତି।



ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଦୁଃଖକୁ ଡାକି ଆଣିଥାଏ।

- ଚାଣକ୍ୟ



## ସଂକ୍ଷେପରେ

### ୨ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଧୀନ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ପୁପୁନ କୁମାର ସାହୁ। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୁପୁନ ପ୍ରାୟ ୨ ବର୍ଷ ହେବ ଭୁବନେଶ୍ୱର ଆସି ଏକ ଗ୍ୟାରେଜରେ କାମ କରୁଥିଲେ। ବୁଧବାର ସେ ଏକ ବାଇକ୍ ସଜାଡ଼ିବା ପରେ ଟ୍ରାଏଲ ପାଇଁ ଭିଏସ୍‌ଏସ୍‌ନଗର ଆଡ଼କୁ ଯାଇଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ପଲ୍‌ସର ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଉଭୟ ବାଇକ ଚାଳକ ଗାଡିରୁ ଛିଟିକି ରାସ୍ତାରେ ପଡିଥିଲେ। ପୁପୁନଙ୍କ ମୁଣ୍ଡ ପଛପାର୍ଶ୍ୱ ମାଡ଼ ହୋଇଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେହିପରି ପଲସର ବାଇକରେ ଆସୁଥିବା ଚାଳକଙ୍କ ମୁଣ୍ଡ ଫାଟିଯିବା ସହ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପିସିଆର ଭ୍ୟାନ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ମାତ୍ର ପୁପୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ଭୁବନେଶ୍ୱର, ୫।୧୨(ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ଅଧୀନ ବୁଢ଼େଶ୍ୱରୀ କଲୋନୀ ନିକଟରେ ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ମହିଳା କେସୁରା ଷ୍ଟେଟବ୍ୟାଙ୍କ କଲୋନୀ ଅଞ୍ଚଳର ଚିନ୍ମୟୀ ରାଉତ ଏ ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଚିନ୍ମୟୀ ସ୍କୁଟି ନେଇ ଘରକୁ ଫେରୁଥିବାବେଳେ କଲୋନୀ ନିକଟରେ ଏକ ନମ୍ବରବିହୀନ ବାଇକ୍‌ରେ ୨ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ।

### ମହିଳା ହିଂସା ବିରୋଧୀ ଅଭିଯାନ

**ବାଲକାଟୀ,୫।୧୨(ଡି.ଏନ୍.ଏ.):** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିକ୍‌କ'ଓ 'ଦି ହଙ୍ଗର ପ୍ରୋଜେକ୍ଟ', ଅଲ ଇଣ୍ଡିଆ ଅଲିଭା ମହିଳା ପ୍ରତିନିଧି ମହାସଂଘ ଆନୁକୂଲ୍ୟରେ ଡିସେମ୍ବର ୧ତାରିଖରୁ ବାଲିଅନ୍ତା ବ୍ଲକରେ ଘରୋଇ ହିଂସା ବିରୋଧରେ ଆରମ୍ଭ ହୋଇଥିବା ଏକ ସଚେତନତା ରଥ ବୁଧବାର ଶେଷ ହୋଇଛି। ଏହାର ଉଦ୍‌ଯାପନୀ ଉତ୍ସବ ଝିଙ୍କିଶାସନ ଓ ପୁରୋହିତପୁର ପଞ୍ଚାୟତରେ ହୋଇଥିଲା। ଏହି ଅଭିଯାନ ସତ୍ୟଭାମାପୁର, ପୁରୋହିତପୁର, ଝିଙ୍କିଶାସନ, ପୂରଣପ୍ରଧାନ ଆଦି ପଞ୍ଚାୟତଗୁଡିକରେ ଦସ୍ତଖତ ଅଭିଯାନ, ଶପଥପାଠ, ସ୍ଲୋଗାନ, ଗୀତ, ପୋଷ୍ଟର ମାଧ୍ୟମରେ ହୋଇଥିଲା। ଏହାଦ୍ୱାରା କନ୍ୟାଭ୍ରୂଣ ହତ୍ୟା, ବାଲ୍ୟବିବାହ, ଯୌତୁକ ନିର୍ଯାତନା ଏବଂ ଘରୋଇ ମହିଳାଙ୍କ ଉପରେ ଅତ୍ୟାଚାର ହେଉଥିବା ବିଷୟରେ ସଚେତନ କରାଯାଇଥିଲା। ଝିଙ୍କି ପଞ୍ଚାୟତରେ ସରପଞ୍ଚ ବିଜୟଲକ୍ଷ୍ମୀ ଜେନା ଓ ପୁରୋହିତପୁରରେ ସରପଞ୍ଚ କବିତା ମାଝି ଏହି ରଥକୁ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ପିକ୍‌କ କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, କାର୍ଯ୍ୟକ୍ରମ ପରିଚାଳକ ଜ୍ୟୋତି ଶଙ୍କର ମହାନ୍ତି ଉପସ୍ଥିତ ଥିଲେ।

### ୮ଫୁଟର ଅଜଗର ଉଦ୍ଧାର



**ବାରଙ୍ଗ,୫।୧୨(ଡି.ଏନ.ଏ.):** ଅନ୍ଧାରୁଆ ପାଦପଦ୍ମମୁଣ୍ଡିଆରୁ ବୁଧବାର ସକାଳେ ଏକ ୮ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରାଯାଇଛି। ସାପଟି ମୁଣ୍ଡିଆରୁ ଆସୁଥିବାର କେତେକ ଗ୍ରାମବାସୀ ଦେଖି ସ୍ନେକ ହେଲ୍ପଲାଇନର ସଦସ୍ୟ ଆଶିଷ ବେହେରାଙ୍କୁ ଜଣାଇଥିଲେ। ଆଶିଷ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଗୋଡିବାରିରେ ଛାଡିଛନ୍ତି। ଏହାପୂର୍ବରୁ ପାଦପଦ୍ମମୁଣ୍ଡିଆରୁ ୩ଥର ଅଜଗର ସାପ ଉଦ୍ଧାର କରାଯାଇ ଚନ୍ଦକା ଜଙ୍ଗଲରେ ଛଡାଯାଇଥିବା ଆଶିଷ କହିଛନ୍ତି।

## ଶିକାରୀଙ୍କ କବ୍‌ଜାରେ ମାଳ ସଂରକ୍ଷିତ ଜଙ୍ଗଲ

# ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର

**ଖୋର୍ଦ୍ଧା ଅଫିସ/ରଣପୁର,୫।୧୨(ସ୍ୱ.ପ୍ର.)**



- ୨ମାସରେ ୬୫ରୁ ଊର୍ଦ୍ଧ୍ୱ ଜନ୍ତୁ ଶିକାର
- ଫାଶ, ବନ୍ଧୁକରେ ହେଉଛି ଶିକାର
- ମାଂସ କିଲୋ ପ୍ରତି ୫୦୦ରୁ ୮୦୦ ଟଙ୍କାରେ ହେଉଛି ବିକ୍ରି
- ସତ୍ୟତା ନାହିଁ କହି ଫାଙ୍କୁଛି ବନ ବିଭାଗ

ଖୋର୍ଦ୍ଧା ବନଖଣ୍ଡ ନୟାଗଡ ଜିଲା ରଣପୁର ରେଞ୍ଜର ମାଳ ସଂରକ୍ଷିତ ଜଙ୍ଗଲରେ ଅବାଧରେ ଚାଲିଛି ଜନ୍ତୁ ଶିକାର। ଫାଶ ଓ ବନ୍ଧୁକରେ ଗୁଳି କରି ଶିକାର କରାଯାଉଛି। ଆଉ ଉକ୍ତ ମାଂସକୁ କିଲୋ ପ୍ରତି ୫୦୦ରୁ ୮୦୦ ଟଙ୍କାରେ ସ୍ଥାନୀୟ ଅଞ୍ଚଳ ସମେତ ପ୍ରାୟ ୧୦୦କି.ମି.ମଧ୍ୟରେ ବିକ୍ରିକରାଯାଉଛି। ଗତ ୨ମାସ ମଧ୍ୟରେ ଏଠାରେ ୬୫ରୁ ଊର୍ଦ୍ଧ୍ୱ ଶମ୍ବର, କୁଟୁରା, ହରିଣ ଓ ବାର୍‌ହା ଆଦି ବନ୍ୟଜନ୍ତୁଙ୍କୁ ହତ୍ୟା କରାଗଲାଣି ବୋଲି ଅଭିଯୋଗ ହେଉଛି। ବନ ବିଭାଗ ନିକଟରେ ଏସବୁ ଖବର ରହୁଥିଲେ ମଧ୍ୟ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହି କଥାକୁ ହାଲକା ଭାବେ ନିଆଯାଉଛି। ଯାହା ଫଳରେ ଶିକାରୀମାନେ ଏହାର ଫାଇଦା ନେଇ ଜଙ୍ଗଲ ଜନ୍ତୁଙ୍କୁ ମାରି ଚାଲିଛନ୍ତି।

ମାଳସଂରକ୍ଷିତ ଜଙ୍ଗଲର ବନ୍ଧମୁଣ୍ଡା, ଶଙ୍ଖଯୋଡ଼ି, ନେଳିପଡ଼ା, ଭେଟବର, ବଜ୍ରକୋଟ ଅଞ୍ଚଳରେ ସମ୍ବର, କୁଟୁରା, ହରିଣ ଓ ବାର୍‌ହା ଆଦି ବନ୍ୟଜନ୍ତୁଙ୍କୁ ଫାଶ ଓ ଗୁଳିରେ ଶିକାର ଚାଲିଛି। ଫାଶଗୁଡ଼ିକୁ ବଡ଼ ଗଛରେ ବାନ୍ଧି ରଖାଯାଉଛି। ସେଥିରେ ରଖାଯାଇଥିବା ଖାଦ୍ୟକୁ ଖାଇବାକୁ ଯାଇ ବନ୍ୟଜନ୍ତୁ ଫାଶରେ ପଡ଼ି ଯାଉଛନ୍ତି। ପରେ ଶିକାରୀ ଜନ୍ତୁଙ୍କୁ ହତ୍ୟା କରି ଏହାର ମାଂସକୁ ଚଢ଼ା ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି। ଅନ୍ୟପକ୍ଷେ କେତେକ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ହତ୍ୟାର ଶିକାର ହେଉଛନ୍ତି। ଏଭଳି ଅନେକ ଘଟଣା ଘଟୁଥିଲେ ସୁଦ୍ଧା ଲୋକଲୋଚନକୁ ଆସିପାରୁ ନାହିଁ। ଗତ ମାସ ୧୮ରେ ଶିକାରୀମାନେ ବଜ୍ରକୋଟ ଜଙ୍ଗଲିଆ ଅଞ୍ଚଳରେ ଫାଶ ବସାଇଥିବାବେଳେ ଏକ ବାର୍‌ହା ପଡି ମରିଯାଇଥିଲା। ଶିକାରୀମାନେ ଏହା ଜାଣି ନ ପାରିବାରୁ ବାର୍‌ହାଟି ପଚିଯାଇଥିଲା। କେତେଜଣ କାଠୁରିଆଙ୍କ ନଜରରେ ଏହା ପଡିବାରୁ ଫାଶରେ ବନ୍ୟଜନ୍ତୁ ଶିକାର ହେଉଥିବା ଜଣାପଡିଥିଲା। ନିକଟରେ ଗତ ୧ ତାରିଖରେ ପୁଣି ବଜ୍ରକୋଟ ଅଞ୍ଚଳରେ ଗୋଟିଏ କୁଟୁରାକୁ ଫାଶ ପକାଇ ଶିକାର କରାଯାଇଥିଲା। କୁଟୁରାକୁ ମାରି ତାର ମାଂସକୁ ଶିକାରିମାନେ ନିଜ ଭିତରେ ବାଣ୍ଟି ନେଉଥିବାର ଫଟୋ ଭାଇରାଲ ହେବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ବିଭିନ୍ନ ସମୟରେ ରଣପୁର, ନୟାଗଡ ଅଞ୍ଚଳ ଜଙ୍ଗଲରୁ ବନ୍ୟ ଜୀବଜନ୍ତୁଙ୍କୁ ଶିକାର କରି ଏହାର ମାଂସକୁ ଚୋରାରେ ବିକ୍ରି କରାଯାଉଛି। ଏ ନେଇ ଜଣେ ଶିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି ଯେ, ଜଙ୍ଗଲରେ ହେଉଥିବା ଶିକାର ସମ୍ପର୍କରେ ବନ ବିଭାଗ ନିକଟରେ ତଥ୍ୟ ରହିଥିଲେ ସୁଦ୍ଧା ଏହାର କୌଣସି ସତ୍ୟତା ନ ଥିବା କହି ଏଡ଼ାଇ ଦିଆଯାଉଛି। ଯେଉଁ ବନ୍ୟଜୀବକୁ ଶିକାର କରାଯାଇଛି ତାହା ରଣପୁର ରେଞ୍ଜ ଅଞ୍ଚଳର ବୋଲି କ'ଣ ସତ୍ୟତା ଅଛି ବୋଲି ଓଲଟା ବନବିଭାଗ କର୍ମଚାରୀମାନେ ପ୍ରଶ୍ନ କରୁଛନ୍ତି। କିଛି ଶିକାରୀ ଲୁଚାଛପାରେ ଶିକାର କରୁଥିବାବେଳେ ଆଉ କେତେକ ପେସାଦାର ଅଛନ୍ତି। ଯେଉଁମାନେ ବନବିଭାଗର କିଛି କର୍ମଚାରୀଙ୍କୁ ହାତବାରିସି କରି ବେଧଡ଼କ ଶିକାର କରୁଛନ୍ତି। ଏହାଦ୍ୱାରା ବନବିଭାଗର କର୍ମଚାରୀଙ୍କ ମଧ୍ୟ ରୋଜଗାର ହେଉଛି ବୋଲି ଶିକାରୀ ଜଣକ କହିଛନ୍ତି। ଏବିଷୟରେ ରଣପୁର ବନ ବିଭାଗର ଏସିଏଫ୍ ଶ୍ରୀନିବାସ ରଥଙ୍କୁ ପଚାରିବାରୁ ସେ ଏନେଇ ଅବଗତ ନାହାନ୍ତି ବୋଲି କହିଛନ୍ତି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ (ଡିଏଫଓ) ସୁଦୀପ ନାୟକଙ୍କୁ ପଚାରିବାରେ ଗତ ୨ମାସରେ ୬୫ ଊର୍ଦ୍ଧ୍ୱ ବନ୍ୟଜନ୍ତୁଶିକାର ହେବାର କୌଣସି ସତ୍ୟତା ନାହିଁ। ଯେଉଁ ଶିକାର କଥା କୁହାଯାଉଛି ସେହି ବନ୍ୟଜନ୍ତୁ ରଣପୁର ରେଞ୍ଜ ଅଞ୍ଚଳରେ ହତ୍ୟା କରାଯାଇଛି ବୋଲି ତାହାର କୌଣସି ପ୍ରମାଣ ମିଳୁନି। ପ୍ରମାଣ ମିଳିଲେ କର୍ମଚାରୀ, ଶିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାୟକ କହିଛନ୍ତି।

# 'ସମୀକ୍ଷା, ନାଟକରେ ପଛରେ ପଡ଼ିଛି ଓଡ଼ିଆ ସାହିତ୍ୟ'

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ନୂତନ ଚିନ୍ତାଧାରା, ସୁଗଭୀର ପାଣ୍ଡିତ୍ୟ, ଅଭିନବ ଦୃଷ୍ଟିକୋଣ, କଠୋର ଅଧ୍ୟବସାୟ, ସାହିତ୍ୟାନୁରାଗ ଓ ଉଦାର ମଣିଷପଣିଆ, ଏଭଳି ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ପ୍ରଫେସର ଡ. ଦାଶରଥି ଦାସ। ୧୯୩୬ରେ ଅବିଭକ୍ତ କଟକ ଜିଲା ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆୟତପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦାଶରଥି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଜଣେ ପ୍ରସିଦ୍ଧ ସାହିତ୍ୟ ସମୀକ୍ଷକ, ଗବେଷକ ଓ ଜଣାଶୁଣା ଶିକ୍ଷାବିତ୍। ରେଭେନ୍‌ଶା କଲେଜରୁ ଓଡ଼ିଆରେ ସ୍ନାତକ ଏବଂ ସ୍ନାତକୋତ୍ତର କରିଥିବା ଏହି ସାହିତ୍ୟିକ ତରୁଣ ବୟସରୁ ସମାଲୋଚନା ରଚନାରେ ମନୋନିବେଶ କରିଥିଲେ। ତୀକ୍ଷ୍ଣ ଆଲୋଚନାତ୍ମକ ଦୃଷ୍ଟିକୋଣ ଯୋଗୁ ଯୁବ ବୟସରୁ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ। ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ରଖିଥିବା ଏହି ସମାଲୋଚକ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟରୁ ଦୃଷ୍ଟାନ୍ତ ଦେଇ ନିଜର ଅନ୍ତର୍ଦୃଷ୍ଟି ସାହାଯ୍ୟରେ ଓଡ଼ିଆ ସାହିତ୍ୟକୁ ଗଭୀର ଭାବେ ଅନୁଶୀଳନ କରିଥିଲେ। ତାଙ୍କ ସମାଲୋଚନା ଦ୍ୱାରା ଓଡ଼ିଆ ସାହିତ୍ୟ ସମାଲୋଚନାର ଭାଷାରେ ଯେ କେବଳ ପରିବର୍ତ୍ତନ ଆସିଛି ତାହା ନୁହେଁ, ଓଡ଼ିଆ ସାହିତ୍ୟ ସମାଲୋଚନା ଧାରାରେ ମଧ୍ୟ ଏକ ନୂତନ ଦିଗନ୍ତ ଉନ୍ମୋଚିତ ହୋଇଛି। କେବଳ ସେତିକି ନୁହେଁ, ଉଚ୍ଚକୋଟୀର ଗବେଷଣା କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ତାଙ୍କୁ ଆଉ ଏକ ପରିଚୟ ଦେଇଥିଲା। ୨୦୧୮ ମସିହା ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଏହି ସାହିତ୍ୟିକଙ୍କ ସହ 'ଧରିତ୍ରୀ'ର ସଂକ୍ଷିପ୍ତ ଆଳାପ।



ପ୍ରଫେସର ଡ. ଦାଶରଥି ଦାସ

**▸ ଏଥର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଆଶା କରିଥିଲେ? ଏଥିପାଇଁ କାହାକୁ ଶ୍ରେୟ ଦେବେ?**

❖ ଆଶା ତ ସମସ୍ତେ କରନ୍ତି। ହେଲେ ମିଳିବ କି ନ ମିଳିବ, ତାହା ନିଷ୍ପତ୍ତି ନେବା ଆମ ହାତରେ ନାହିଁ। ଖବର ଜାଣିବା ପରେ ବହୁତ ଖୁସି ଲାଗିଲା। ଏଥିପାଇଁ ମୁଁ ବିଚାରକ ମଣ୍ଡଳୀଙ୍କୁ ଧନ୍ୟବାଦ ଦେବି। ସେମାନେ ମୋ ବହିକୁ ଯୋଗ୍ୟ ଭାବି ପୁରସ୍କାର ପାଇଁ ଚୟନ କରିଛନ୍ତି। ଏହାବ୍ୟତୀତ ଯେଉଁମାନେ ଆବେଦନ ପାଇଁ ପଠାଇଥିଲେ ଏବଂ ଯେଉଁମାନେ ଏହାକୁ ସଂକ୍ଷିପ୍ତ ତାଲିକାରେ ରଖିଥିଲେ, ସେମାନଙ୍କୁ ମଧ୍ୟ ଧନ୍ୟବାଦ ଦେବି। ସମ୍ମାନ ପାଇବାର ଶ୍ରେୟ ତ ସମସ୍ତଙ୍କୁ ଦେବି। ହେଲେ କାହାକୁ କାହାକୁ ଦେବି, ତାହା ମୁଁ ଜାଣିନି।

**▸ ଆଜିକାଲି ବହୁ କମ୍ ସାହିତ୍ୟିକ ସମୀକ୍ଷା ସାହିତ୍ୟକୁ ଗୁରୁତ୍ୱ ଦେଉଛନ୍ତି। ସେ ନେଇ କ'ଣ କହିବେ?**

❖ ଓଡ଼ିଆ ସାହିତ୍ୟରେ ସମୀକ୍ଷକଙ୍କ ସଂଖ୍ୟା କମିଯାଇଛି ନିଶ୍ଚୟ। ଏହାର ପ୍ରମୁଖ କାରଣ ହେଉଛି ଆଜିକାଲି କାହା ପାଖରେ ଆଉ ସମୟ ନାହିଁ। ସାହିତ୍ୟରେ ସମୀକ୍ଷା କରିବାକୁ ହେଲେ ଯେତିକି ସମୟ ଦରକାର, ଯେତିକି ଅଧ୍ୟବସାୟ ଓ ଉଦ୍ୟମ ଦରକାର, ତାହା କରିବାକୁ କେହି ରାଜି ନୁହନ୍ତି। ବିଚାର ଓ ଆଲୋଚନା ସମୀକ୍ଷା ସାହିତ୍ୟର ଦୁଇଟି ପ୍ରମୁଖ ଅଂଶ। ମାତ୍ର ଧୀରେ ଧୀରେ ଏହା କମିଯାଉଛି। ତଥାପି କେତେଜଣ ସାହିତ୍ୟକ ଓ ଅଧ୍ୟାପକ ସମୀକ୍ଷା କରୁଛନ୍ତି। ଆଉ ଟିକେ ପରିଶ୍ରମ କଲେ ଏହା ପୂର୍ବ ସ୍ଥିତିକୁ ଯାଇପାରିବ।

**▸ ସର୍ବଭାରତୀୟ ସ୍ତରରେ ଏବେ ଓଡ଼ିଆ ସାହିତ୍ୟର ସ୍ଥିତି କିଭଳି ରହିଛି ବୋଲି ଆପଣ ଭାବୁଛନ୍ତି?**

❖ ସ୍ଥିତି ତ ଭଲ ଅଛି। କିଛି କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଆଗେଇଛି ଓ କିଛି କ୍ଷେତ୍ରରେ ପଛରେ ପଡ଼ିଯାଇଛି। ଜାତୀୟସ୍ତରରେ ଦେଖିବାକୁ ଗଲେ ଓଡ଼ିଆ ଗଳ୍ପ ଓ କାବ୍ୟ ସାହିତ୍ୟ ବେଶ୍ ଉଚ୍ଚସ୍ତରରେ ରହିଛି। ଉପନ୍ୟାସ ସାହିତ୍ୟର ସ୍ଥିତି ମଧ୍ୟ ଭଲ ଅଛି। ହେଲେ ଓଡ଼ିଆ ସାହିତ୍ୟ ସମୀକ୍ଷା ଓ ନାଟକ କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ବହୁ ପଛରେ ପଡ଼ିଯାଇଛି।

**▸ ଆଗକୁ ପାଠକମାନଙ୍କୁ କ'ଣ ନୂଆ ଭେଟିଦେବାକୁ ଯୋଜନା ରଖିଛନ୍ତି?**

❖ ବହି ଲେଖିବାକୁ ଆଉ ଦିନ ନାହିଁ। ବୟସ ଦୃଷ୍ଟିରୁ ହାତରେ ଆଉ ସମୟ ବି ନାହିଁ। ତଥାପି ଚେଷ୍ଟା ଚାଲିଛି। ବଞ୍ଚିଥିବା ଯାଏ କଲମ ଚାଳନା ଜାରିରଖିବି। 'ଭାଗବତ' ଉପରେ ଏକ ପୁସ୍ତକ ଲେଖିବାକୁ ଭାବିଛି। ଦେଖାଯାଉ କେତେଦୂର ଯାଉଛି।

**▸ ଯୁବ ସାହିତ୍ୟିକଙ୍କୁ କ'ଣ ବାର୍ତ୍ତା ଦେବେ?**

❖ ଜଣେ ସାହିତ୍ୟକ ହେବା ସହଜ କଥା ନୁହେଁ। ଏଥିପାଇଁ ପ୍ରତିଭା ଦରକାର। ଅଧ୍ୟବସାୟ ଓ ସାଧନା ଆବଶ୍ୟକ। ଦିନେ, ଦୁଇଦିନରେ କେହି ସାହିତ୍ୟିକ ହୋଇଯିବେନି। ଏଥିପାଇଁ ପଢ଼ିବା ଦରକାର। ସାହିତ୍ୟ ଉପରେ ଗଭୀର ଜ୍ଞାନ ହାସଲ କରିବା ଉଚିତ। ଦେଶ ଓ ଦେଶ ବାହାରର ସାହିତ୍ୟିକଙ୍କ ସୃଷ୍ଟିକୁ ଅନୁଶୀଳନ କରିବା ଆବଶ୍ୟକ। ଯେତେ ଅଧିକ ସାଧନା କରିବ, ସାହିତ୍ୟ ସେତେ ମାର୍ଜିତ ହେବ।

**– ରିପୋର୍ଟ: ସସ୍ମିତା ପାଇକରାୟ**

# ଆରମ୍ଭ ହେଲା ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)–** ସାଂସ୍କୃତିକୀ ପକ୍ଷରୁ ବୁଧବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ୫ଶହରୁ ଊର୍ଦ୍ଧ୍ୱ କଳାକାରଙ୍କୁ ନେଇ ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ନୃତ୍ୟ ଉତ୍ସବରେ ଚଳିତବର୍ଷ ମୁଖ୍ୟ ଆକର୍ଷଣ ରହିଛି ପୁରୁଷ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପରିବେଷଣ। ଓଡ଼ିଶୀ ନୃତ୍ୟ ଜଗତର ଆଗଧାଡ଼ିର ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନବକିଶୋର ମିଶ୍ର, ଗୁରୁ ନିରଞ୍ଜନ ରାଉତ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପୀତାମ୍ବର ବିଶ୍ୱାଳ, ଗୁରୁ ଭରତଚରଣ ଗିରି ଓ ଗୁରୁ ମନୋରଞ୍ଜନ ପ୍ରଧାନ ଏହି ଉତ୍ସବରେ ନୃତ୍ୟ ପରିବେଷଣ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବହୁ କନିଷ୍ଠ ଓ ବରିଷ୍ଠ କଳାକାର ମଞ୍ଚରେ ସେମାନଙ୍କ କଳା ନୈପୁଣ୍ୟତାକୁ ପ୍ରଦର୍ଶନ କରିଛନ୍ତି।

ରାଓ୍ୱା ଏକାଡେମୀର ଅଞ୍ଜଳିଙ୍କ ଦ୍ୱାରା ଏକକ ନୃତ୍ୟ 'ଶିବାଷ୍ଟକ' ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ରୁଷିଆର ନୃତ୍ୟଶିଳ୍ପୀ ସୋଫିଆ କୁଖାରେନକ ପ୍ରଥମେ ପଲ୍ଲବୀ ଓ ପରେ 'ମୁହାଁ ମୁହିଁ କିଶୋର' ପରିବେଷଣ କରିଥିଲେ। ଏହାପରେ ସୁରଭିର ଦିବ୍ୟଶ୍ରୀ ପଣ୍ଡାଙ୍କ ଦ୍ୱାରା ଏକକ ନୃତ୍ୟାଭିନୟରେ 'ହ ବୀରାହେ' ପରିବେଷିତ ହୋଇଥିଲା। ସେହିଭଳି ଗୁରୁ ମନୋରଞ୍ଜନ ଓ ମିନତି ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶ୍ରୀରାଧା କଳାକୁଞ୍ଜର ନୃତ୍ୟଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନ୍ୟ ଏକ ଆକର୍ଷଣ ଥିଲା ଆଦୃତା ଅନାଥ ଆଶ୍ରମର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ 'ଦଶାବତାର'। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୧୫ରୁ ଊର୍ଦ୍ଧ୍ୱ କୁନି ନୃତ୍ୟଶିଳ୍ପୀ ତାଙ୍କ ନୃତ୍ୟ ଯାଦୁଗରୀ ଦେଖାଇଥିଲେ। ୨ୟ ପର୍ଯ୍ୟାୟରେ ପ୍ରଥମେ ସଞ୍ଜୟ କୁମାର ବେହେରା ଓ ଗ୍ରୁପ୍ ପକ୍ଷରୁ 'ନମାମୀ' ପରିବେଷିତ ହୋଇଥିଲା। କେନ୍ଦୁଝରର ଶୁଭଶ୍ରୀ 'କାହିଁ ଗଲେ ମୁରଲୀ ଫୁଙ୍କା' ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ସନ୍ଧ୍ୟାରେ ୬ଟି ଏକକ ନୃତ୍ୟ ଓ ୫ଟି ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଏଥିରେ ଅତିଥିଭାବେ କେଦାର ମିଶ୍ର ଓ ଅନୁଷ୍ଠାନ ଅଧ୍ୟକ୍ଷ ଗୁରୁ ରାମହରି ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ୟାମହରି ଚକ୍ର। କାର୍ଯ୍ୟକ୍ରମରେ ଅରୁସ୍ମିତା ଆଚାର୍ଯ୍ୟ ସଂଯୋଜନା କରିଥିଲେ।




ସଞ୍ଜୟ କୁମାର ବେହେରା ଓ ସାଥୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

# ଏକାମ୍ର ପ୍ରେକ୍ଷାଳୟକୁ ୫ ହଜାର ଟଙ୍କା ଜରିମାନା

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

ବିଏମ୍‌ସିର ଏନଫୋର୍ସମେଣ୍ଟ ଅଧିକାରୀ ଏକାମ୍ର ପ୍ରେକ୍ଷାଳୟ ମାଲିକଙ୍କୁ ବୁଧବାର ୫ହଜାର ଟଙ୍କା ଜରିମାନା କରିଛନ୍ତି। ବମିଖାଲ ବ୍ରିଜ ଉପରେ ବେଆଇନ ଭାବେ ସିନେମା ପୋଷ୍ଟର ଲଗାଇ ରାଜଧାନୀର ଚିତ୍ରକୁ ବିକୃତ କରାଯାଇଥିବାରୁ ବିଏମ୍‌ସି ଏହି ପଦକ୍ଷେପ ନେଇଛି। ଏନଫୋର୍ସମେଣ୍ଟ ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର କହିଛନ୍ତି, ହକି ବିଶ୍ୱକପ ଏବଂ ସିଟି ଫେଷ୍ଟିଭାଲ ପାଇଁ ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହାର ଠିକ ପରିଚାଳନା ପାଇଁ ବିଏମ୍‌ସିର ୩ଜୋନାଲ କମିଶନରଙ୍କ ଅଧୀନରେ ୩ଟି ସ୍କ୍ୱାଡ୍ ଗଠନ କରାଯାଇ ସହରର ସୌନ୍ଦର୍ଯ୍ୟକରଣକୁ ସୁରକ୍ଷା ଦେବା ଲାଗି କାର୍ଯ୍ୟ କରାଯାଉଛି। ରାସ୍ତାଘାଟ ଏବଂ ମାର୍କେଟଗୁଡ଼ିକୁ ପରିଷ୍କାର ରଖିବା ଲୋକଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କିନ୍ତୁ ଅନେକ ସଂସ୍ଥା ବା ଅନୁଷ୍ଠାନ ବେଆଇନ ଭାବେ ପୋଷ୍ଟର ଲଗାଇ ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥା ବା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ଜଙ୍ଗଲରେ କର୍ମଜୀବୀ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗରେ ଜଣେ ଗିରଫ

**ବାରଙ୍ଗ,୫।୧୨(ଡି.ଏନ୍.ଏ.)**

ଜଙ୍ଗଲରେ ଜଣେ କର୍ମଜୀବୀ ମହିଳାଙ୍କୁ ରବିବାର ଗଣବଳାତ୍କାର ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ପାଇକେରାପୁର ଗ୍ରାମର ଟିଙ୍କିନା ମଲ୍ଲିଆ। ସୂଚନାଥାଉ କି, ଚନ୍ଦକା ଥାନା ଅଞ୍ଚଳର ଉକ୍ତ ମହିଳା ଘାଟିକିଆର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରବିବାର ସନ୍ଧ୍ୟାରେ ସେ ଅଫିସ ସାରି ଘରକୁ ଫେରୁଥିବାବେଳେ ତାଙ୍କ ସହକର୍ମୀ ଟିଙ୍କିନା ତାଙ୍କୁ ବାଟରେ ଅଟକାଇବା ସହ ଜଳଖିଆ ଖାଇବାକୁ ଡାକିଥିଲେ। କିନ୍ତୁ ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିଲେ। ଏହି ସମୟରେ ପୂର୍ବ ଯୋଜନା ମୁତାବକ ଏକ କାରରେ ଅନ୍ୟ ଦୁଇଜଣ ସେଠାରେ ପହଞ୍ଚି ଟିଙ୍କିନାଙ୍କ ସହାୟତାରେ ତାଙ୍କୁ ଉଠାଇ ନେଇଥିଲେ। ବାଟରେ ମହିଳା ଚେତାଶୂନ୍ୟ ହୋଇଯାଇଥିବା ବେଳେ ଚେତା ଫେରିବା ବେଳକୁ ଜଙ୍ଗଲ ମଧ୍ୟରେ ଥିବା ଏକ ଭଙ୍ଗାଘରେ ସେ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଏବଂ ତାଙ୍କୁ ବଳାତ୍କାର କରାଯାଇଥିବା ଜାଣିପାରିଥିଲେ। କୌଶଳକ୍ରମେ ସେଠାରୁ ସେ ଖସି ପଳାଇଆସି ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ନଂ. ୧୭୦/୧୮ରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଟିଙ୍କିନାଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି।

# ଓଲିଉଡ୍‌କୁ ଫେରିଲେ ପପୁ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଗତ କିଛିଦିନ ଧରି ଅସୁସ୍ଥ ଥିବା ପପୁ ପମ୍ ପମ୍ ସୁସ୍ଥ ହୋଇ ପୁଣିଥରେ ଓଲିଉଡ୍‌କୁ ଫେରିଛନ୍ତି। କିନ୍ତୁ ଅଭିନେତା ପରିବର୍ତ୍ତେ ଏଥର ପରଦା ପଛରେ ରହିବାକୁ ପସନ୍ଦ କରିଛନ୍ତି। ବେଶ୍ କିଛିଦିନ ପରେ ଓଡ଼ିଆ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କରୁଥିବା ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଜଣେ ନିର୍ଦ୍ଦେଶକଭାବେ ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଧ୍ୟ ଏକ ନୂଆ ଇଂନିସ ଆରମ୍ଭ କରିବାକୁ ଯାଉଛନ୍ତି ଏହି ଲୋକପ୍ରିୟ ହାସ୍ୟ କଳାକାର।

ପ୍ୟାନକ୍ରିୟାସ ସଂକ୍ରମଣ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ପପୁ ନିଜ ପ୍ରଶଂସକଙ୍କ ପାଇଁ ପୁଣିଥରେ ବଡ଼ ପରଦାକୁ ଫେରିଛନ୍ତି। ଅକ୍ଷୟ ପରିଜାଙ୍କ ପ୍ରଯୋଜିତ ଫିଲ୍ମ 'ଚିର୍‌କୁଟ୍'ରେ ନିର୍ଦ୍ଦେଶନା ଦେବାସହ ଚିତ୍ରନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶନାର ଭାର ମଧ୍ୟ ସମ୍ଭାଳିବାକୁ ଯାଉଛନ୍ତି ପପୁ ପମ୍ ପମ୍। ଏକ ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଫିଲ୍ମର ଲିଡ୍ ରୋଲରେ ସେଭଳି କୌଣସି ଜଣାଶୁଣା ଅଭିନେତା ନ ଥିବା ବେଳେ ନାୟକ ଏବଂ ନାୟିକା ଭୂମିକାରେ ଦୁଇ ନବାଗତଙ୍କୁ ଦେଖିବାକୁ ମିଳିବ। ସେହିଭଳି ଅନ୍ୟାନ୍ୟ ଭୂମିକାରେ ନାଟକ, ଯାତ୍ରା ଏପରିକି ଟିକ୍‌ଟକ୍ ଭିଡିଓ କରି ପ୍ରସିଦ୍ଧ ହୋଇଥିବା କିଛି କଳାକାରଙ୍କୁ ଦେଖିବାକୁ ମିଳିବ।

# ଏକାମ୍ରକାନନରେ ବ୍ରହ୍ମଚାରୀ



**ପୁରୁଣା ଭୁବନେଶ୍ୱର, ୫।୧୨(ଡି.ଏନ.ଏ.)**

ଏକାମ୍ରକାନନ ପ୍ରାଚୀନ ପରମ୍ପରାର ଏକ ମାଇଲ ଖୁଣ୍ଟ। ବୃକ୍ଷକୁ ଈଶ୍ୱର ସଦୃଶ ସମ୍ମାନ ଦିଆଯାଉଛି। ବୁଧବାର ବିନ୍ଦୁସାଗରର ପଶ୍ଚିମ ପାର୍ଶ୍ୱରେ ଥିବା ଏକାମ୍ରକାନନ ବନ ପରିଭ୍ରମଣରେ ଆସି ଅତିଥିମାନେ ଏହା ମତ ରଖିଛନ୍ତି। ଛତିଆର ଉଦାସ ଆଶ୍ରମର ବ୍ରହ୍ମଚାରୀ ରବୀନ୍ଦ୍ରନାଥ ଦାସ ଏଭଳି ମତ ରଖିଛନ୍ତି। ପ୍ରାୟ ୧୨ଜଣ ଅନୁଗାମୀଙ୍କ ସହ ବହ୍ମାଚାରୀ ବନ ଭ୍ରମଣ ବେଳେ ଡିଏଫଓ ଅଶୋକ ମିଶ୍ର ବନରେ ଥିବା ଶତାଧିକ ଔଷଧୀୟ ବୃକ୍ଷ ଓ ଗୁଳ୍ମ ଏବଂ ଗଛର ମହାତ୍ମ୍ୟ ସମ୍ବନ୍ଧରେ ବୁଝାଇଥିଲେ।

# ବିନ୍ଦୁସାଗରରେ ବିଦେଶୀ ପକ୍ଷୀ

**ପୁରୁଣା ଭୁବନେଶ୍ୱର,୫।୧୨(ଡି.ଏନ.ଏ.)**

ଶୀତଋତୁରେ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ହେଲେ ୪ ବର୍ଷ ହେଲା କେତେକ ବିଦେଶୀ ପକ୍ଷୀ ବିନ୍ଦୁସାଗରକୁ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ଶୀତଋତୁର ଆରମ୍ଭରେ ବିନ୍ଦୁସାଗରରେ ବିଦେଶୀ ପକ୍ଷୀଙ୍କ ଆଗମନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ବୁଧବାର ପୁଷ୍କରଣୀର ଜଗତି, ଉତ୍ତରେଶ୍ୱର ଘାଟ ନିକଟରେ ହାତଗଣତି କେତେଗୋଟି ପକ୍ଷୀଙ୍କ କଚିରିମିଚିର ଶବ୍ଦ କରି ପାଣିରେ ପହଁରୁଥିବା ଦେଖିବାକୁ ମିଳିଥିଲା। ହିସାବରୁ ଜଣାପଡ଼େ ୪ ବର୍ଷ ତଳେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କର ଏଠାରେ ସମାଗମ ହୋଇଥିଲା। ଧୀରେ ଧୀରେ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇ ପାଞ୍ଚଶହରୁ ହଜାରରେ ପହଞ୍ଚିଛି। ପକ୍ଷୀମାନଙ୍କୁ ଉପଯୁକ୍ତ ତଥା ଅନୁକୂଳ ପରିବେଶ ନ ମିଳିବା ଏହାର ମୂଳ କାରଣ। ଚଳିତବର୍ଷ ହକି ବିଶ୍ୱକପ୍‌କୁ ଲକ୍ଷ୍ୟ ରଖି ବିଭାଗ ପକ୍ଷରୁ ଏକାମ୍ରକାନନ ବନପାର୍ଶ୍ୱରେ ଥିବା ପଦ୍ମ, ଦଳ ସମ୍ପୂର୍ଣ୍ଣ ସଫା କରାଯାଇଛି। ସମ୍ପ୍ରତି ବନ୍ଦୁସାଗରକୁ ସମ୍ପୂର୍ଣ୍ଣ ସଫେଇ ଯୋଗୁ ପକ୍ଷୀମାନଙ୍କର ଖାଦ୍ୟ ସମସ୍ୟା ଅନ୍ୟ ଏକ କାରଣ ହୋଇଛି। ଯେଉଁ ପଦ୍ମନାଡ ବା ଦଳରୁ ପୋକ ଜୋକ ଖାଇଥାନ୍ତି ସେଥିରୁ ସେମାନେ ବଞ୍ଚିତ ହୋଇଛନ୍ତି। ସେହିଭଳି ପୁଷ୍କରଣୀ ଚାରିପାଖରେ ହୁ ହୁ ହୋଇ ବଢୁଥିବା ଜନବସିତି ଏବଂ ଶବ୍ଦ ଅନ୍ୟ ଏକ କାରଣ ଅଟେ ବୋଲି ସ୍ଥାନୀୟ ବାସିନ୍ଦା ବୈକୁଣ୍ଠ ଭୋଇ କହିଛନ୍ତି।



ବିନ୍ଦୁସାଗରରେ ବିଦେଶୀ ପକ୍ଷୀଙ୍କ ସମାଗମ।



ମନୁଷ୍ୟ ଯେତେବେଳେ ସଦ୍‌ଗୁଣ ଗୁଡ଼ିକ ହରାଇ ବସେ,
ସେତେବେଳେ ଧନ ପ୍ରତି ତା'ର ଲୋଭ ବଢ଼ିଯାଏ।
- ବେଞ୍ଜାମିନ ଜନସନ



## ସଂକ୍ଷେପରେ

### ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ



**କଟକ ସଦର, ୫।୧୨ (ଡି.ଏନ୍.ଏ.):** କଟକ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ବୁଧବାର ଜିଲା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଜିଲା କୃଷି ଉପ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପାରାଦୀପ ଫସ୍‌ଫେଟ୍‌ର ବରିଷ୍ଠ ପରିଚାଳକ ବିଶ୍ୱଜିତ୍ ନନ୍ଦ, ଜଳଛାୟାର ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଓ ବ୍ଲକ ଆତ୍ମାର ସଭାପତି ସମର ବେହେରା ଯୋଗଦେଇ ପ୍ରତିବର୍ଷ ଚାଷୀମାନେ ମାଗଣାରେ ମୃତ୍ତିକା ପରୀକ୍ଷା କରିବା ସହ ଜୈବିକ ସାରର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ବିଶେଷଜ୍ଞ ବିଜୟ କୁମାର ସ୍ୱାଇଁ, ସହକାରୀ କୃଷି ଅଧିକାରୀ ମୋନାଲିସା ବେହେରା ଓ ବନଲତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୯ରେ କଟକ ଜୋନ୍ ଯୁବ ବିଜେଡିର କର୍ମଶାଳା

**କଟକ ଅଫିସ, ୫।୧୨:** ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୦ଟାରେ କଟକ ଜୋନ୍ ବିଜୁ ଯୁବ ଜନତା ଦଳର କର୍ମଶାଳା ସ୍ଥାନୀୟ ଶହୀଦ ଭବନରେ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୫୦୦ ପ୍ରତିନିଧି ଯୋଗଦେବେ ବୋଲି ବୁଧବାର ଏକ ପ୍ରେସ୍ ବିବୃତିରେ ବିଜୁ ଯୁବ ଜନତା ଦଳର ରାଜ୍ୟ ମହାସଚିବ ତଥା କଟକ ଜୋନ ସଭାପତି ଶିଶିର ପରିଜା ଜଣାଇଛନ୍ତି। ଏହି କର୍ମଶାଳାରେ ରାଜନୈତିକ, ସାଙ୍ଗଠନିକ ସହିତ ବିଜୁ ଯୁବ ଜନତା ଦଳର କର୍ମୀମାନଙ୍କ ଆଗାମୀ କାର୍ଯ୍ୟକ୍ରମ ଏବଂ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା ହେବ। ଏହି ଜୋନ୍ ଅନ୍ତର୍ଗତ କଟକ, ଜଗତସିଂହପୁର, ଯାଜପୁର, ଅନୁଗୋଳ, କେନ୍ଦ୍ରାପଡା, ଢେଙ୍କାନାଳ ଜିଲାର ଜିଲା କର୍ମକର୍ତ୍ତା, ବ୍ଲକ କର୍ମକର୍ତ୍ତା, ଏନଏସି, ମ୍ୟୁନିସିପାଲିଟିର କର୍ମକର୍ତ୍ତାଙ୍କ ସହିତ ରାଜ୍ୟ ନେତୃମଣ୍ଡଳୀ, ବିଧାୟକ, ଏମ୍‌ପି ଓ ଛାମୁଆ ସଂଗଠନର ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଗଠିତ

**ଚୌଦ୍ୱାର, ୫।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ନୋଡାଲ ହାଇସ୍କୁଲରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଗଠନ ହୋଇଛି। ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କଟକ ଏନ୍‌ସିସି କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ରଣଜିତ୍ ସିଂ ମୁଖ୍ୟଅତିଥି, ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି, ଚନ୍ଦ୍ରଶେଖର ପରିଡା, ତ୍ରିଲୋଚନ ରାଉତ, ବେଣୁଧର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୫ଜଣ କ୍ୟାଡେଟ୍‌ଙ୍କୁ ଶପଥ ପାଠ କରାଯାଇଥିଲା। ଏଥିସହ ରାଜ୍ୟସ୍ତରୀୟ ସୁରଭି କୁଇଜ୍ ପ୍ରତିଯୋଗିତରେ ପ୍ରଥମ ହୋଇଥିବା ଛାତ୍ରୀ ବିଷ୍ଣୁପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶିବ ପ୍ରସାଦ ପତି ସ୍ୱାଗତ ଭାଷଣ ଦେଇଥିଲେ।




ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ।

# କଟକରେ ଖୋଲିବ ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍

**କଟକ ଅଫିସ, ୫।୧୨**

- ଆସନ୍ତା ବର୍ଷରୁ ଆଇଟିଆଇ, ୨୦୨୦ରୁ ପଲିଟେକ୍‌ନିକ୍ ପାଠ୍ୟକ୍ରମ
- ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ଓବିସି, ଖ୍ରୀଷ୍ଟ କଲେଜ ହଷ୍ଟେଲର ଶିଳାନ୍ୟାସ

କଟକରେ ସ୍ଥାପନ ହେବ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍। ଏଠାରେ ପଲିଟେକ୍‌ନିକ୍ ଓ ଆଇଟିଆଇ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିବ। ୨୦୧୯ରୁ ଆଇଟିଆଇ ଓ ୨୦୨୦ରେ ପଲିଟେକ୍‌ନିକ୍ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ରାଜ୍ୟ ସରକାର ଏହି ପ୍ରତିଷ୍ଠାନ ପାଇଁ ୫ ଏକର ଜମି ଯୋଗାଇ ଦେଇଛନ୍ତି। ୟୁଜିସି ପକ୍ଷରୁ ୪୦ କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏ ସେକ୍ଟର-୧୩ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିଷ୍ଠାନ ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ବହୁତ ଖୁସି ଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କୁଳପତି ଡ. ଆସଲମ୍ ପରଭେଜ୍‌ଙ୍କ କହିଲେ, ସରକାର ଦେଇଥିବା ଜମିରେ କେବଳ କ୍ୟାମ୍ପସ ନିର୍ମାଣ ହେବ। ଖେଳପଡ଼ିଆ ପାଇଁ ଆଉ ୫ ଏକର ଜମି ଆବଶ୍ୟକ। ଆଗାମୀ ହକି ବିଶ୍ୱକପ୍ ପାଇଁ ଆମେ ଓଡ଼ିଶାରୁ କିଭଳି ଖେଳାଳି ସୃଷ୍ଟି କରିପାରିବୁ ବୋଲି ପରଭେଜ୍ କହିବା ପରେ ମୁଖ୍ୟମନ୍ତ୍ରୀ ଆଉ ୫ ଏକର ଜମି ସରକାର ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ।

ପରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗୋପାଳପୁରଠାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଛାତ୍ରୀଛାତ୍ରଙ୍କ ପାଇଁ ୧୫ କୋଟି ଟଙ୍କା ବ୍ୟୟରେ ୨ଟି ୫୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ଖ୍ରୀଷ୍ଟ କଲେଜର ସଂଖ୍ୟାଲଘୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୩ କୋଟି ଟଙ୍କା ବ୍ୟୟରେ ୨ଟି ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ଡିନ୍ ପ୍ରଫେସର ଏସ.ଏମ୍. ରହମତୁଲ୍ଲା, ଉପଦେଷ୍ଟା ପ୍ରଫେସର ଏମ୍.କ୍ୟୁ. ଖାନ୍, ନିର୍ଦ୍ଦେଶକ ବି.କେ. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୭ ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ସେଣ୍ଟର

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କୋଚିଂ ସେଣ୍ଟର ଖୋଲାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସେହିପରି ରାଜ୍ୟରେ ସ୍ୱତନ୍ତ୍ର ଆଇଏଏସ୍ କୋଚିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ସରକାର ଆହ୍ୱାନ ଦେଇଛନ୍ତି। ଏଥିନିମନ୍ତେ ଇଚ୍ଛୁକ ସଂସ୍ଥାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଡିଗ୍ରୀ କଲେଜମାନଙ୍କରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦୭ ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ୪୨୬ଟି ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ମାଧ୍ୟମରେ ୧୬୨୫ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୮୩୩ଟି ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୩୧୭ଟି ସହଯୋଗୀ ଓ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହୋଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟରେ ସଂରକ୍ଷଣ ନୀତି ନିର୍ଦ୍ଧାରଣ ନିମନ୍ତେ ଉଦ୍ଦିଷ୍ଟ ମାମଲା ବିଚାରାଧୀନ ଥିବାରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଛି। ଏତଦ୍‌ବ୍ୟତୀତ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୭୬ଟି ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ କରିଛନ୍ତି। ଏହି ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

**ବାଲିଅନ୍ତା,୫।୧୨(ଡି.ଏନ୍.ଏ.)**

ବାଲିଅନ୍ତା କୃଷି ବିଭାଗର ଆତ୍ମା ପକ୍ଷରୁ ପ୍ରତାପରୁଦ୍ରପୁର ପଞ୍ଚାୟତର ସଭାଗୃହରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ସରପଞ୍ଚ ବାମନଚରଣ ଭୋଇ ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଜି.ଶ୍ୱେତା ଓ ବିଟିଏମ ପ୍ରଶାନ୍ତ ମିଶ୍ର ଯୋଗଦେଇ ମାଟିର ସ୍ୱାସ୍ଥ୍ୟ ରକ୍ଷା କରିବା ଓ ଜୈବିକ ସାର ଦେଇ ମାଟିକୁ ବଞ୍ଚାଇ ରଖିବା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ୪ଜଣ ଚାଷୀଙ୍କୁ ମାଟି ସ୍ୱାସ୍ଥ୍ୟକାର୍ଡ ଦିଆଯାଇଥିଲା। ଏହି ସଚେତନତା ସଭାରେ ଶତାଧିକ ଚାଷୀ ଯୋଗଦେଇଥିଲେ।



କଟକ ଶହୀଦ ଭବନରେ ରାଜାବଗିଚା ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବର ବୁଧବାର ଉଦ୍‌ଯାପନୀ ସମାରୋହରେ ପରିବେଷିତ ନାଟକ 'ଅତିଥି ତୁମ୍ କବ୍ ଜାଓଗେ'ର ଏକ ଦୃଶ୍ୟ।

## ମହିଳାଙ୍କ ମୃତଦେହ ଉଦ୍ଧାର

**କଣାସ,୫।୧୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ-ପୁରୀ ରେଳପଥର ଜେନାପୁର ଷ୍ଟେଶନ ଓ ପୀତପାଟଣା ଲେଭେଲ କ୍ରସିଂ ମଧ୍ୟବର୍ତ୍ତି ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି । ମୃତ ମହିଳାଜଣଙ୍କ ଜେନାପୁର ଅଞ୍ଚଳର ବୋଲି ଜଣାପଡିଛି।

## କିଶନ ନଗର ବିକାଶ ମଞ୍ଚ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ

**କଟକ ସଦର, ୫।୧୨ (ଡି.ଏନ୍.ଏ.)**

୨୧ ଦଫା ଦାବି ପୂରଣ ନ ହେବା ପ୍ରତିବାଦରେ ବୁଧବାର କିଶନ ନଗର ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମଞ୍ଚର ସଭାପତି ସୟେଦ ସାଜିଦ ଅଲ୍ଲୀ, ସାଧାରଣ ସମ୍ପାଦକ ସୀତାରାମ ପଣ୍ଡା, ଦିଲୀପ ମହାନ୍ତି, ବିରଞ୍ଚି କୁମାର ପଣ୍ଡା, ପ୍ରତାପ ବେହେରା, ବାଉରୀବନ୍ଧୁ ମହାନ୍ତି ଓ ଗଜେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଲୋକ ତହସିଲ ଫାଟକ ସମ୍ମୁଖରେ ବସି ରହିବାରୁ କୌଣସି କର୍ମଚାରୀ କାର୍ଯ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଫଳରେ ଦିନତମାମ କାର୍ଯ୍ୟ ଠପ ରହିଥିଲା। ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ସାହା ଓ ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ବ୍ଲକ ପ୍ରତିଷ୍ଠା, ଶିକ୍ଷା ଓ ସମବାୟ ବ୍ୟବସ୍ଥାକୁ କଟକ ଜିଲାକୁ ଆଣିବା, ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ଦାବିରେ ମଞ୍ଚ ପକ୍ଷରୁ ୧୦ ଦିନ ହେବ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଅନଶନ ଚାଲୁ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## 'ଓଡ଼ିଶାରେ ମହୁଚାଷ ପ୍ରସାର ପାଇଁ ସୁଯୋଗ ରହିଛି'

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ମହୁମାଛି ଚାଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ପାଦିତ ଖାଦ୍ୟଶସ୍ୟର ଦୁଇ-ତୃତୀୟାଂଶ ମହୁମାଛି ଦ୍ୱାରା ହେଉଥିବା ପରାଗସଙ୍ଗମ ଉପରେ ନିର୍ଭର କରେ । ସାମ୍ପ୍ରତିକ ପରିସ୍ଥିତିରେ ମହୁମାଛି ପାଳନ ଉଦ୍ଦେଶ୍ୟ ମହୁ ଉତ୍ପାଦନ ସହିତ ପରାଗସଙ୍ଗମ ଉଦ୍ଦେଶ୍ୟ ଯୋଡ଼ି ହୋଇଯାଇଛି। ଗୋଟିଏ ବାକ୍ସର ବର୍ଷକ ଭିତରେ ଯେତିକି ମୂଲ୍ୟର ମହୁ ଓ ମହମ ମିଳେ, ତା'ର ୧୫ରୁ ୨୦ ଗୁଣ ଅଧିକ ମୂଲ୍ୟର ଆୟ ଫସଲରେ ମହୁମାଛି ଦ୍ୱାରା ପରାଗସଙ୍ଗମଜନିତ ଅମଳ ବୃଦ୍ଧି ଯୋଗୁ ହୋଇଥାଏ। ମହୁମାଛି ଚାଷର ପ୍ରସାର ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସୁବିଧା ରହିଛି । ଏହି ମର୍ମରେ 'କୃଷି କ୍ଷେତ୍ରରେ ଫସଲର ଉତ୍ପାଦନ ଓ ଆୟବୃଦ୍ଧି ପାଇଁ ମହୁମାଛି ଚାଷ' ସମ୍ବନ୍ଧୀୟ ଏକ ଜାତୀୟସ୍ତରୀୟ ପରାମର୍ଶ କର୍ମଶାଳା ବୁଧବାର କେନ୍ଦ୍ର ସରକାରଙ୍କ ନୀତି ଆୟୋଗ, ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକର ନିର୍ଯ୍ୟାସକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନୀତି ନିର୍ଦ୍ଧାରଣ ନିମନ୍ତେ ପଠାଯିବ। ରାଜ୍ୟରେ ମହୁମାଛି ଚାଷର ବର୍ତ୍ତମାନ ସ୍ଥିତି, ଭବିଷ୍ୟତରେ ତା'ର ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ନୀତି ନିର୍ଦ୍ଧାରଣ ଉପରେ ବିଶଦ ଭାବେ ଆଲୋଚନା ହୋଇଛି। ବୈଜ୍ଞାନିକ ପଦ୍ଧତିରେ ମହୁଚାଷକୁ ପୂର୍ବ ଭାରତରେ ଅଧିକ ସକ୍ରିୟ କରିବାରେ ମହୁ ଉତ୍ପାଦନ, ବଜାର ବ୍ୟବସ୍ଥା, ଭିତ୍ତିଭୂମି ଏବଂ ତତ୍‌ସଂଲଗ୍ନ ସେବା ପ୍ରଦାନରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଏବଂ ସମାଧାନର ପନ୍ଥା ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା ।




ବୁଧବାର କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କେମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବରେ ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଉଚ୍ଛେଦ ପରେ ପୁଣି ଜବରଦଖଲ

**କଟକ ଅଫିସ, ୫।୧୨**

**ସିଏମ୍‌ସିର ଢିଲା ପଦକ୍ଷେପ**




- ନିଜ ନିୟମକୁ ପାଳନ କରୁନି ସିଏମ୍‌ସି
- ସହରର ଅଧିକାଂଶ ସ୍ଥାନରେ ରାସ୍ତା କବ୍‌ଜା
- ସଙ୍କୁଚିତ ରାସ୍ତା ଯୋଗୁ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା

ସହରରେ ବଢ଼ି ଚାଲିଛି ଜବରଦଖଲ। ବିଶେଷକରି ରାସ୍ତା ଜବରଦଖଲ ଦିନକୁ ଦିନ ଜଟିଳ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସଙ୍କୁଚିତ ରାସ୍ତାରେ ଦୈନିକ ଯାତ୍ରୀମାନେ ହଟହଟା ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଓ ବିଶୃଙ୍ଖଳା ଘଟୁଛି। ସହରର ଏପରି ସ୍ଥିତି ପାଇଁ କଟକ ମହାନଗର ନିଗମ (ସିଏମ୍‌ସି)ର ଢିଲା ପଦକ୍ଷେପକୁ ସହରବାସୀ ଦାୟୀ କରୁଛନ୍ତି। ଟ୍ରାଫିକ ମ୍ୟାନେଜମେଣ୍ଟ କମିଟିର ନିୟମ ଅନୁଯାୟୀ ସହରରେ ସପ୍ତାହକୁ ଦୁଇଥର ଜବରଦଖଲ ଉଚ୍ଛେଦ ହେବା କଥା। ମାତ୍ର ସିଏମ୍‌ସି ମାସକୁ ଦୁଇଥର ଉଚ୍ଛେଦ କରୁଛି। ଜବରଦଖଲ ଉଚ୍ଛେଦ ପରେ ପୁଣି ସରକାରୀ ଜାଗା ଓ ରାସ୍ତାକୁ କବ୍‌ଜା କରୁଛନ୍ତି ବ୍ୟବସାୟୀ। ସିଏମ୍‌ସି ନିଜ ନିୟମକୁ ନିଜେ ଉଲ୍ଲଂଘନ କରିବା ସହ ଠିକ୍ ଢଙ୍ଗରେ ଉଚ୍ଛେଦ କରୁ ନ ଥିବାରୁ ଜବରଦଖଲ ସମସ୍ୟା ବୃଦ୍ଧିପାଉଛି ବୋଲି ଅଭିଯୋଗ ହେଉଛି।

ସାମାଜିକ କର୍ମୀ ସନ୍ତୋଷ ମହାନ୍ତି କହିଛନ୍ତି, ସହରର ବକ୍ସିବଜାର, କଲେଜ ଛକ, ପ୍ରେସ୍ ଛକ, ପିଠାପୁର, ଦୋଳମୁଣ୍ଡାଇ ଆଦି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଉଠାଦୋକାନୀମାନେ ରାସ୍ତାକୁ କବ୍‌ଜା କରି ବେପାର କରୁଛନ୍ତି। ଦୀର୍ଘଦିନ ଧରି ଜବରଦଖଲ ପରେ ବ୍ୟବସାୟୀମାନେ ସଂଘବଦ୍ଧ ଭାବେ ଉଚ୍ଛେଦକୁ ବିରୋଧ କରିବା ସହ ଥଇଥାନ ଦାବି କରୁଛନ୍ତି। ସିଏମ୍‌ସି ଉଚ୍ଛେଦ ନାଁରେ ମଧ୍ୟ ଭେଳିକି କରୁଛି। ଉଚ୍ଛେଦ ପରେ ଉକ୍ତ ସ୍ଥାନରେ ପୁଣି ଜବରଦଖଲକୁ ସିଏମ୍‌ସି ସୁଯୋଗ ଦେଉଛି ବୋଲି ଅଭିଯୋଗ କରିବା ସହ ଭେଣ୍ଡିଂ ଜୋନ୍ ଓ ଦୋକାନ ବଣ୍ଟନକୁ ନେଇ ମଧ୍ୟ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ପର୍ଯ୍ୟାପ୍ତ ପରିମାଣର ଭେଣ୍ଡିଂ ଜୋନ ନ ଦେଇ ଉଚ୍ଛେଦ କଲେ ପେଟପାଟଣା ପାଇଁ ବାଧହୋଇ ପୁଣି ସେହି ଉଠାଦୋକାନୀ ଦୋକାନ ବସାଉଛନ୍ତି। ତେଣୁ ଉପୁଜୁଥିବା ଟ୍ରାଫିକ ସମସ୍ୟା ପାଇଁ ଉଠାଦୋକାନୀ ଏବଂ ସିଏମ୍‌ସି କର୍ତ୍ତୃପକ୍ଷ ସମାନ ପରିମାଣରେ ଦାୟୀ ବୋଲି କହିଛନ୍ତି ବିଜେଡି କର୍ପୋରେଟର ଜୟଦେବ ଜେନା। ସିଏମ୍‌ସି କର୍ମଚାରୀ ଅଭାବ ଦର୍ଶାଇ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ସେତେଟା ଗୁରୁତ୍ୱ ନ ଦେବା ଫଳରେ ସହରରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କର୍ପୋରେଟର ଚିତ୍ତରଞ୍ଜନ ଦାଶ କହିଛନ୍ତି। ଟ୍ରାଫିକ ମ୍ୟାନେଜମେଣ୍ଟ କମିଟି ସଦସ୍ୟ ତଥା କମିଶନରେଟ ପୋଲିସର ଟ୍ରାଫିକ ଏସିପି ପି.କେ. ଦଳାଇ କହିଛନ୍ତି, ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ଦାୟିତ୍ୱ ସିଏମ୍‌ସିର।

ମାନବ ସମ୍ବଳ ଅଭାବ ଯୋଗୁ ମାସକୁ ଦୁଇଥର ଜବରଦଖଲ ଉଚ୍ଛେଦ କରାଯାଉଛି ବୋଲି ସିଏମସି ଯୁଗ୍ମ କମିଶନର ସୁବାସ ଚନ୍ଦ୍ର ନାଥଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଜବରଦଖଲ ଉଚ୍ଛେଦ ପରେ ସେହି ଅଞ୍ଚଳ ପୁନର୍ବାର କିପରି ଜବରଦଖଲ ନ ହେବ ସେ ନେଇ ଟ୍ରାଫିକ ଅଧିକାରୀ ଦୃଷ୍ଟି ଦେବା ଦରକାର ବୋଲି ସିଏମସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି। କିନ୍ତୁ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଜବରଦଖଲ ଉଚ୍ଛେଦ ପରେ ଯଦି କେହି ସେଠାରେ ପୁଣି ଜବରଦଖଲ କରୁଛି, ତେବେ ଏନେଇ ସିଏମ୍‌ସି କର୍ତ୍ତୃପକ୍ଷ ସ୍ଥାନୀୟ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ।

## ରେଲୱେର ୪ର୍ଥ ରାଜ୍ୟସ୍ତରୀୟ ସୁରକ୍ଷା କମିଟି ବୈଠକ

# ଟ୍ରେନରେ ନିଶାଦ୍ରବ୍ୟ ଚାଲାଣ ରୋକିବାକୁ ଗୁରୁତ୍ୱ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

- ସମନ୍ୱୟ ରକ୍ଷା ପାଇଁ ତିଆରି ହେବ ହ୍ୱାଟ୍‌ସଆପ୍ ଗ୍ରୁପ
- ଟ୍ରେନରେ ଲଗାଯିବ ସିସିଟିଭି କ୍ୟାମେରା

ଟ୍ରେନରେ ବିଭିନ୍ନ ସାମଗ୍ରୀର ବ୍ୟାପକ ଚୋରା ଚାଲାଣ ହେଉଛି। ବିଶେଷ କରି ଗଞ୍ଜେଇ, ଡ୍ରଗ୍‌ସ ଭଳି ନିଶାଦ୍ରବ୍ୟ ଚାଲାଣ ବୃଦ୍ଧି ପାଉଛି। ଏହାକୁ କିପରି ରୋକାଯାଇ ପାରିବ ସେନେଇ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ବୁଧବାର ଅନୁଷ୍ଠିତ ରେଲୱେର ୪ର୍ଥ ରାଜ୍ୟସ୍ତରୀୟ ସୁରକ୍ଷା କମିଟି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେନ ଯାତ୍ରୀଙ୍କ ଧନ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ସଂସ୍ଥାପନ ଅତ୍ୟାବଶ୍ୟକ ହୋଇପଡ଼ିଛି। ସେହିପରି ଟ୍ରେନ ଯାତ୍ରୀଙ୍କ ସୁରକ୍ଷା ସହିତ ନିଶାଦ୍ରବ୍ୟ କାରବାର ଉପରେ ନଜର ରଖିବା ପାଇଁ ଜିଆରପି ଏବଂ ଆରପିଏଫ ପୋଲିସକୁ ନେଇ ଏକ ହ୍ୱାଟ୍‌ସଆପ ଗ୍ରୁପ ତିଆରି କରାଯିବ। ଏସ୍‌ଆରପି ରାଉରକେଲା ଏବଂ କଟକ ଅଧୀନରେ ଥିବା ଜିଆରପି ଓ ଆରପିଏଫ ପୋଲିସ ଏହି ଗ୍ରୁପରେ ସମସ୍ତ ତଥ୍ୟ ବିଭାଗକୁ ଜଣାଇବେ। ଟ୍ରେନରେ ନିଶାଦ୍ରବ୍ୟ ଚାଲାଣ, ବେଆଇନ ଶିଶୁ ଚାଲାଣ, ଚୋରା ସୁନା ରୁପା ଚାଲାଣ, ଏପରି କି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ତାହା ଉପରେ ନଜର ରଖିବା ସହ ଗୋଇନ୍ଦା ଖବର ବିଭାଗକୁ ଜଣାଇବେ। ସମସ୍ତଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ ପାଇଁ ଏହି ଗ୍ରୁପ ସହାୟକ ହେବ। ସେହିପରି ଟ୍ରେନରେ କାର୍ଯ୍ୟ କରୁଥିବା ସୁରକ୍ଷାକର୍ମୀଙ୍କୁ ଅଧିକ ସୁରକ୍ଷା ଯୋଗାଇବା ନେଇ ସିୟୁଜି ମୋବାଇଲ ଫୋନ ଯୋଗାଇ ଦିଆଯିବ। ରାଜ୍ୟର ସମସ୍ତ ଷ୍ଟେଶନରେ ଅଧିକ ମାତ୍ରାରେ ସିସିଟିଭି କ୍ୟାମେରା ଲଗାଯିବା ସହ ବ୍ୟାଗେଜ ଏବଂ ସ୍କାନର ସଂଖ୍ୟା ବୃଦ୍ଧି କରାଯିବ। ସେହିପରି ରାତ୍ରି ସମୟରେ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜଧାନୀ ଏବଂ ଶତାବ୍ଦୀ ଟ୍ରେନରେ ସିସିଟିଭି କ୍ୟାମେରା ଲଗାଯିବ। ସମସ୍ତ ଟ୍ରେନରେ ସୁରକ୍ଷାକର୍ମୀଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ରେଲୱେ କୋଷ୍ଟାଲ ସିକ୍ୟୁରିଟିର ଅତିରିକ୍ତ ଡିଜିପି ପି. ଆଚାର୍ଯ୍ୟ, ପୂର୍ବତଟ ରେଳପଥର ଆରପିଏଫ ଆଇଜି ଅତୁଲ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





## ସଂକ୍ଷେପରେ

### ସିସିଟିଭି କ୍ୟାମେରା ୨ ଦୁର୍ବୃତ୍ତଙ୍କୁ ଧରାଇଲା

**ଖୋର୍ଦ୍ଧା ଅଫିସ,୫।୧୨:** ବାଣପୁର ଥାନା ଅଲାଇଡିହ ଛକରୁ ଚୋରି ଘଟଣାରେ ସିସିଟିଭି ଦୁର୍ବୃତ୍ତଙ୍କୁ ଧରା ପକାଇ ଦେଇଛି। ଏଭଳିସ୍ଥଳେ ପୋଲିସ ତଦନ୍ତରେ ତ୍ୱରାନ୍ୱିତ ଆଣି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ୨ ଦୁର୍ବୃତ୍ତ ବୁଧବାର ଜେଲ ଯାଇଛନ୍ତି। ଅଲାଇଡିହ ଛକରେ ଦୋକାନ ଦେଇଥିବା କାର୍ତ୍ତିକେଶ୍ୱର ସେନାପତି ସୋମବାର ରାତି ଏଗାରଟାରେ କୌଣସି କାମ ପାଇଁ ଦୋକାନ ଖୋଲା ଛାଡି ନିକଟକୁ ଯାଇଥିଲେ। ଏହି ସୁଯୋଗରେ ନିକଟସ୍ଥ ଜଗନ୍ନାଥପୁର ସାହିର ଶିବପ୍ରସାଦ ପଣ୍ଡା ଦୋକାନ ଡ୍ରରୁ ଦଶ ହଜାର ଟଙ୍କା ଓ ଏଟିଏମ୍ କାର୍ଡ ଚୋରାଇ ନେଇ ଯାଇଥିଲେ। ଦୋକାନରୁ ଚୋରି ସମ୍ପର୍କରେ ଜାଣିବା ପରେ କାର୍ତ୍ତିକେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ସିସିଟିଭିରେ ଦୁର୍ବୃତ୍ତଙ୍କ ଚୋରି ସମୟର ଦୃଶ୍ୟ ପୋଲିସକୁ ତଦନ୍ତରେ ସହଯୋଗ କରିଥିଲା। ସ୍ଥାନୀୟ ଅଞ୍ଚଳର ଶିବ ଚୋରି କରିଥିବା ଜଣାପଡିଥିଲା। ପୋଲିସ ଶିବଙ୍କୁ ପଚରାଉଚୁରା ପରେ ନିଜ ସାଙ୍ଗ ତଥା ଦେଉଳସାହିରେ ରହୁଥିବା ଗଞ୍ଜାମ ଜିଲା ଖଲିକୋଟ ଥାନା ନିର୍ମଳଝର ଗ୍ରାମର ସୁଦର୍ଶନ ନାୟକଙ୍କ ସହଯୋଗରେ ଚୋରି କରିଥିବା ସ୍ୱୀକାର କରିଥିଲା। ଚୋରି ଟଙ୍କା ଘର ନିକଟରେ ପୋତିଥିବା କହିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିବା ସହ ସୁଦର୍ଶନଙ୍କଠାରୁ ୧୪୦୦ ଟଙ୍କା ଏବଂ ମାଟି ତଳୁ ୫୪୦୦ ଟଙ୍କା ଜବତ କରିଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**କୃଷ୍ଣପ୍ରସାଦ,୫।୧୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଏହି ଯାତ୍ରା ରାମଲେଙ୍କା, ବଜ୍ରକୋଟ, ମାଲୁଦ ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ଏହି ଅବସରରେ ଶୋଭାଯାତ୍ରା ପୂର୍ବାହ୍ନ ୧୦ଟାରୁ ରାମଲେଙ୍କା ପଞ୍ଚାୟତସ୍ଥ ପାଇକରାପୁର ଛକଠାରୁ ବାହାରି ନନ୍ଦଳା, ବ୍ରାହ୍ମଣଦେଓ, ସାମନ୍ତରାୟପୁର, କୁମାରପୁର, ହୁଞ୍ଜଣ, ପାଟନାସୀ, ବାଲିପାଟପୁର, କାଣ୍ଡେଶ୍ୱର, ରସଦି ଗାଁ, ତାଳତଳା, ଉଦୟଗିରି, କଣ୍ଟାବଣିଆ, ନଟାବଣିଆ, ଫତେପୁର ଦେଇ ମାଲୁଦ ପଞ୍ଚମୁଖୀ ହନୁମାନ ମନ୍ଦିରଠାରେ ଶେଷ ହୋଇଥିଲା । ପଦଯାତ୍ରାରେ ବ୍ଲକ୍ ଭାଜପା ସଭାପତି ଦୀନବନ୍ଧୁ ଜେନା, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ସାଧାରଣ ସମ୍ପାଦକ ଅନିଲ କୁମାର ସିଂ, ସଂଗ୍ରାମ କେଶରୀ ଜେନା ପ୍ରମୁଖ ସାମିଲ ହୋଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

### ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ବୋଲଗଡ଼,୫।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଚୁଡାସ୍ଥିତ କୃଷି କାର୍ଯ୍ୟାଳୟଠାରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚାଷୀମାନଙ୍କୁ ୧୦୪୦ ମୃତ୍ତିକା ପରୀକ୍ଷଣ କାର୍ଡ ବଣ୍ଟନ କରାଯାଇଥିଲା। ପିତୁକୁଳି ସହକାରୀ କୃଷି ଅଧିକାରୀ ସୀତାରତ୍ନମାଳା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଶ୍ରୁତି ନନ୍ଦ ବୃକ୍ଷରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ ଓ ଜମିର ଉର୍ବରତା ଉପରେ ବକ୍ତବ୍ୟ ରଖିଥିଲେ। ବୋଲଗଡ଼ ତହସିଲଦାର ପ୍ରେମାଂଶୁ ଚାନ୍ଦ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଆତ୍ମାର ବୈଷୟିକ ପରିଚାଳିକା ଚିନ୍ମୟୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଖୋଲା ଶୌଚମୁକ୍ତ ହେଲା ବାଣପୁର ପୌରାଞ୍ଚଳ

**ଖୋର୍ଦ୍ଧା ଅଫିସ,୫।୧୨:** ବାଣପୁର ନେହେରୁ ସେବାସଂଘର କନକ ଭବନରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ଖୋଲା ଶୌଚ ମୁକ୍ତ ସହର ଭାବେ ବାଣପୁର ଏନ୍ଏସିକୁ ଘୋଷଣା କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଲଙ୍କ ଅଧକ୍ଷତାରେ ଜିଲା ସହର ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଜିଲା ମନିଟରିଂ ଇଞ୍ଜିନିୟର ନିହାର ରଞ୍ଜନ ନାୟକ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ପାତ୍ର ଉପସ୍ଥିତ ଥିଲେ। ବୁଧବାର ପୂର୍ବାହ୍ନରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ୱାର୍ଡ ପରିମଳ ସମିତି ପକ୍ଷରୁ ଛାତୀଛାତ୍ରମାନେ ଶୋଭାଯାତ୍ରା କରି ସ୍ୱଚ୍ଛ ଭାରତ ସମ୍ବନ୍ଧରେ ବୁଝାଇଥିଲେ।

### ହାତୀ ଉପଦ୍ରବ: ଅଞ୍ଚଳବାସୀ ଆତଙ୍କିତ

# ଭାଙ୍ଗିଲେ ସ୍କୁଲ ପାଚେରି, ନଷ୍ଟ କଲେ ଫସଲ

**ନିରାକାରପୁର,୫।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନଖଣ୍ଡ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ହାତୀମାନେ ଏକାଧିକ ଏକର ଧାନ ଫସଲ ନଷ୍ଟ କରିବା ସହ ସ୍କୁଲ୍ ପାଚେରି ମଧ ଭାଙ୍ଗି ଦେଇଛନ୍ତି। ହାତୀମାନେ ଚିତ୍ରକୁଟ ପାହାଡରେ ରହି ସନ୍ଧ୍ୟା ହେଲେ ଧାନ ବିଲ ନଷ୍ଟ କରି ଦେଉଛନ୍ତି। ଏଥିଯୋଗୁ ବୁଧବାର ରାମେଶ୍ୱର, ବଡ଼ପୋଖରିଆ, ନୂଆଗଡ଼ ଓ ନିରାକାରପୁର ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି। ପାହାଡ ତଳେ ଥିବା ବିଲରେ ପଶି ପାଚିଲା ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରି ଦେଉଛନ୍ତି। ଲୋକଙ୍କର ଘରଦ୍ୱାର ମଧ ଭାଙ୍ଗି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ମଙ୍ଗଳବାର ଡିଆ ପଞ୍ଚାୟତସ୍ଥ କାଶୀପୁର ଗହୀର ଅଞ୍ଚଳର ଧାନ ଫସଲ ସୁରକ୍ଷା ନିମନ୍ତେ ଗ୍ରାମବାସୀ, ଚାଷୀ ଓ ଫରେଷ୍ଟର ଜଗି ରହିବାରୁ ହାତୀ ଏଠାକୁ ଆସି ନ ଥିଲେ। କିନ୍ତୁ ଏମାନେ ରାମେଶ୍ୱର ପଞ୍ଚାୟତ ଆସି ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପାଚେରି ଭାଙ୍ଗି ଦେଇଥିଲେ। ହାତୀପଲ ଖପୁରିଆ, ବଳରାମପୁର ଓ ସାତମାଣିଆ ମୌଜାର ବିଲ ଗହୀରରେ ପଶି ଧାନ ଖାଇବା ସହ



ହାତୀମାନେ ଫାର୍ମ ହାଉସର ନଡିଆ ଓ କଦଳୀ ଗଛ ନଷ୍ଟ କରି ଦେଇଛନ୍ତି।

ଫାର୍ମ ହାଉସ୍ ଭିତରେ ପଶି ନଡିଆ ଓ କଦଳୀ ଗଛ ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ସୋମବାରଠାରୁ ଏ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହାତୀମାନଙ୍କ ଉପଦ୍ରବ ଜାରି ରହିଛି। ଏ ନେଇ ବଳରାମପୁର ମୌଜାର ଚାଷୀ ବିଶ୍ୱରଞ୍ଜନ ଦାସ କୁହନ୍ତି, ହାତୀପଲ ଅଢ଼େଇ ଏକର ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ପାଚିଲା ଧାନକୁ ଦିନେ କି ଦୁଇଦିନ ମଧ୍ୟରେ କାଟିଥାନ୍ତୁ। ଏ ବିଷୟରେ ଅଭିଯୋଗ ପରେ ବନ ବିଭାଗ କର୍ମଚାରୀ ଆସି କ୍ଷୟକ୍ଷତି ଅଞ୍ଚଳର ଫଟୋ ଉଠାଇବା ସହ ଆବେଦନ ଫର୍ମ ସଂଗ୍ରହ କରିଥିବା ସେ ସୂଚନା ଦେଇଛନ୍ତି। ଏ ସମସ୍ୟା ନେଇ ଟାଙ୍ଗୀ ବନ ବିଭାଗ ଫରେଷ୍ଟର ଆଲୋକ ହୋତା କହିଛନ୍ତି, ବର୍ତ୍ତମାନ ଚିତ୍ରକୁଟ ପାହାଡ଼ରେ ୨୪ ହାତୀ ଅଛନ୍ତି। ସେମାନଙ୍କ ଗତିବିଧି ଅନୁଧ୍ୟାନ ନିମନ୍ତେ ଡେଲାଙ୍ଗ ଓ ଟାଙ୍ଗୀ ବନ ବିଭାଗ କର୍ମଚାରୀ ବଡ଼ପୋଖରିଆ ଅଞ୍ଚଳରେ ଜଗି ରହିଛନ୍ତି। ଆଇନ ଅନୁଯାୟୀ ଯାହା କ୍ଷତିପୂରଣ ହେବ, ତାହା ଦିଆଯିବ ବୋଲି ହୋତା ସୂଚନା ଦେଇଛନ୍ତି।

### ଡିଏଲଇଡି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ଧାରଣା ୮ମ ଦିନରେ

# ସାର୍ଟିଫିକେଟ ନ ପାଇ ଫେରିଲେ ୪୦ ଶିକ୍ଷାର୍ଥୀ

**ଖୋର୍ଦ୍ଧା ଅଫିସ, ୫।୧୨**

ଅଣତାଲିମ ପ୍ରାପ୍ତ ଶିକ୍ଷକଙ୍କୁ ଓଟିଇଟିର ପରୀକ୍ଷା ଦେବାର ସୁଯୋଗ ଦିଆଯାଇଛି। ପରେ ଡିଇଏଲଇଡି ପ୍ରଶିକ୍ଷଣ ନେଉଥିବା ଖୋର୍ଦ୍ଧା ସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍) ଟାଙ୍ଗୀ ଓ ବାଙ୍କୋଇସ୍ଥିତ ଡିଇଏଲ୍ଇଡି ପ୍ରତିଷ୍ଠାନ ପ୍ରଶିକ୍ଷାର୍ଥୀମାନେ ସ୍ଥାନୀୟ ପ୍ରଶିକ୍ଷଣ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ୮ମ ଦିନରେ ପହଞ୍ଚିଛି। ନିଷ୍ପତ୍ତି ପ୍ରତ୍ୟାହାର କରିବାରୁ ଜିଲାପାଳଙ୍କ ମାଧ୍ୟମରେ ଛାତ୍ରୀଛାତ୍ର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି। ସିଟି ଓ ବିଏଡ୍ ତାଲିମ ନ ନେଇ ରାଜ୍ୟର ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଏହି ଅଣତାଲିମ ପ୍ରାପ୍ତ ଶିକ୍ଷକମାନେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ(ଏନ୍ଆଇଓଏସ୍)ରେ ଡିଇଏଲ୍ଇଡି ପ୍ରଶିକ୍ଷଣ ନେଉଥିଲେ ସେମାନେ ଓଟିଇଟି ପରୀକ୍ଷା ଦେବାକୁ ପଡିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବା ପରେ ରାଜ୍ୟର ବିଭିନ୍ନ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଧାରଣା ଆରମ୍ଭ ହୋଇଛି। ଏଭଳିସ୍ଥଳେ ଷ୍ଟଡି ସେଣ୍ଟର ବାଙ୍କୋଇସ୍ଥିତ ଡିଇଏଲଇଡି ପ୍ରତିଷ୍ଠାନରୁ କଣ୍ଟିନିଉ ସାର୍ଟିଫିକେଟ ନ ପାଇ ୪୦ ଶିକ୍ଷାର୍ଥୀ ବୁଧବାର ଫେରି ଯାଇଛନ୍ତି। ଅଭିଯୋଗ ଅନୁସାରେ, ଏଠାରେ ୧୦୦ ଜଣ ଏନ୍ଆଇଓଏସ୍ ଡିଇଏଲ୍ଇଡି ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଓଟିଇଟି ପରୀକ୍ଷା ଫର୍ମ ପୂରଣ ପାଇଁ କଣ୍ଟିନିଉ ସାର୍ଟିଫିକେଟର ଆବଶ୍ୟକତା ରହିଛି। ତେବେ ସ୍ଥାନୀୟ ଅଞ୍ଚଳର ୬୦ ଶିକ୍ଷାର୍ଥୀ ସାର୍ଟିଫିକେଟ ନେଇ ଚାଲିଗଲେଣି। ଅବଶିଷ୍ଟ ୪୦ ଶିକ୍ଷାର୍ଥୀ ଚିଲିକା ବ୍ଲକ ସମେତ ଅନ୍ୟ ଅଞ୍ଚଳର। ତେବେ ଏହି ଶିକ୍ଷାର୍ଥୀମାନଙ୍କୁ କଣ୍ଟିନିଉ ସାର୍ଟିଫିକେଟ ନ ଦେବା ପାଇଁ ଆନ୍ଦୋଳନ ରତ ପ୍ରଶିକ୍ଷଣ ଛାତ୍ରୀଛାତ୍ର ପ୍ରତିବାଦ କରିଥିଲେ। ଫଳରେ ପ୍ରିନ୍ସିପାଲ କଣ୍ଟିନିଉ ସାର୍ଟିଫିକେଟ ଦେଇ ନ ଥିବା ଅଭିଯୋଗ ରହିଛି। ଏ ନେଇ ବାଙ୍କୋଇ ଦାୟିତ୍ୱରେ ଥିବା ସୁନାଖଳା ଡାଏଟ୍ର ଅଧକ୍ଷ ବିଜୟ କୁମାର ତ୍ରିପାଠୀ କୁହନ୍ତି, ଆନ୍ଦୋଳନ ଚାଲୁ ରହିଥିବାରୁ ବିଶୃଙ୍ଖଳାକୁ ଏଡାଇବା ପାଇଁ କଣ୍ଟିନିଉ ସାର୍ଟିଫିକେଟ ଦିଆଯାଇନାହିଁ। ତେବେ ଓଟିଇଟି ଆବେଦନର ଶେଷ ଦିନ ୧୦ ତାରିଖ ରହିଛି। ଏହା ପୂର୍ବରୁ କଣ୍ଟିନିଉ ସାର୍ଟିଫିକେଟ ଦେବାର ବ୍ୟବସ୍ଥା କରାଯାଉଛି।

### ରାଜ୍ୟ ବିଦ୍ୟାଳୟସ୍ତରୀୟ ଥ୍ରୋ ବଲ୍ ପ୍ରତିଯୋଗିତା

# ବାଳିକାରେ ଭୁବନେଶ୍ୱର, ବାଳକରେ ପୁରୀ ଜିଲା ଚାମ୍ପିୟନ

**ଜଟଣୀ,୫।୧୨(ଡି.ଏନ.ଏ)**

୬୪ତମ ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ଥ୍ରୋ ବଲ୍ ପ୍ରତିଯୋଗିତାର ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ପୁରୀ ଜିଲା ରନର୍ସ ଅପ୍ ହୋଇଛି। ସେହିପରି ବାଳକରେ ପୁରୀ ଜିଲା ଚାମ୍ପିୟନ ଓ ଖୋର୍ଦ୍ଧା ରନର୍ସ ଅପ୍ ଆଖ୍ୟା ଅର୍ଜନ କରି ଅତିଥିଙ୍କ ଠାରୁ ଟ୍ରଫି ହାସଲ କରିଛନ୍ତି। ଜଟଣୀ କୁଦିଆରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଥ୍ରୋ ବଲ୍ ପ୍ରତିଯୋଗିତାର ବୁଧବାର ଉଦ୍ଯାପନୀ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ଲଳିତେନ୍ଦୁ ମହାନ୍ତି, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ପୂର୍ବତନ କାଉନ୍ସିଲର ଅନନ୍ତ ବେହେରା, ଜିଲା କ୍ରୀଡ଼ା ସଙ୍ଗଠନର ଉପସଭାପତି ଗୌରହରି ମିଶ୍ର ଓ ଜାମୁକୋଳି ପଞ୍ଚାୟତ ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ ଅତିଥି ଭାବେ ଯୋଗଦେଇଥିଲେ।



ବାଳିକା ବିଭାଗରେ ପୁରୀ ଜିଲାର ଚାମ୍ପିୟନ ଦଳ।

ଶୃଙ୍ଖଳିତ ଜୀବନଯାପନ ଓ ନିଜ ଉପରେ ଦୃଢ ଆତ୍ମବିଶ୍ୱାସ ହିଁ ସୁନାଗରିକ ଗଠନ ପଛର ଅନ୍ୟତମ ପ୍ରମୁଖ ମନ୍ତ୍ର ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ରାଜ୍ୟ ଓ ଖୋର୍ଦ୍ଧା ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ପରିଚାଳନାରେ କୁଦିଆରୀ ସ୍କୁଲର ପ୍ରଧାନ ଶିକ୍ଷକ କାଶୀନାଥ ଦାସ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ ଅନ୍ୟମାନେ ସହାୟତା କରିଥିଲେ। ଏଥିରେ ୧୮ ଜିଲାରୁ ପ୍ରତିଯୋଗୀ, ମ୍ୟାନେଜର, କୋଚ୍ ମିଶି ୨୬୪ ଜଣ ଯୋଗ ଦେଇଥିଲେ।



ରସୁଲଗଡ଼ସ୍ଥିତ ସାଇ ବଚପନ୍ ପାରାଡାଇଜ ପ୍ରି ସ୍କୁଲରେ ଗ୍ରାଣ୍ଡପ୍ୟାରେଣ୍ଟ୍ସ ଡେ' ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପିଲା, ସେମାନଙ୍କ ଜେଜେ ବାପା, ଜେଜେ ମା' ଏବଂ ଅନ୍ୟମାନେ।

# ବାଲୁଗାଁ କଲେଜରେ ରାଜ୍ୟସ୍ତରୀୟ ଲୋକସଂସ୍କୃତି ଆଲୋଚନାଚକ୍ର

**ବାଲୁଗାଁ,୫।୧୨(ଡି.ଏନ.ଏ.)**

ବାଲୁଗାଁ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ଲୋକସଂସ୍କୃତି ଶୀର୍ଷକ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ସହ ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଇତିହାସର କଂଗ୍ରେସ ସଭାପତି ପ୍ରଫେସର ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ପ୍ରଶାନ୍ତ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶଙ୍କର ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହେମନ୍ତ କୁମାର ପରିଜା, ମୁଖ୍ୟବକ୍ତା ପ୍ରଫେସର ନିରଞ୍ଜନ ଶତପଥୀ, ସମ୍ମାନିତ ଅତିଥି ଡ଼. ହେମନ୍ତ କୁମାର ମହାପାତ୍ର ଓ ଆନ୍ତର୍ଜାତୀୟ ଶିକ୍ଷକ ଫେଡ଼େରେଶନର ଉପସଭାପତି ପ୍ରଫେସର ଡ଼. ଅମୀୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ପ୍ରାଚୀନ ଲୋକ କଳା, ଲୋକ ସଙ୍ଗୀତ, ଲୋକ ନୃତ୍ୟ ଓ ଲୋକ ସଂସ୍କୃତି ଆଦି କିପରି ଅବକ୍ଷୟ ହୋଇଯାଉଛି ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇତିହାସ କଂଗ୍ରେସର ସମ୍ପାଦକ ଡ଼. ସୁବାସ ଚନ୍ଦ୍ର ବାରିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ସହିତ ପ୍ରଫେସର ମଦନ ମୋହନ ମହାପାତ୍ର ଏବଂ ପ୍ରଫେସର ଶ୍ୟାମ ପ୍ରସାଦ ମିଶ୍ରଙ୍କୁ ଇତିହାସ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ସାମଗ୍ରିକ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସମାରୋହରେ ପ୍ରାଧ୍ୟାପକ ଅନଙ୍ଗ ଭୀମ ବିଶ୍ୱାଳ ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଡ଼. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମଦନ ମୋହନ ମହାପାତ୍ର ସଭାପତିତ୍ୱ କରିଥିଲେ । ଏଥିରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକମାନେ ନିବନ୍ଧ ପାଠ କରିଥିଲେ । ଅଧ୍ୟାପକ ଡ଼. ଲକ୍ଷ୍ମୀଧର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

### ସିମୋରରେ ବିଶ୍ୱ ମୃତ୍ତିକା ଦିବସ

**ବେଗୁନିଆ,୫।୧୨ (ଡି.ଏନ.ଏ.):**

ବେଗୁନିଆ ବ୍ଲକ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ସିମୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା କୃଷି ଅଧିକାରୀ ନାରାୟଣ ସେଠୀ ସଭାପତିତ୍ୱ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅଜୟ କୁମାର ଦାସ ଓ ସୁରେନ୍ଦ୍ର କୁମାର ସିଂହ ଅତିଥି ଭାବେ ଯୋଗ ଦେଇ ମୃତ୍ତିକା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଆତ୍ମାର ସଭାପତି ଶ୍ରୀନିବାସ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପି.କେ. ସେଠୀ, ବିଟିଏମ ପିଙ୍କି କୁମାରୀ ଉପସ୍ଥିତ ଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ ଏବଂ ଶ୍ରାବଣୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୨ ଶହ ଚାଷୀ ଯୋଗଦେଇ ମୃତ୍ତିକା ସମ୍ବନ୍ଧରେ ବୈଜ୍ଞାନିକମାନଙ୍କଠାରୁ ପରାମର୍ଶ ନେଇଥିଲେ।

### ଏଲ୍ଆଇସି ଏଜେଣ୍ଟ ହତ୍ୟା ଘଟଣା

# ହତ୍ୟାକାଣ୍ଡରେ ବ୍ୟବହୃତ କାର୍ ଠାବ କଲା ପୋଲିସ

**ଜଟଣୀ,୫।୧୨(ଡି.ଏନ.ଏ)**

ଏଲ୍ଆଇସି ଏଜେଣ୍ଟ ରବୀନ୍ଦ୍ର ନାୟକ ହତ୍ୟା ଘଟଣାରେ ବ୍ୟବହୃତ କାର୍କୁ ପୋଲିସ ଠାବ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିଥିବା ମଡେଲର କାର୍କୁ ଭୁବନେଶ୍ୱରର ଏକ ସ୍ଥାନରୁ ବୁଧବାର ପୋଲିସ ଜବତ କରିବାରେ ସକ୍ଷମ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ସିସିଟିଭିର ଫୁଟେଜକୁ ଆଧାର କରି ପୋଲିସ ହତ୍ୟାକାରୀଙ୍କୁ ମଧ ଚିହ୍ନଟ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ନେଇ କେତେଜଣଙ୍କୁ ଅଟକ ରଖି ଜେରା ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ପୋଲିସ କବ୍ଜାକୁ ଆସି ନ ଥିବା ଏହି ସୂତ୍ରରୁ ଜଣାପଡିଛି। ଏ ନେଇ ସୂଚନା ଦେବାରେ ପୋଲିସ ସମ୍ପୂର୍ଣ୍ଣ ନୀରବ ରହୁଛି। ହେଲେ ହତ୍ୟାକାଣ୍ଡରେ ବ୍ୟବହୃତ କାର୍ ଜବତ ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ସନ୍ଦେହରେ କେତେଜଣଙ୍କୁ ଅଟକ ରଖିବା ପୋଲିସକୁ କେତେକାଂଶରେ ସଫଳତା ମିଳିଛି। ଅଟକ ଯୁବକମାନଙ୍କ ଘର ଜଟଣୀ ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ତେବେ ହତ୍ୟାକାଣ୍ଡର କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଜବତ କାରଟି ହତ୍ୟାକାଣ୍ଡରେ ବ୍ୟବହାର ହୋଇଛି ନା ନାହିଁ ସେ ନେଇ ମଧ ପୋଲିସ ତନାଘନା ଚଳାଇଛି। ଶନିବାର ମଧ୍ୟରାତ୍ରିରେ ଜଟଣୀ ମୁଖ୍ୟ ରାସ୍ତାର ସେଲ୍ଟାକ୍ସ ଅଫିସ ନିକଟରେ ରବୀନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା।

### ଆଜି ରାଜ୍ୟସ୍ତରୀୟ ଜୟୀ ରାଜଗୁରୁ ବଳିଦାନ ଦିବସ ସମାରୋହ

# ଯୋଗଦେବେ ରାଜ୍ୟପାଳ ଗଣେଶୀ ଲାଲ

**ଖୋର୍ଦ୍ଧା ଅଫିସ,୫।୧୨:**

ଖୋର୍ଦ୍ଧା ସହରର ଗୀତା ଭବନ ପରିସରରେ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ସମାରୋହ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟୀ ରାଜଗୁରୁ ସ୍ମୃତି ସମାରୋହ ସମିତିର ମୁଖ୍ୟ ସଂଯୋଜକ ଶିକ୍ଷାବିତ୍ ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଗୀତା ଭବନ ସମ୍ମୁଖ ପଡିଆରେ ଜୟୀ ରାଜଗୁରୁଙ୍କର ୨୧୨ତମ ବଳିଦାନ ଦିବସ ସମାରୋହ ଅନୁଷ୍ଠିତ ହେବ। ପ୍ରାତଃ ସମୟରେ ସ୍ମୃତି ସଂସଦ ଆନୁକୂଲ୍ୟରେ ଗଡଖୋର୍ଦ୍ଧା ଛକ ସମେତ ସହରରେ ଥିବା ସମସ୍ତ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଅପରାହ୍ନରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି, ଭୁବନେଶ୍ୱର ଏମ୍ପି ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ଭାବେ ଐତିହାସିକ ପ୍ରଫେସର ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଭାରତ ରକ୍ଷା ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ମୁରଲୀ ମନୋହର ଶର୍ମା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ସୁଧାକର ପଣ୍ଡାଙ୍କୁ ଶହୀଦ ଜୟୀ ରାଜଗୁରୁ ସ୍ମୃତି ସମ୍ମାନ, ପାନବରଜ ଗ୍ରାମର ଶହୀଦ୍ ଶେଖ୍ ସମୀରୁଦ୍ଦିନଙ୍କୁ ମରଣୋତ୍ତର ଅମର ଶହୀଦ୍ ସମ୍ମାନ ଏବଂ ବାଜପୁର ଗ୍ରାମର ସ୍ୱର୍ଗତ ନାରାୟଣ ମିଶ୍ରଙ୍କୁ ମରଣୋତ୍ତର ସ୍ୱାଧୀନତା ସଂଗ୍ରାମୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ଶଙ୍କର ମିଶ୍ର, ସୁବାସ ଚନ୍ଦ୍ର ଗନ୍ତାୟତ, ବୈକୁଣ୍ଠନାଥ ରାଜଗୁରୁଙ୍କ ସମେତ ସ୍ଥାନୀୟ ଶିକ୍ଷାବିତ୍, ଐତିହାସିକ, ସାମାଜିକ କର୍ମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ।

# ନିମନ୍ତ୍ରଣପତ୍ରରେ ଇତିହାସ ବିକୃତୀକରଣର ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୫।୧୨:**

### ଟାଳଟୁଳ ନୀତି ଛାଡ଼ିଲା ଭାରତରୁ ଆମଦାନୀ ବଢ଼ାଇବ ଚାଇନା

**ନୂଆଦିଲ୍ଲୀ,୫-୧୨:** ଭାରତରୁ ଅଧିକ ସାମଗ୍ରୀ ଆମଦାନୀ ଲାଗି ଚାଇନା ରାଜି ହୋଇଛି। ଭବିଷ୍ୟତରେ ଭାରତୀୟ ବେଦାନା, ଅଙ୍ଗୁର, ସୋୟାମିଲ୍, ଫିଶ୍ ଅଏଲ ଏବଂ ଫିଶ୍ ମିଲ୍ ଆମଦାନୀ କରିବାକୁ ଚାଇନା ନେବ। ଏହାପୂର୍ବରୁ ପଡୋଶୀ ଦେଶ ଅଣ-ବାସମତି ଚାଉଳ ଓ ଚିନି ଆମଦାନୀ କରିବାକୁ ରାଜି ହୋଇଥିଲା। ଚଳିତ ମାସରେ ଚାଇନାର ଏକ ବିଶେଷଜ୍ଞ ଦଳ ବେଦାନା, ଅଙ୍ଗୁର, ସୋୟା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରିବ। ଗତ ସପ୍ତାହରେ ଚାଇନାର ଭାଇସ ମିନିଷ୍ଟର ହୁ ୱେଇଙ୍କ ସହ ଆଲୋଚନା କାଳରେ ଓକ୍ରା, ସପେଟା(ଚିକୁ), କ୍ଷୀର ଏବଂ ବୋଭାଇନ ମାଂସ ଚାଇନାକୁ ରପ୍ତାନି ଲାଗି ଭାରତ ଜୋର୍ ଦେଇଥିଲା। ସୂଚନାଥାଉ କି, ୨୦୧୭-୧୮ରେ ଭାରତର ରପ୍ତାନୀ ୩୩ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୭୬.୨ ବିଲିୟନ ଡଲାରରେ ପହଞ୍ଚିଯାଇଛି।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରିନାହିଁ।

---

> ୨୦୧୯ ସୁଦ୍ଧା ଦେଶରେ ୨୦ ଓନିକ୍ସ ଏଲ୍‌ଇଡି ସିନେମା ସ୍କ୍ରିନ ସ୍ଥାପନ କରିବାକୁ ଯୋଜନା ରହିଛି।
> – ପୁନିତ୍ ସେଠୀ, ଉପସଭାପତି, ସାମ୍‌ସଙ୍ଗ ଇଣ୍ଡିଆ



> ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ସରକାର ସାର ସବ୍‌ସିଡି ବକେୟା ବାବଦକୁ ୧୦,୦୦୦ କୋଟି ଟଙ୍କା ପ୍ରଦାନ କରିବେ।
> – ସଦାନନ୍ଦ ଗୌଡ଼ା, କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ



## ■ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା

# ସୁଧ ହାର ଅପରିବର୍ତ୍ତିତ

**ମୁମ୍ବାଇ,୫-୧୨**

ଯାହା ଆଶାକରାଯାଉଥିଲା, ଠିକ୍ ତାହା ହିଁ ହେଲା। ଗଭର୍ନର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟଙ୍କୁ ନେଇ ଗଠିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୁଦ୍ରା କମିଟି ବର୍ତ୍ତମାନ ପାଇଁ ରେପୋ ରେଟକୁ ୬.୫%ରେ ଅପରିବର୍ତ୍ତିତ ରଖିଛନ୍ତି। ବୁଧବାର ଗଭର୍ନର ଏ ସମ୍ପର୍କରେ ଏଠାରେ ଘୋଷଣା କରିଛନ୍ତି। ଏହାର ଅର୍ଥ ବର୍ତ୍ତମାନ ପାଇଁ ବ୍ୟାଙ୍କ ସୁଧ ହାର ବଢ଼ିବା ସମ୍ଭାବନା ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ହାର ୭.୪% ରହିବ ବୋଲି କମିଟି ଅନୁମାନ କରିଛି। ଚଳିତ ବର୍ଷର ୫ମ ମୁଦ୍ରା ନୀତି ସମୀକ୍ଷା କରିବା ପରେ କମିଟି ରିଭର୍ସ ରେପୋ ରେଟ ୬.୨୫% ଓ ସିଆର୍‌ଆର୍ ୬.୭୫%ରେ କାଏମ ରଖିଛନ୍ତି।

୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟିର ୩ ଦିନିଆ ବୈଠକ ଶେଷରେ ଆର୍‌ବିଆଇର ମୁଦ୍ରା ନୀତି ସମ୍ପର୍କରେ ଘୋଷଣା କରି ଗଭର୍ନର ପଟେଲ କହିଛନ୍ତି ଯେ, ଦ୍ୱିତୀୟ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୨%ରୁ ୭.୩% ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ୨୦୧୯-୨୦ର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର)ରେ ଏହା ୦.୧%ର ସାମାନ୍ୟ ବୃଦ୍ଧି ସହିତ ୭.୫% ରହିବ ବୋଲି ଆଶା କରାଯାଉଛି।

### ■ ୨୦୧୮-୧୯ରେ ୭.୪% ରହିବ ଜିଡିପି



ତେବେ ଏହା ହ୍ରାସ ପାଇପାରେ ବୋଲି କମିଟି ଆଶଙ୍କା ମଧ୍ୟ ବ୍ୟକ୍ତ କରିଥିବା ସେ କହିବାକୁ ପଛାଇ ନାହାନ୍ତି।

### ମୁଦ୍ରାସ୍ଫୀତି ଅନୁମାନ ହ୍ରାସ

ଚଳିତ ମାସ ୩ରୁ ୫ ପର୍ଯ୍ୟନ୍ତ ଚାଲିଥିବା ବୈଠକ ଶେଷରେ କମିଟି ପକ୍ଷରୁ କୁହାଯାଇଛି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିଲେ ହେଁ ଏହା ଆଗାମୀ ଦିନରେ ଆହୁରି ହ୍ରାସ ପାଇବ। ଏଥିରେ କୁହାଯାଇଛି ଯେ, ଦ୍ୱିତୀୟ ୬ ମାସ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ହ୍ରାସ କରାଯାଇ ୨.୭ରୁ ୩.୨% କରାଯାଇଛି। ଏଥିପୂର୍ବରୁ ଅକ୍ଟୋବର ମୁଦ୍ରାନୀତିରେ ଏହା ୩.୯ରୁ ୪.୫% ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ଅକ୍ଟୋବରରେ ମୁଦ୍ରାନୀତି ସମୀକ୍ଷା ବେଳେ ଯେଉଁସବୁ ବିଷୟ ଉପରେ ଆଶଙ୍କା ବ୍ୟକ୍ତ କରାଯାଇଥିଲା ସେଥିରୁ ଅଧିକାଂଶ ଟଳିଯାଇଛି ବୋଲି ଗଭର୍ନର ଉଲ୍ଲେଖ କରିଛନ୍ତି। କିନ୍ତୁ ଏବେ ମଧ୍ୟ କିଛି ଅନିଶ୍ଚିତତା ଅଛି, ଯାହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ କିଛି ଖାଦ୍ୟପଦାର୍ଥ ଅସାମାନ୍ୟ ରୂପରେ ସର୍ବନିମ୍ନ ସ୍ତରରେ ରହିଛି। ଯାହାକି ଅଚାନକ ବଢ଼ିବାର ଆଶଙ୍କା ରହିଛି। ଜୁଲାଇରେ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧିକରିବା ସତ୍ତ୍ୱେ ମୁଦ୍ରାସ୍ଫୀତି ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗକୁ ଏହାର ପ୍ରଭାବ ଉପରେ ନଜର ରହିବ। ଏବେ ଅଶୋଧିତ ତେଲ ଦର କମିଛି ସତ, ଆଗକୁ ବିଭିନ୍ନ କାରଣରୁ ଏହା ବଢ଼ିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଏହାକୁ ଦୃଷ୍ଟିରେ ରଖିଲେ ମୁଦ୍ରାସ୍ଫୀତି ବଢ଼ିବାର ସମ୍ଭାବନାକୁ ଟାଳି ହେବନି ବୋଲି ଉର୍ଜିତ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଲାଗି ଅମ୍ବୁଡ୍‌ସମ୍ୟାନ

ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଉଥିବାରୁ ଏହା ଉପରେ ନଜର ରଖିବା ଲାଗି ଏକ ଆଇନଗତ ସଂସ୍ଥା ଗଠନ କରିବାକୁ କମିଟି ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ ଟ୍ରାଞ୍ଜାକ୍‌ଶନରେ ଆଗତ ବିବାଦର ସମାଧାନ ଅମ୍ବୁଡ୍‌ସମ୍ୟାନ କରିବେ । ଏଥିପାଇଁ ଆସନ୍ତାବର୍ଷ ଜାନୁୟାରୀ ଶେଷରେ ଜଣେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତ କରିବା ଲାଗି ଏକ ବିଜ୍ଞପ୍ତି ଜାରି କରାଯିବ।

### ପରବର୍ତ୍ତୀ ବୈଠକ ଫେବୃୟାରୀ ୫ରେ

ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ଦ୍ୱିମାସିକ ମୁଦ୍ରା ନୀତି ବୈଠକ ଆସନ୍ତା ବର୍ଷ ଫେବୃୟାରୀ ୫ରୁ ବସିବ। ଏହା ୭ ତାରିଖ ଯାଏ ଚାଲିବ ବୋଲି ଗଭର୍ନର ପଟେଲ ପ୍ରକାଶ କରିଛନ୍ତି।

## ପ୍ରଶ୍ନ ଟାଳି ଗଲେ ଉର୍ଜିତ

**ସରକାରଙ୍କ ସହ ବିବାଦ**



ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ଉପୁଜିଥିବା ବିବାଦକୁ ନେଇ ଗଭର୍ନର ଉର୍ଜିତ ପଟେଲ ଚୁପ୍ ରହିବାକୁ ଶ୍ରେୟସ୍କର ମଣିଛନ୍ତି। ପଞ୍ଚମ ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ପରେ ନିଆଯାଇଥିବା ନିଷ୍ପତ୍ତି ନେଇ ମୁମ୍ବାଇରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଯୋଗ ଦେଇଥିଲେ। ବିବାଦକୁ ନେଇ ଆଗତ ସମସ୍ତ ପ୍ରଶ୍ନର କୌଣସି ଉତ୍ତର ସେ ଦେଇନାହାନ୍ତି। ମୁଦ୍ରା ନୀତି ସମ୍ପର୍କରେ ଏଠାରେ ଘୋଷଣା କରିବାକୁ ଆସିଥିବାରୁ ଏଭଳି ବିବାଦୀୟ ପ୍ରଶ୍ନର ଉତ୍ତର ସେ ଦେବାକୁ ଚାହାନ୍ତି ନାହିଁ ବୋଲି ସେ କହିଛନ୍ତି। ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ପକ୍ଷରୁ ସ୍ୱାୟତ୍ତତା ନେଇ ଦିଆଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ସେ କିଛି କହି ନାହାନ୍ତି ।

## ଏନ୍‌ବିଏଫ୍‌ସିଙ୍କ ଲାଗି ଆଉ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ



ଗତ ଦୁଇ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏନ୍‌ବିଏଫ୍‌ସିଙ୍କ ଲାଗି କେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସଙ୍କଟରେ ଥିବା ଏହି ସେକ୍ଟର ପାଇଁ ଏବେ ଆଉ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ସଙ୍କଟ ଦୂର କରିବାର ଶେଷ ସ୍ତର ଭାବେ ଆର୍‌ବିଆଇ ରହିଛି। ସେ କହିଛନ୍ତି ଯେ, ବ୍ୟବସ୍ଥାଗତ ଭାବେ ନଗଦ ଆବଶ୍ୟକତା ଉପରେ ନଜର ଦେବା କେନ୍ଦ୍ରୀୟ ବ୍ୟାଙ୍କର ନୀତି ରହିଛି। ଏ ସମ୍ପର୍କରେ ଆର୍‌ବିଆଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ମୁଦ୍ରାନୀତି ଘୋଷଣା ଅବସରରେ ଗଭର୍ନର ଉର୍ଜିତ ପଟେଲଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଆଚାର୍ଯ୍ୟ କହିଛନ୍ତି ଯେ, ଋଣ ପ୍ରଦାନକାରୀ ଭାବେ ଆର୍‌ବିଆଇ ଶେଷ ଆଶା ହେବା ଉଚିତ୍। ତେବେ ସଙ୍କଟ ଅତ୍ୟନ୍ତ ଗୁରୁତର ହୋଇଥିଲେ ସେ କ୍ଷେତ୍ରରେ ଆର୍‌ବିଆଇ ପଦକ୍ଷେପ ନେବ। ଏବେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ସେଭଳି ସଙ୍କଟ ଉପୁଜି ହୋଇନି। ଦେଶର ଅର୍ଥନୀତି ଭଲ ରହିଥିବାରୁ ଜିଡିପି ହିସାବରେ ଋଣ ଅଭିବୃଦ୍ଧି ସନ୍ତୋଷଜନକ ବୋଲି ସେ କହିଛନ୍ତି।

## ଟିଭିଏସ୍‌ର ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି ଆଇ-ଟଚ୍ ଷ୍ଟାର୍ଟ

**ଭୁବନେଶ୍ୱର,୫-୧୨**




ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ୍ ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି 'ଆଇଟଚ୍ ଷ୍ଟାର୍ଟ 'ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପୂର୍ବାଞ୍ଚଳ ଜାତୀୟ ମାର୍କେଟିଂ ପ୍ରବନ୍ଧକ ଅରବିନ୍ଦ କୁମାର ଗୁପ୍ତା, ମାର୍କେଟିଂ ଏଜିଏମ୍ ଏନ୍.ଆର୍ ବିଗ୍ନେଷ ଏହାକୁ ବଜାରରେ ପ୍ରବେଶ କରାଇଥିଲେ। ଏହା ଇଲେକଟ୍ରିକ ଷ୍ଟାର୍ଟ ପ୍ରଯୁକ୍ତି ଆଇ ଟଚ୍ ଷ୍ଟାର୍ଟ ସହ ଆସିଛି। ପ୍ରଥମଥର ଷ୍ଟାର୍ଟର ଜେନେରେଟର ସହ ଏହାକୁ ସମନ୍ୱିତ କରାଯାଇଛି। ଗ୍ରାହକମାନେ ଏଥିରେ ହାଇ ସ୍ପାର୍କ ଇଞ୍ଜିନ, ଉନ୍ନତ ପିକ୍ ଅପ୍, ସୁଦୃଢ଼ ପ୍ରଦର୍ଶନ ଲାଭ କରିବେ। ସେହିଭଳି ବିଏସ୍ ୪ କ୍ଷମତାର ୯୯.୭ ସିସି ଫୋର ଷ୍ଟ୍ରୋକ ଇଞ୍ଜିନ, ୬ ହଜାର ଆରପିଏମ୍, ୩.୨୦ କେଡବ୍ଲ୍ୟୁ ପାୱାର, ୬.୫ ଏନ୍ ଏମ୍ ଟର୍କ ସୃଷ୍ଟି କରୁଛି। ସେହିଭଳି ଏଥିରେ ୟୁଏସ୍‌ବି ମୋବାଇଲ ଚାର୍ଜ ସୁବିଧା, ହେଭି ଡ୍ୟୁଟି ଡ୍ୟୁରୋ ଗ୍ରିପ ଟାୟାର ରହିଛି। ଏହା ସବୁଜ, ଲାଲ, ଟି ଗ୍ରେ, ନୀଳ, କପର ସାଇନରେ ବର୍ତ୍ତମାନ ଉପଲବ୍ଧ ହେଉଥିବା ବେଳେ ମିନେରାଲ ପର୍ପଲ ରଙ୍ଗକୁ ନୂଆ କରି ସଂଯୋଗ କରାଯାଇଛି। ଏହାର ବଜାର ଦର ୩୬,୯୧୩ ଟଙ୍କା ରହିଛି। ଗ୍ରାହକଙ୍କୁ ବିବିଧ କାର୍ଯ୍ୟ, ଦୀର୍ଘ ସ୍ଥାୟିତ୍ୱ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ୟୁଟିଲିଟି ଉତ୍ପାଦ ଉପସଭାପତି ଏସ୍. ବୈଦ୍ୟନାଥନ କହିଛନ୍ତି।

## ଯାନ ଦର ବଢ଼ାଇବ ମାରୁତି ସୁଜୁକି

**ନୂଆଦିଲ୍ଲୀ,୫-୧୨**




ମାରୁତି ସୁଜୁକି ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନଗୁଡ଼ିକ ଉପରେ ମୂଲ୍ୟ ବଢ଼ାଇବ। ବିଦେଶୀ ବିନିମୟ ହାର ଏବଂ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। କେଉଁ ମଡେଲ ଉପରେ କେତେ ଟଙ୍କା ମୂଲ୍ୟ ବଢ଼ିବ, ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳି ନାହିଁ। ଏହା ଉପରେ କମ୍ପାନୀ ଆଗାମୀ ଦିନରେ ନିଷ୍ପତ୍ତି ନେବ ବୋଲି ବୁଧବାର ରେଗୁଲେଟୋରୀ ଫାଇଲିଂରେ ସୂଚନା ଦେଇଛି। ମାରୁତି ସୁଜୁକି ଅଲ୍‌ଟୋ ୮୦୦ ମଡେଲଠାରୁ ଆରମ୍ଭ କରି ପ୍ରିମିୟମ ଏସ୍ କ୍ରସ ବଜାରରେ ଉପଲବ୍ଧ କରାଉଛି। କମ୍ପାନୀର କାର୍ ମୂଲ୍ୟ ୨.୫୩ ଲକ୍ଷ ଟଙ୍କାରୁ ୧୧.୪୫ ଲକ୍ଷ ଟଙ୍କା ରହିଛି। ମଙ୍ଗଳବାର ଇସୁଜୁ ମୋଟର ଇଣ୍ଡିଆ ମଧ୍ୟ ଏହାର ଯାନ ଉପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ନେଇ ଘୋଷଣା କରିଛି। ଇନପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। ଗତ ମାସରେ ଟୟୋଟା କିର୍ଲୋସ୍କାର ମୋଟର ଯାନ ବୃଦ୍ଧି ନେଇ ଘୋଷଣା କରିଥିଲା। କମ୍ପାନୀ ଜାନୁୟାରୀରୁ ଏହାର ବିଭିନ୍ନ ମଡେଲଗୁଡ଼ିକ ୪% ପର୍ଯ୍ୟନ୍ତ ମୂଲ୍ୟ ବଢାଇବ। ମାନୁଫାକଚରିଂ ଖର୍ଚ୍ଚ ବୃଦ୍ଧି, ଟଙ୍କା ମୂଲ୍ୟ ହ୍ରାସ ହେବାକୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କହିଛି।

**SEALED TENDER NOTICE**

Sealed tender are invited in plain paper for sale of Govt. vehicle bearing No. OR-07-J-777 (Ambassodor) as per details given below to be received by Regd. Post in the Office of RDC(SD), Berhampur on or before 04.01.2019 at 3.30 P.M.

The same will be opened in the presence of tenderers or their authorised representatives at 4.00 P.M. on 04.01.2019. The intending tenderers shall have to deposit earnest money of Rs.1000/- (Rupees one thousand) only in the Office of RDC, SD, Berhampur and the original money receipt acknowledging the deposit should be attached to each tender paper. The tenderer shall write in red ink on the top of the envelope, "Tender paper for Govt. Vehicle No. OR-07-J-7777" (Ambassodor). The RDC, SD, Odisha, Berhampur reserves the right to reject all or any tender without assigning any reason thereof and his decision shall be final. Other terms & conditions are available in the Office of the undersigned and can be obtained from the Nazir, RDC Office. The intending tenderers or their authorised agents may inspect the vehicle on any working day prior to date of tender in the garage of Office of the RDC, SD, Berhampur during office hours.

**Details of Vehicles**

1. Regiatration No.: OR-07-J-7777
2. Type of Vehicle - Ambassodor
3. Date of Purchase - 22.01.2003
4. Cost Price - Rs.3,80,000.00
5. Total KMs Covered - 175314
6. Upset price fixed - Rs.10,000.00 (Rupees ten thousand only)

By order of RDC, SD
Sd./- Additional Secretary

**DISTRICT SUPPLY & MARKETING SOCIETY, KENDRAPARA**

Notice No.: 304 Date: 04.12.18

**TENDER CALL NOTICE**

Sealed tenders are invited from the experienced Firm/Agencies/ Event Management Firms having successful track record on Tentage & Allied Works and Event Management Services for organization of the **State Level Pallishree Mela - 2018** from **20th - 26th December' 2018** at Kendrapara Autonomous College Ground, Kendrapara. The request for Proposal (RFP) along with the details specifications and Eligibility Criteria of the said event can be downloaded from the website: **www.kendrapara.nic.in** and **www.ormas.org** from 06th December'2018 to 12th December' 2018.

Sd./- Project Director, DRDA-cum-
Vice Chairman, DSMS, Kendrapara

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫ୍ୟାକ୍ସ: (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ବିଜ୍ଞାପନ ସଂଖ୍ୟା: 13342 ତାରିଖ: 24 Nov. 2018

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ ଅଦ୍ୱୈତ ଚନ୍ଦ୍ର ପଣ୍ଡା<br>✓ ଗତିକୃଷ୍ଣ ପଣ୍ଡା<br>ଗ୍ରାମ/ପୋ: ଭାପୁର,<br>ଥାନା: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ | ଏଲ୍.ଡ଼ି.ଏଲ୍ – ୧୪୧<br>ସାନଶାତ ବାଟିଆ<br>ଢେଙ୍କାନାଳ | ୧. ଜଗତକୃଷ୍ଣ ପ୍ରହରାଜ (ପୁଅ)<br>୨. ଦେବକୃଷ୍ଣ ପ୍ରହରାଜ (ପୁଅ)<br>୩. ରାଧାରାଣୀ ଦେବୀ (ଝିଅ)<br>୪. ରମାରାଣୀ ଦେବୀ (ଝିଅ) |
| ୨. | ✓ ବାବାଜୀ ପ୍ରସାଦ ନାୟକ<br>ପିତା: ✓ ନବଘନ ନାୟକ<br>ଗ୍ରାମ/ପୋ: କାଳିଓ, ଥାନା: ବାଲିକୁଦା<br>ଜିଲ୍ଲା: ଜଗତସିଂହପୁର | ଘର ନଂ.– FL - ୨୦୯<br>ବାସନ୍ତୀ କଲୋନୀ,<br>ପର୍ଯ୍ୟାୟ–୪, ରାଉରକେଲା | ୧. ରୀତାଞ୍ଜଳି ନାୟକ (ସ୍ତ୍ରୀ)<br>୨. ଅନୁରାଧା ନାୟକ (ବିବାହିତା କନ୍ୟା)<br>୩. ଅମ୍ରିତା ନାୟକ (ବିବାହିତା କନ୍ୟା)<br>୪. କୁନ୍‌ମୁନ୍ ନାୟକ (ଅବିବାହିତା କନ୍ୟା)<br>୫. ଦେବୀପ୍ରସାଦ ନାୟକ (ପୁତ୍ର) |
| ୩. | ✓ ସୁରେଶ ଚନ୍ଦ୍ର ଦୋରା<br>ପିତା: ✓ ବସନ୍ତ ବିହାରୀ ଦୋରା<br>ଗ୍ରାମ: ଚେରୁଆପଡ଼ା<br>ଥାନା: ଟାଉନ, ଜିଲ୍ଲା: ସମ୍ବଲପୁର–୨ | ଘର ନଂ.– ଏମ୍‌ଆଇଜି–୧–୧୯/୩, ମୋଦିପଡ଼ା,<br>ପର୍ଯ୍ୟାୟ–୧, ସମ୍ବଲପୁର | ୧. ✓ ଉଷାରାଣୀ ଦୋରା (ସ୍ତ୍ରୀ)<br>୨. କେ. ସଂଘମିତ୍ରା ଦୋରା (ବିବାହିତା କନ୍ୟା)<br>୩. ରଚୟିତା ଦୋରା (ବିବାହିତା କନ୍ୟା)<br>୪. ନିବେଦିତା ଦୋରା (ଅବିବାହିତା କନ୍ୟା)<br>୫. ସୁଚରିତା (ଅବିବାହିତା କନ୍ୟା)<br>୬. ଜିତେଶ ଚନ୍ଦ୍ର ଦୋରା (ଅବିବାହିତା ପୁତ୍ର) |
| ୪. | ✓ ପ୍ରମୋଦ କୁମାର ନାଥ<br>ପିତା: ✓ ନରେଶ ଚନ୍ଦ୍ର ନାଥ<br>ଗ୍ରା/ପୋ.: ଗୌଡ଼ପଲ୍ଲୀ<br>ଥାନା: ଜମନକିରା, ଜିଲ୍ଲା: ସମ୍ବଲପୁର | ଘର ନଂ.– ଏମ୍‌ଆଇଜି–୨–୧/୧, ମୋଦିପଡ଼ା,<br>ପର୍ଯ୍ୟାୟ–୨, ସମ୍ବଲପୁର | ୧. ଅନିତା ମାଝୀ (ସ୍ତ୍ରୀ)<br>୨. ଅମିତ୍ ନାଥ (ପୁଅ)<br>୩. ପ୍ରିୟଙ୍କା ନାଥ (ଝିଅ) |
| ୫. | ✓ ସତ୍ୟନାରାୟଣ ପାତ୍ର<br>ପିତା: ✓ ଦାମୋଦର ପାତ୍ର<br>ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ପୁରୀ<br>ପୋ./ଥାନା/ଜିଲ୍ଲା: ପୁରୀ | ଏଲ୍‌ଆର୍–୫୨<br>ରାୟଗଡ଼ ଫେଜ୍ – ୧<br>ରାୟଗଡ଼ା | ୧. ସବିତା ପାତ୍ର (୪୬) ସ୍ତ୍ରୀ<br>୨. ସୋନାଲି ପାତ୍ର (୨୪) ବିବାହିତା ଝିଅ<br>୩. ଶୁଭାଙ୍ଗି ପ୍ରିୟଦର୍ଶିନୀ (୧୯) ଅବିବାହିତା ଝିଅ |
| ୬. | ✓ ଶ୍ରୀ ସୁନୀଲ୍ କୁମାର ଗଡ଼ନାୟକ<br>ପିତା: ✓ ରାମଚନ୍ଦ୍ର ଗଡ଼ନାୟକ | ଏମ୍–୨, ସି.ଆର୍.–୨୩,<br>ପ୍ରଥମ ପର୍ଯ୍ୟାୟ, ଛେଣ୍ଡ,<br>ରାଉରକେଲା | ୧. ଶ୍ରୀମତୀ ସୁଦେଷ୍ଣା ଗଡ଼ନାୟକ (ସ୍ତ୍ରୀ)<br>୨. ଶ୍ରୀମତୀ ଅନିତା ଗଡ଼ନାୟକ (ବିବାହିତା ଝିଅ)<br>୩. ଅନିଲ୍ କୁମାର ଗଡ଼ନାୟକ (ପୁଅ)<br>୪. ଅମିତା ଗଡ଼ନାୟକ (ବିବାହିତା ଝିଅ)<br>୫. ଅସିତ୍ କୁମାର ଗଡ଼ନାୟକ (ପୁଅ) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)**

PO: NUAGAM (ASKA)- 761111, GANJAM DISTRICT, ODISHA
Phones: 06822-273464, email.askasugar@yahoo.co.in, website: www.askasugar.com

Tender No: 1929 Date: 04.12.2018

**Revised Sealed Tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to Aska Cooperative Sugar Industries Ltd premises within a radious of 70 KM for the Crushing Season 2018-19. The cane transportation will commence tentatively from 2nd Fortnight of December 2018 till end of the curshing operation of the Industry. The last date of filling of tender is 5.00 PM of 08.12.2018 and tender will be opened on date 10.12.2018 at 11.30 AM. Interested Associations/ Truck owners can visit to our website www.askasugar.com for detail of the tender call notice and terms & condition of engagement of trucks.

Sd./- Managing Director

**ODISHA STATE HOUSING BOARD**

SACHIVALAYA MARG, BHUBANESWAR-751001
Phones EPABX: (0674)_ 2393524, 2390141, 2391542, FAX: (0674) 2393952
Visit us at: http://www.oshb.org

**'ଅନୁଗୁଳ ଏନ୍‌କ୍ଲେଭ' ନିମନ୍ତେ ପରିବେଶ ମଞ୍ଜୁରୀ**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ଅନୁଗୁଳଠାରେ ପ୍ରସ୍ତାବିତ ଗୃହ ନିର୍ମାଣ ପ୍ରକଳ୍ପ 'ଅନୁଗୁଳ ଏନକ୍ଲେଭ୍' ନିମନ୍ତେ State Environment Impact Assessment Authority (SEIAA) ଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ଦିଆଯାଇଛି। ଏହି ଚିଠି 6210/SEIAA/ dt. 09.11.2018 ର ନକଲ SEIAA, Odisha ଏବଂ Odisha State Pollution Control Board ର Website ରେ ଉପଲବ୍ଧ।

Sd./- Executive Engineer
P.H. Division
OSHB, Bhubaneswar

# ନେଦରଲାଣ୍ଡ୍ସକୁ ହରାଇଲା ଜର୍ମାନୀ



ବୁଧବାର ନେଦରଲାଣ୍ଡ୍ସକୁ ହରାଇବା ପରେ ଉଲ୍ଲସିତ ଜର୍ମାନୀ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଜର୍ମାନୀ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡ୍ସକୁ ହରାଇବା ସହ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୭ ମିନିଟ ମଧ୍ୟରେ ଏହି ୩ ଗୋଲ ସ୍କୋର କରିଥିଲା ଜର୍ମାନୀ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପୁଲ୍ 'ଡି' ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ଜର୍ମାନୀ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ନେଦରଲାଣ୍ଡ୍ସ ୨ ମ୍ୟାଚ ଖେଳି ୩ ପଏଣ୍ଟରେ ସ୍ଥିର ରହିଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡ୍ସ ୭-୦ ଗୋଲରେ ମାଲେସିଆକୁ ଏବଂ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୯ ତାରିଖରେ ଜର୍ମାନୀ-ମାଲେସିଆ ଓ ନେଦରଲାଣ୍ଡ୍ସ-ପାକିସ୍ତାନ ମ୍ୟାଚ ପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ ତାହା ସ୍ଥିର ହେବ। ବୁଧବାର ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ସମାହିତ ବଳ ଅତିଥିଭାବେ ଯୋଗଦେଇ ଜର୍ମାନୀର ଫ୍ଲୋରିଆନ ଫୁଚ୍ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଫୁଚ୍ସଙ୍କୁ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ବିଶ୍ୱର ୪(ନେଦରଲାଣ୍ଡ୍ସ) ଓ ୬ (ଜର୍ମାନୀ) ନମ୍ବର ଦଳ ମଧ୍ୟରେ ମୁକାବିଲା ସ୍ୱାଭାବିକ ଭାବେ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୮ମ ମିନିଟରେ ନେଦରଲାଣ୍ଡ୍ସ ଅଧିନାୟକ ବିଲି ବାକର ଦଳ ପାଇଁ ପ୍ରଥମ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜର୍ମାନୀ ଗୋଲକିପର ୱାଲ୍ଟର ଟୋବିଆସଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ୧୩ତମ ମିନିଟରେ ରବର୍ଟ କେମ୍ପରମ୍ୟାନ ଗୋଲ ଦେବାରୁ ବଞ୍ଚିତ ହୋଇଥିଲେ ହେଁ ଫେରିଆସୁଥିବା ବଲ୍‌କୁ ଗୋଲପୋଷ୍ଟକୁ ପଠାଇ ୧୦ ନମ୍ବର ଖେଳାଳି ଭାଲେଣ୍ଟିନ ଭର୍ଗା ନେଦରଲାଣ୍ଡ୍ସକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଜର୍ମାନୀ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ୩ ଖେଳାଳିଙ୍କ ପାସ୍ ରଣନୀତି ଫେଲ୍ ମାରିଥିଲା। ପ୍ରଥମ କ୍ୱାର୍ଟରରେ ନେଦରଲାଣ୍ଡ୍ସ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଜର୍ମାନୀର ମିଡ୍‌ଫିଲ୍ଡରେ ତ୍ରୁଟି ଯୋଗୁ ନେଦରଲାଣ୍ଡ୍ସ ୮ ଥର ଏହାର ସର୍କଲରେ ପ୍ରବେଶ କରିବା ସୁଯୋଗ ପାଇଥିଲା। ମାତ୍ର ଜର୍ମାନୀ ଡିଫେଣ୍ଡରମାନେ ଦକ୍ଷତାର ଏହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋରଦାର କରିଥିବାବେଳେ ନେଦରଲାଣ୍ଡ୍ସ ଆକ୍ରମଣ ରଣନୀତି ବଳବତ୍ତର ରଖିଥିଲା। ୨୧ତମ ମିନିଟରେ ଜର୍ମାନୀ ଗୋଲ ପୋଷ୍ଟ ନିକଟରେ ଗ୍ୟାପ୍‌ର ସୁଯୋଗ ନେଇ ବିଲି ବାକର ଏକ ଚମତ୍କାର ପାସ ଦେଇଥିଲେ ହେଁ କୌଣସି ନେଦରଲାଣ୍ଡ୍ସ ଖେଳାଳି ପ୍ରତିପକ୍ଷ ଗୋଲପୋଷ୍ଟ ନିକଟରେ ଉପସ୍ଥିତ ନ ଥିଲେ। ୨୯ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଫ୍ଲିକ୍ ସେଭ୍ ହୋଇ ଯାଇଥିଲା। ତେବେ ଜର୍ମାନୀକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ପରିବର୍ତ୍ତିତ ରଣନୀତିରେ ବଲ୍ ଷ୍ଟପ୍ ପରେ ରୁହର କ୍ରିଷ୍ଟୋଫର ବଲ୍‌କୁ ସିଧା ନ ମାରି ମାଥିଆସ ମୁଲରଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୩୦ତମ ମିନିଟରେ ମୁଲର ଗୋଲ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡ୍ସ ପୁଣି ଅଗ୍ରଣୀ ନେବା ପ୍ରୟାସରେ ରହିଥିଲା। ଦଳପାଇଁ ୪୧ତମ ମିନିଟରେ ସୁଯୋଗ ଆସିଥିଲା। ପେନାଲ୍ଟି କର୍ନର ସମୟରେ ଜର୍ମାନୀର ଟୋବିଆସ ହୁକ୍ ଆଗୁଆ ବାହାରି ଆସିଥିବାରୁ ରେଫରି କାର୍ଡ ଦେଖାଇ ପଡ଼ିଆରୁ ବାହାର କରି ଦେଇଥିଲେ। ନେଦରଲାଣ୍ଡ୍ସ କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏହା ସତ୍ତ୍ୱେ ଜେରନ ହର୍ଜବର୍ଗର ଗୋଲ ସ୍କୋର କରିପାରି ନ ଥିଲେ। ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଜର୍ମାନୀ ପାଇଁ ସ୍ମରଣୀୟ ହୋଇ ଯାଇଥିଲା। ୫୧ତମ ମିନିଟରେ ଫ୍ଲୋରିଆନ ଫୁଚ୍ସ ଜର୍ମାନୀ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ୫୨ତମ ମିନିଟରେ ଲୁକାସ ୱିଣ୍ଡଫେଡର ଏହାକୁ ଗୋଲରେ ପରିଣତ କରି ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଏହାର ୨ ମିନିଟ ପରେ ଜର୍ମାନୀର ମାର୍କୋ ମିଲ୍ଟକାଉ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡ୍ସକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ନେଦରଲାଣ୍ଡ୍ସ ଚାପକୁ ଆସି ଯାଇଥିବା ସୁଯୋଗ ନେଇ ଜର୍ମାନୀ ଘନ ଘନ ଆକ୍ରମଣ କରିଥିଲା। ୫୮ତମ ମିନିଟରେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଭିଡିଓ ରେଫରାଲ ମାଗିଥିଲା ନେଦରଲାଣ୍ଡ୍ସ। ଏହି ଦଳ ରେଫରାଲରେ ଭୁଲ ପ୍ରମାଣିତ ହେବାରୁ ଦଣ୍ଡ ସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର କରାଯାଇଥିଲା। ୧୭ ନମ୍ବର ଖେଳାଳି କ୍ରିଷ୍ଟୋଫର ରୁହର ନେଦରଲାଣ୍ଡ୍ସ ଗୋଲକିପର ପିରମିନ୍ ବ୍ଲାକ୍‌ଙ୍କୁ ବିଟ୍ କରି ଗୋଲ ସ୍କୋର କରିଥିଲେ ଫଳରେ ଜର୍ମାନୀ ୪-୧ ଗୋଲରେ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପରେ ଏହା ତୃତୀୟ ପେନାଲ୍ଟି ଷ୍ଟ୍ରୋକ୍ ଥିଲା।

**ଗୋଲ ସ୍କୋରର**

**ଜର୍ମାନୀ-୪**
- ମାଥିଆସ ମୁଲର: ୩୦ତମ ମିନିଟ
- ଲୁକାସ ୱିଣ୍ଡଫେଡର: ୫୨ତମ ମିନିଟ
- ମାର୍କୋ ମିଲ୍ଟକାଉ: ୫୪ତମ ମିନିଟ
- କ୍ରିଷ୍ଟୋଫର ରୁହର: ୫୮ତମ ମିନିଟ୍

**ନେଦରଲାଣ୍ଡ୍ସ-୧**
- ଭାଲେଣ୍ଟିନ ଭର୍ଗା: ୧୩ ତମ ମିନିଟ

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| ଭାରତ | ୨ | ୧ | ୧ | ୦ | ୭ | ୨ | +୫ | ୪ |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡ୍ସ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | ୨ | -୧ | ୧ |
| ମାଲେସିଆ | ୨ | ୦ | ୧ | ୧ | ୧ | ୮ | -୭ | ୧ |

(ବି.ଦ୍ର: ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ବାପାଙ୍କୁ ଦେଖିବାକୁ ଘରକୁ ଗଲେ ଶ୍ରୀଜେସ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ହୃଦ୍‌ଘାତ୍‌ର ଶିକାର ହୋଇଥିବା ତାଙ୍କ ବାପା ପି.ଭି. ରବୀନ୍ଦ୍ରନ୍‌ଙ୍କୁ ଦେଖିବା ପାଇଁ ଘରକୁ ଫେରିଛନ୍ତି। ତେବେ ଶନିବାର ଖେଳାଯିବାକୁ ଥିବା ଭାରତ ଅନ୍ତିମ ପୁଲ୍ ସି' ମ୍ୟାଚ୍‌ବେଳକୁ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ୩୦ ବର୍ଷୀୟ ଗୋଲକିପର ଶ୍ରୀଜେସ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟ ରହିଆସିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳ ପାଇଁ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ଉଚ୍ଚକୋଟୀର ଗୋଲ କିପିଙ୍ଗ୍ କରିବା ସଙ୍ଗେ ସଙ୍ଗେ ଶ୍ରୀଜେସ ଗୋଲ ପୋଷ୍ଟ ନିକଟରୁ ସାଥୀ ଖେଳାଳିଙ୍କୁ ମ୍ୟାଚ୍ ଅବସରରେ ନିର୍ଦ୍ଦେଶ ଦେଉଥିବାର ଦେଖାଯାଇଥାଏ। କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦଳରେ ଶ୍ରୀଜେସଙ୍କ ଉପସ୍ଥିତି ନିହାତି ଜରୁରୀ। ଏହି ମ୍ୟାଚ୍‌ର ଫଳାଫଳ ଉପରେ ପୁଲ୍ ସି'ରେ ଭାରତ ସ୍ଥାନ ନିର୍ଭର କରୁଛି। ଯଦି ଭାରତ ପୁଲ ସି'ରେ ଶୀର୍ଷସ୍ଥାନ ଅଧିକାର ନ କରୁଛି ତେବେ ଏହି ଆୟୋଜକ ଦଳକୁ କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେବ। ଏହି କ୍ରସ୍ ଓଭର ମ୍ୟାଚ୍‌ରେ ଭାରତ ପୁଲ ଡି'ରେ ସାମିଲ ଥିବା ଜର୍ମାନୀ, ନେଦରଲାଣ୍ଡ୍ସ, ମାଲେସିଆ ଓ ପାକିସ୍ତାନ ମଧ୍ୟରୁ ଗୋଟିଏ ଦଳ ବିପକ୍ଷରେ ପଡିଆକୁ ଓହ୍ଲାଇବ। ଉଲ୍ଲେଖଥାଉ କି, ଭାରତ ଚଳିତ ବିଶ୍ୱକପ୍‌ରେ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଥିଲା। ତେବେ ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଏବେ ପୁଲ୍ ଶୀର୍ଷରେ ରହିବା ପାଇଁ ଭାରତକୁ ବୃହତ୍ ବ୍ୟବଧାନରେ ହରାଇବା ଅପରିହାର୍ଯ୍ୟ ହୋଇ ପଡିଛି।

## ମାଲେସିଆ-ପାକିସ୍ତାନ ମ୍ୟାଚ ଡ୍ର

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମାଲେସିଆ-ପାକିସ୍ତାନ ପୁଲ୍'ଡି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଛନ୍ତି। ତେଣୁ ଏଥିରୁ ଗୋଟିଏ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଏହି ମ୍ୟାଚର ଫଳାଫଳ ନେଦରଲାଣ୍ଡ୍ସକୁ ଫାଇଦାରେ ମଧ୍ୟ ରଖିଛି। କାରଣ ପୁଲ୍'ଡି'ରେ ଜର୍ମାନୀ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଥିବାବେଳେ ନେଦରଲାଣ୍ଡ୍ସ ସମାନ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ସିଧାସଳଖ କ୍ୱାର୍ଟର ଫାଇନାଲ ପ୍ରବେଶ ସମ୍ଭାବନା ଉଜ୍ଜୀବିତ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ଓ ମାଲେସିଆ ୧ ପଏଣ୍ଟ ଲେଖାଏ ପାଇଥିବାରୁସେମାନଙ୍କ ଭାଗ୍ୟ ଶେଷ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। ତେଣୁ ନେଦରଲାଣ୍ଡ୍ସ ୩ ପଏଣ୍ଟ ପାଇ ସାରିଥିବାରୁ ଅତିକମ୍‌ରେ ପୁଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ସମ୍ଭାବନାକୁ ଏଡ଼ାଇ ଦେଇ ପାରିଛି। ମାଲେସିଆ ଏହାର ପ୍ରଥମ ମ୍ୟାଚରେ ନେଦରଲାଣ୍ଡ୍ସଠାରୁ ୦-୭ ଗୋଲରେ ହାରିଥିଲା। ସେହିପରି ପାକିସ୍ତାନ ୦-୧ ଗୋଲରେ ଜର୍ମାନୀଠାରୁ ପରାଜିତ ହୋଇଥିଲା। ପାକିସ୍ତାନ ଏହାର ଶେଷ ପୁଲ୍ ମ୍ୟାଚରେ ୯ ତାରିଖରେ ନେଦରଲାଣ୍ଡ୍ସକୁ ଭେଟିବ। ସେହିଦିନ ମାଲେସିଆ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍‍ୟାଙ୍କିଙ୍ଗର ୧୨ ନମ୍ବର ମାଲେସିଆ ଓ ୧୩ ନମ୍ବର ର୍‍ୟାଙ୍କ୍‌ପ୍ରାପ୍ତ ପାକିସ୍ତାନ ସମକକ୍ଷ ଦଳ ହୋଇଥିବାରୁ ଆରମ୍ଭରୁ ପରସ୍ପର ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ୪ର୍ଥ ମିନିଟରେ ଅଗ୍ରଣୀ ନେବାପାଇଁ ମାଲେସିଆ ନିକଟରେ ସୁଯୋଗ ଆସିଥିଲା ମାତ୍ର ଦଳ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା। ଏହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୪ର୍ଥ ମିନିଟରେ ପାକିସ୍ତାନକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଏହା ମଧ୍ୟ ବେକାର ଯାଇଥିଲା। କଡ଼ା ସଂଘର୍ଷସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେଣୁ ଅନ୍ତିମ କ୍ୱାର୍ଟରରେ ଗୋଲ ସ୍କୋରିଂ ଉପରେ ଉଭୟ ଦଳ ଗୁରୁତ୍ୱ ଦେଇଥିଲେ। ୫୧ତମ ମିନିଟରେ ଆତିକ୍ ମହମ୍ମଦ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହାର ୪ ମିନିଟ ପରେ ଅର୍ଥାତ୍ ୫୫ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସାରି ଫୈଜଲ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଶେଷରେ ଫୈଜଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମଧ୍ୟ ବିବେଚିତ ହୋଇଥିଲେ। ଖେଳ ଶେଷ ହେବାର ଶେଷ ମୁହୂର୍ତ୍ତରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଁ ଏକ ରେଫରାଲ ମାଗିଥିଲା। ମାତ୍ର ତାହା ନାକଚ ହୋଇ ଯାଇଥିଲା। ପାକିସ୍ତାନର ମହମ୍ମନ ଅନ୍‌ସାରି ୩୯ ଓ ମାଲେସିଆର ସୁମନ୍ତ୍ରୀ ନୁର୍‌ସ୍ୟାଫିକ୍ ୪୮ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ମାଲେସିଆ ୫୪.୫୦ ଓ ପାକିସ୍ତାନ ୪୫.୫୦ ଭାଗ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲେ। ମାଲେସିଆ ୧୮ ଥର ପାକିସ୍ତାନ ସର୍କଲରେ ପଶିଥିବାବେଳେ ପାକିସ୍ତାନ ୧୩ଥର ମାଲେସିଆ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇଥିଲା। ମାଲେସିଆ ୭ଟି ଓ ପାକିସ୍ତାନ ୪ଟି ପେନାଲ୍ଟି କର୍ନର ପାଇଥିଲା। ସେଥିରୁ ମାଲେସିଆ କେବଳ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲା। ଏହାକୁ ମିଶାଇ ମାଲେସିଆ-ପାକିସ୍ତାନ ମ୍ୟାଚ ବିଶ୍ୱକପରେ ୩ୟ ଥରପାଇଁ ଡ୍ର ରହିଛି। ୧୫ ମୁକାବିଲାରୁ ମାଲେସିଆ ୪ ଓ ପାକିସ୍ତାନ ୮ ମ୍ୟାଚରେ ବିଜୟୀ ହୋଇଛି।




ମାଲେସିଆ-ପାକିସ୍ତାନ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।

**ଗୋଲ ସ୍କୋରର**

**ପାକିସ୍ତାନ-୧**
- ଆତିକ୍ ମହମ୍ମଦ: ୫୧ତମ ମିନିଟ

**ମାଲେସିଆ-୧**
- ସାରି ଫୈଜଲ: ୫୫ତମ ମିନିଟ



ବୁଧବାର ଧଉଳି ଭ୍ରମଣରେ ଆସିଥିବା ଆୟର୍ଲାଣ୍ଡ ହକି ଦଳର ଖେଳାଳିମାନେ।




ଜଣେ କୁନି ପ୍ରଶଂସକ।



ଫ୍ୟାନ ଭିଲେଜରେ ବିଦେଶୀ ପର୍ଯ୍ୟଟକ।



# ଲିଆଣ୍ଡର ପେସ୍ ଅତିଥି



ଲିଆଣ୍ଡର ପେସ୍(ଡାହାଣ)ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ।

ଭୁବନେଶ୍ୱର, ୫।୧୨

ଅଭିଜ୍ଞ ଭାରତୀୟ ଟେନିସ୍ ତାରକା ଲିଆଣ୍ଡର ପେସ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ଅତିଥି ଭାବେ ଯୋଗଦେଇଛନ୍ତି। ବୁଧବାର ଅନୁଷ୍ଠିତ ଜର୍ମାନୀ-ନେଦରଲାଣ୍ଡ୍ସ ମ୍ୟାଚ୍ ଦେଖି ସେ ହକିର ମଜା ନେଇଛନ୍ତି। ଟେନିସ ଖେଳାଳି ହୋଇଥିଲେ ମଧ୍ୟ ହକି ପ୍ରତି ତାଙ୍କର ଭଲ ପାଇବା ରହିଛି ବୋଲି ପେସ୍ କହିଛନ୍ତି। ମୋ ବାପା ଭେସ୍ ପେସ ଭାରତୀୟ ଦଳ ପାଇଁ ହକି ଖେଳିଛନ୍ତି। ସେ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ୍ ପଦକ ଜିତିଥିଲେ। ମୋ ମା ଭାରତୀୟ ବାସ୍କେଟ ବଲ ଦଳର ଅଧିନାୟିକା ଥିଲେ। ତେଣୁ ଟେନିସ୍‌କୁ ବାଦ୍‌ଦେଲେ ହକି ତଥା ଅନ୍ୟ କ୍ରୀଡ଼ା ପ୍ରତି ମୋର ଭଲ ପାଇବା ରହିଛି ବୋଲି ପେସ୍ କହିଛନ୍ତି। ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମ ଆସି ସେ ଖୁସ୍ ଜାହିର କରିଛନ୍ତି। ଏହି ଷ୍ଟାଡିୟମ ଅତି ସୁନ୍ଦର ଲାଗୁଛି। ଖଚାଖଚ୍ ଭରା ଷ୍ଟାଡିୟମରେ ମ୍ୟାଚ୍ ଦେଖିବା ବେଶ୍ ଆମୋଦଦାୟକ ଓ କଳିଙ୍ଗ ଷ୍ଟାଡିୟମ ବିଶ୍ୱସ୍ତରର ବୋଲି ପେସ କହିଛନ୍ତି। ଖୁସିରେ ରହିବା ଓ ଆନନ୍ଦର ସହ ବଞ୍ଚିବା ଶିଖିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ଏଥିସହିତ ଅଧ୍ୟବସାୟ, କଠିନ ପରିଶ୍ରମ କରିପାରିଲେ ଜଣେ କ୍ରୀଡ଼ାବିତ୍ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ୧୮ଟି ଗ୍ରାଣ୍ଡସ୍ଲାମ ଜିତିଥିବା ୪୫ ବର୍ଷୀୟ ପେସ୍ କହିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ ପେସ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପୁଲ୍‌ର ଅନ୍ତିମ ପର୍ଯ୍ୟାୟ ଆଜିଠାରୁ

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୨ଟି ଲେଖାଏ ଗ୍ରୁପ୍ ମ୍ୟାଚ ଶେଷ ହୋଇଛି। ପୁଲ୍‌ର ଅନ୍ତିମ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ବର୍ତ୍ତମାନସୁଦ୍ଧା କେବଳ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ସିଧାସଳଖ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍ ପର୍ଯ୍ୟାୟର ଅବଶିଷ୍ଟ ୪ଟି ମ୍ୟାଚ ପରେ କେଉଁ ୪ଟି ଦଳ ଏଠିଠାରୁ ବିଦାୟ ନେବେ, ଅନ୍ୟ କେଉଁ ୩ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ ଏବଂ କେଉଁ ୮ଟି ଦଳ କ୍ରସ୍ ଓଭର ପାଇଁ ଯୋଗ୍ୟତା ଅର୍ଜନ କରିବେ ତାହା ଧାର୍ଯ୍ୟ ହେବ। ତେଣୁ ଲିଗ୍ ପର୍ଯ୍ୟାୟ ଶେଷ ମ୍ୟାଚ ଗୁଡ଼ିକର ଗୁରୁତ୍ୱ ବଢ଼ି ଯାଇଛି। ଗୁରୁବାର ପୁଲ୍‘ଏ’ରେ ସ୍ପେନ-ନ୍ୟୁଜିଲାଣ୍ଡ ଓ ଆର୍ଜେଣ୍ଟିନା-ଫ୍ରାନ୍ସ ମଧ୍ୟରେ ମୁକାବିଲା ହେବ। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ୨ ବିଜୟ ସହ ୬ ପଏଣ୍ଟ ପାଇ ସାରିଛି। ଗୋଲ ବ୍ୟବଧାନରେ ମଧ୍ୟ ଦଳ ବହୁ ଆଗରେ ଥିବାରୁ ସିଧା କ୍ୱାର୍ଟର ଫାଇନାଲ ପ୍ରବେଶର ପ୍ରବଳ ଦାବିଦାର ରହିଛି। ୭ ତାରିଖରେ ପୁଲ୍ ‘ବି’ରେ ଅଷ୍ଟ୍ରେଲିଆ-ଚାଇନା ଓ ଇଂଲଣ୍ଡ-ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଏହି ଗ୍ରୁପରୁ ଅଷ୍ଟ୍ରେଲିଆ ଡବଲ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବାରୁ କେବଳ କ୍ରସ୍ ଓଭର ପାଇଁ ଅବଶିଷ୍ଟ ୩ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୮ ତାରିଖରେ ପୁଲ୍‘ସି’ରେ ବେଲଜିୟମ-ଦକ୍ଷିଣ ଆଫ୍ରିକା ଏବଂ ଭାରତ-କାନାଡ଼ା ମଧ୍ୟରେ ଭେଟ ହେବ। ଏହି ଗ୍ରୁପରେ ଆୟୋଜକ ଭାରତ ଓ ବେଲଜିୟମ ୨ ମ୍ୟାଚରୁ ୪ ପଏଣ୍ଟ ଲେଖାଏ ପାଇ ଆଗରେ ରହିଛନ୍ତି। କାନାଡ଼ା ଓ ଦକ୍ଷିଣ ଆଫ୍ରିକାକୁ ଗୋଟିଏ ଲେଖାଏ ପଏଣ୍ଟ ମିଳିଛି। ଗୋଲ ବ୍ୟବଧାନରେ ଭାରତ ଆଗରେ ରହିଛି। ୯ ତାରିଖରେ ପୁଲ୍‘ଡି’ରେ ମାଲେସିଆ-ଜର୍ମାନୀ ଏବଂ ନେଦରଲାଣ୍ଡ୍ସ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଏହି ପୁଲ୍‌ରେ ଜର୍ମାନୀ ୨ ମ୍ୟାଚରୁ ୬ ଓ ନେଦରଲାଣ୍ଡ୍ସ ୩ ପଏଣ୍ଟ ହାସଲ କରିଥିବାବେଳେ ମାଲେସିଆ ଓ ପାକିସ୍ତାନ ୧ ପଏଣ୍ଟ ଲେଖାଏ ପାଇଛନ୍ତି।

**ଆଜିର ମ୍ୟାଚ୍**

ସ୍ପେନ ବନାମ ନ୍ୟୁଜିଲାଣ୍ଡ
ପୁଲ୍-ଏ
ସମୟ : ଅପରାହ୍ନ ୫ଟା

ଆର୍ଜେଣ୍ଟିନା ବନାମ ଫ୍ରାନ୍ସ
ପୁଲ୍-ଏ
ସମୟ: ରାତି ୭ଟା



ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

### ବେଲଜିୟମ୍, କାନାଡ଼ା ଦଳରେ ପରିବର୍ତ୍ତନ

ଗ୍ରୁପ ପର୍ଯ୍ୟାୟର ଅନ୍ତିମ ମ୍ୟାଚ ଖେଳିବା ପୂର୍ବରୁ ଖେଳାଳିଙ୍କ ଆହତ ଜନିତ ସମସ୍ୟା ଯୋଗୁ ବେଲଜିୟମ ଓ କାନାଡ଼ା ଦଳରେ ପରିବର୍ତ୍ତନ କରିବାକୁ ପଡ଼ିଛି। ୨ଟି ଯାକ ଦଳ ପୁଲ୍‘ସି’ରେ ସ୍ଥାନ ପାଇଛନ୍ତି। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ବେଲଜିୟମ ଦଳର ଏମାନୁଏଲ ଷ୍ଟୋକ୍‌ବ୍ରୋକ୍ସ ଆଉ ଖେଳି ପାରିବେ ନାହିଁ। ଗତ ରବିବାର ଭାରତ ବିପକ୍ଷ ମ୍ୟାଚ ସମୟରେ ସେ ଆହତ ହୋଇଥିଲେ। ଏହି ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ତାଙ୍କ ସ୍ଥାନରେ ୨୨ ବର୍ଷୀୟ ଆଣ୍ଟୋନି କିନାଙ୍କୁ ଦଳରେ ସାମିଲ କରାଯାଇଛି। କିନା ୨୯ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଦକ୍ଷତା ରଖିଛନ୍ତି। ୨ ବର୍ଷ ପୂର୍ବରୁ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ବିଶ୍ୱକପରେ ରୌପ୍ୟ ପଦକ ବିଜୟୀ ବେଲଜିୟମ ଦଳର ସେ ସଦସ୍ୟ ଥିଲେ।

ସେହିପରି କାନାଡ଼ାର ବ୍ରେଣ୍ଡନ ପେରେରା ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଫ୍ଲୋରିସ ଭାନ ସନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଫରୱାର୍ଡ ଭାନ୍ ସନ୍‌ଙ୍କୁ ୨୬ ବର୍ଷ ଏବଂ ସେ ୨୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଗତବର୍ଷ ଲଣ୍ଡନରେ ଅନୁଷ୍ଠିତ ହିରୋ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ସେ କାନାଡ଼ା ପକ୍ଷରୁ ଖେଳିଥିଲେ। ଏହା ବ୍ୟତୀତ ସେ ୨୦୧୭ରେ ଆମେରିକାର ଲଙ୍କାଷ୍ଟରରେ ଅନୁଷ୍ଠିତ ପାନ୍ ଆମେରିକାନ୍ କପ୍ ଏବଂ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାନାଡ଼ା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଉଭୟ ବେଲଜିୟମ ଓ କାନାଡ଼ା ଖେଳାଳି ବଦଳ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ନିକଟରେ ଆବେଦନ କରିଥିଲେ। ତାହା ମଞ୍ଜୁର ହୋଇଛି। ଆସନ୍ତା ଶନିବାର ବେଲଜିୟମ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ଏବଂ ଭାରତକୁ କାନାଡ଼ା ଭେଟିବାର କାର୍ଯ୍ୟସୂଚୀ ରହିଛି।

# ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଆର୍ଜେଣ୍ଟିନା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପୁଲ ଏ’ରେ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଫେଭରାଇଟ ଆର୍ଜେଣ୍ଟିନା ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସକୁ ଭେଟିବ। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟ ହାସଲ କରି ୬ ପଏଣ୍ଟ ପାଇ ଅଧିକ ଗୋଲ ବ୍ୟବଧାନ ବଳରେ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୪-୩ ଗୋଲରେ ସ୍ପେନ୍‌କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଆର୍ଜେଣ୍ଟିନାକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା କୌଣସି ତ୍ରୁଟି କରି ନ ଥିଲା। କ୍ରମାଗତ ଦୁଇଟି ବିଜୟ ପରେ ପୁଲ୍ ପର୍ଯ୍ୟାୟର ତୃତୀୟ ମ୍ୟାଚ୍ ଜିତି ଆର୍ଜେଣ୍ଟିନା ପୂରା ଢଙ୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ଫେଭରାଇଟ ମନେ ହେଉଛି।

ଅପରପକ୍ଷରେ ଫ୍ରାନ୍ସ ପୁଲ ଏ’ରେ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୨-୧ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍ ବିପକ୍ଷରେ ଫ୍ରାନ୍ସ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେଲେ ଏବେ ଫ୍ରାନ୍ସକୁ ବୃହତ୍ ବ୍ୟବଧାନରେ ଆର୍ଜେଣ୍ଟିନାକୁ ପରାସ୍ତ କରିବାକୁ ହେବ। ତେବେ ଏହା ଆଦୌ ସହଜ ନୁହେଁ ବୋଲି ଫ୍ରାନ୍ସ ଅବଗତ ହୋଇଥିଲା। ତେବେ ଦଳ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିବ ବୋଲି ଫ୍ରାନ୍ସ କୋଚ୍ ଜୋରେନ ହେଲମି ଓ ଅଧିନାୟକ ଭିକ୍ଟର ଚାର୍ଲେଟ କହିଛନ୍ତି। ଫ୍ରାନ୍ସ ପାଇଁ ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇ ପଡିଛି। ଫଳରେ ଆର୍ଜେଣ୍ଟିନା ଏହି ମ୍ୟାଚ୍‌କୁ ଯଥେଷ୍ଟ ଗୁରୁତ୍ୱ ଦେବ ଓ ଫ୍ରାନ୍ସକୁ ଆଦୌ ହେୟ ମନେକରିବ ନାହିଁ ବୋଲି କୋଚ୍ ଜର୍ମାନ ଓରୋଜୋକ କହିଛନ୍ତି। ଦଳ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ ବୋଲି ଆର୍ଜେଣ୍ଟିନା ଅଧିନାୟକ ପେଡ୍ରୋ ଆଇବାରା କହିଛନ୍ତି। ଫଳରେ ପୁଲର ଏହି ଅନ୍ତିମ ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ସ୍ପେନ୍-ନ୍ୟୁଜିଲାଣ୍ଡ ମୁକାବିଲା



କ୍ଲେୟାର ଟାରେଣ୍ଟ

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚଳିତ ୧୪ତମ ସଂସ୍କରଣରେ ବୁଧବାର ପୁଲ ଏ’ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁଲ୍ ତଥା ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଆର୍ଜେଣ୍ଟିନା ଓ ଫ୍ରାନ୍ସ ପରସ୍ପରକୁ ଭେଟିବେ। ସ୍ପେନ୍ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଥିଲେ ମଧ୍ୟ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ତଳେ ରହିଛି। ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇଁ ପୁଲ ଏ’ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ସ୍ପେନ୍ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର’ ୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଦୌଡରେ ସାମିଲ ହେବା ପାଇଁ ଉଭୟ ଦଳକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇ ପଡିଛି।

ସ୍ପେନ୍ ତାର ପ୍ରଥମ ମ୍ୟାଚ୍‌ରେ ଲଢେଇ କରି ଆର୍ଜେଣ୍ଟିନାଠାରୁ ୪-୩ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଫ୍ରାନ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ସ୍ପେନ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ ମଧ୍ୟ ସ୍ପେନ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର’ ରହିଥିଲା। ଏହି ମ୍ୟାଚ୍‌ର ଫଳାଫଳ ଏବେ ସ୍ପେନ୍ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ସ୍ପେନ୍ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବା ଆଶା ଆଦୌ ନାହିଁ। କିନ୍ତୁ ବିଜୟୀ ହେଲେ କ୍ରସ୍ ଓଭର ମ୍ୟାଚ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଜୟୀ ହେବା ପାଇଁ ଉଭୟ ଦଳ ପ୍ରାଣପଣେ ଚେଷ୍ଟା କରିବେ।

ସ୍ପେନ୍ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ର୍ୟାଙ୍କିଙ୍ଗ୍‌ର ଅଷ୍ଟମସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ରହି ନବମସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ କୋଚ ଡାରେନ ସ୍ମିଥ୍ ଓ ଅଧିନାୟକ କ୍ଲେୟାର ଟାରେଣ୍ଟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେହିପରି ସ୍ପେନ୍ କୋଚ୍ ଫ୍ରେଡେରିକ ସୋଏଜ ଓ ଅଧିନାୟକ ମିଗୁଏଲ ଡେଲାସ ଦଳ ବିଜୟୀ ହେବାପାଇଁ ସବୁମତେ ଚେଷ୍ଟା କରିବ ବୋଲି କହିଛନ୍ତି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ ଦଳ ସାମର୍ଥ୍ୟ ଓ ଦକ୍ଷତା ଦୃଷ୍ଟିକୋଣରୁ ପାଖାପାଖି ସମାନ ମନେ ହେଉଛନ୍ତି। ଫଳରେ ଏହି ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚକୁ ଉପଭୋଗ କରୁଛନ୍ତି ‘ଚିଲ୍‌ଡ୍ରେନ୍ସ ହୋମ୍’ର ମାନସିକ ଅନଗ୍ରସର ଛାତ୍ରୀଛାତ୍ରମାନେ।

# ଶ୍ରୀଜେସ୍‌ଙ୍କ ଭଳି କେହି ହେବେ ନାହିଁ: ହରେନ୍ଦ୍ର

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଦଳରେ କେତେ ଷ୍ଟ୍ରାଇକର, ମିଡଫିଲ୍ଡର, ଡିଫେଣ୍ଡର୍ସ ଆସିଲେଣି ଓ ଗଲେଣି। ଏପରିକି ଏକାଧିକ କୋଚ୍ ଦାୟିତ୍ୱ ନେଇ ଗଲେଣି ଓ ନୂଆ କୋଚ୍ ମଧ୍ୟ ଆସିଲେଣି। କିନ୍ତୁ ଦଳରେ ଜଣେ ଖେଳାଳି ତାଙ୍କର ସ୍ଥାନ ବଜାୟ ରଖିଛନ୍ତି। ସେ ହେଉଛନ୍ତି ଗୋଲକିପର ପି.ଆର. ଶ୍ରୀଜେସ୍। ଦୁଇଥର ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ଗୋଲ କିପର ଅଫ ଦି ଇୟର ପୁରସ୍କାର ପାଇଁ ନୋମିନେଟ ହୋଇଥିବା ୩୦ ବର୍ଷୀୟ ଶ୍ରୀଜେସ୍ ଦଳର ସବୁଠାରୁ ଅଭିଜ୍ଞ ଖେଳାଳି ବିବେଚିତ ହୋଇଛନ୍ତି। ଏପର୍ଯ୍ୟନ୍ତ ସେ ୨୦୬ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିସାରିଲେଣି।

ଗୋଲକିପିଙ୍ଗ୍‌ରେ ବୟସ୍ ଅନୁସାରେ ଅଭିଜ୍ଞତା ଆସିଥାଏ। ଜଣେ ୨୨ ବର୍ଷୀୟ ଗୋଲକିପର ଅସାଧାରଣ ପ୍ରଦର୍ଶନ କରିବ ଏକଥା ଆଶା କରାଯାଇ ପାରିବନି ବୋଲି ଭାରତୀୟ ହେଡ୍ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଫୁଟବଲ ହେଉ କି ହକି ଜଣେ ଗୋଲ କିପର ୨୮-୩୫ ବର୍ଷ ବୟସରେ ଶ୍ରେଷ୍ଠ ପ୍ରଦର୍ଶନ କରିଥାଏ। ଗତ ୧୧ ବର୍ଷ ହେବ ଶ୍ରୀଜେସ ବହୁତ ଅଭିଜ୍ଞତା ହାସଲ କରିଛନ୍ତି। ଯୁବ ଖେଳାଳିଙ୍କ ସହିତ ସେ ନିଜର ଅଭିଜ୍ଞତା ବାଣ୍ଟିଛନ୍ତି। ଏହା ଦେଖି ମୁଁ ବେଶ୍ ଖୁସି ବୋଲି ହାରେନ୍ଦ୍ର କହିଛନ୍ତି। ଦେଶର ଏବେ କୌଣସି ଗୋଲକିପର ଶ୍ରୀଜେସଙ୍କ ସମକକ୍ଷ ହୋଇ ପାରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୦୬ରେ କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ଶ୍ରୀଜେସ ପଦାର୍ପଣ କରିଥିଲେ। ଯୁବ ଗୋଲକିପରମାନେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରୁଛନ୍ତି। ତେବେ ଗୋଲ କିପିଙ୍ଗ ପାଇଁ ଅଭିଜ୍ଞତା ନିହାତି ଜରୁରୀ ବୋଲି ଶ୍ରୀଜେସ କହିଛନ୍ତି। ଅନ୍ୟ ଭାରତୀୟ ଯୁବ ଗୋଲକିପର କ୍ରିଶନ ପାଠକ, ଆକାଶ ଚିଟକେ, ସୁରଜ କରକେରା ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି ଶ୍ରୀଜେସ କହିଛନ୍ତି। ଭାରତ ତା’ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ବିଶ୍ୱର ୧୧ ନମ୍ବର ଦଳ କାନାଡ଼ାକୁ ଭେଟିବ। କାନାଡ଼ା ମଧ୍ୟ ବିଶ୍ୱକପ୍‌ରେ ପ୍ରଥମ ବିଜୟ ଅନ୍ୱେଷଣରେ ରହିଛି।

# ଏସ୍‌ଓଏସ୍‌ରେ ଦକ୍ଷିଣ ଆଫ୍ରିକା ଦଳ

ପାତ୍ରପଡା,୫।୧୨(ଡି.ଏନ.ଏ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ବିଶ୍ୱକପ ଟୁର୍ନାମେଣ୍ଟ ଅବସରରେ ଏଥିରେ ଅଂଶଗ୍ରହଣକାରୀ ଦକ୍ଷିଣ ଆଫ୍ରିକା ଦଳ ବୁଧବାର ଖଣ୍ଡଗିରି ନିକଟସ୍ଥ ଏସଓଏସ ଶିଶୁଗ୍ରାମ ପରିଭ୍ରମଣରେ ଆସିଥିଲେ। ଅପରାହ୍ନରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସୁରକ୍ଷା ବଳୟରେ ଏକ ବସ୍ ଯୋଗେ ୧୮ ଜଣ ଖେଳାଳି ଓ ଜଣେ ଅଫିସିଆଲ ଷ୍ଟାଫ୍ ଶିଶୁଗ୍ରାମରେ ପହଞ୍ଚିଥିଲେ। ଏଠାରେ ଶିଶୁ ଓ କର୍ମଚାରୀମାନେ ଖେଳାଳିମାନଙ୍କୁ ତିଳକ ଓ ପୁଷ୍ପହାର ସହ ଗୋଟିଏ ଲେଖାଏଁ ନଡିଆ ଦେଇ ସ୍ୱାଗତ କରିଥିଲେ। ପରେ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ଶିଶୁଗ୍ରାମର ମା’ ଓ ପିଲାମାନଙ୍କ ସହ ବାର୍ତ୍ତାଳାପ କରିବା ସହ ପରିଦର୍ଶନ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ଏକ ଓଡ଼ିଶୀ ନୃତ୍ୟରେ ଶିବସ୍ତୁତି ପରିବେଷଣ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରେ ଆଫ୍ରିକା ଦଳର ଖେଳାଳି ଟାଇସନ ପିଲାମାନଙ୍କ ସହ ମିଶି ନାଚି ଥିଲେ। ଏହି ଅବସରରେ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଟିମ୍ ଡ୍ରମଣ୍ଡ କହିଲେ, ଆମମାନଙ୍କ ପାଇଁ ଏହି ପରିଭ୍ରମଣ ଏକ ଅଭୁଲା ସ୍ମୃତି ହୋଇ ରହିବ। ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ ଖୁବ୍ ଉଚ୍ଚକୋଟୀର। ସମସ୍ତ ଆୟୋଜକ ଓ ହକି ଇଣ୍ଡିଆକୁ ଧନ୍ୟବାଦ୍। ଶନିବାର ଦଳର ମ୍ୟାଚ ବେଲଜିୟମ ବିପକ୍ଷରେ ଥିବାବେଳେ ଦଳକୁ ସପୋର୍ଟ କରିବାକୁ କହିଥିଲେ। ଶେଷରେ ଓଡ଼ିଶା ସରକାର ଓ ଲୋକମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପରିଭ୍ରମଣ ସମୟରେ ଏସ୍‌ଓଏସ୍ ଭିଲେଜର ନିର୍ଦ୍ଦେଶକ ଅଜୟ ଦାସ, ସେକ୍ରେଟାରୀ ମଦନ ଲାଲ, ଅନୁଜା ବନସର ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ଓଏସ୍ ଶିଶୁଗ୍ରାମରେ ପିଲାମାନଙ୍କ ସହ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ Bhubaneswar, Thursday, December 6 / 2018

# ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ଆଜିଠାରୁ

**ଆଡିଲେଡ୍, ୫।୧୨(ପି.ଟି.)**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳ ମଧ୍ୟରେ ବହୁପ୍ରତୀକ୍ଷିତ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେଉଛି। ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯିବ। ଏଥିଲାଗି ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଭାରତୀୟ କ୍ରିକେଟ ଦଳ ୭୦ ବର୍ଷର ଇତିହାସରେ ଅଷ୍ଟ୍ରେଲିଆ ମାଟିରେ ୧୧ଟି ଟେଷ୍ଟ ସିରିଜ ଖେଳିଛି। ସେଥିରୁ ଭାରତ ୨ଟି ସିରିଜ ଡ୍ର ରଖିଥିବାବେଳେ ଗୋଟିଏ ବି ଜିତିବାରେ ସଫଳ ହୋଇନାହିଁ। ୧୯୮୦-୮୧ ଗସ୍ତରେ ସୁନୀଲ ଗାଭାସ୍କର ଓ ୨୦୦୩-୦୪ ଗସ୍ତରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଏହି ୨ଟି ସିରିଜ ଡ୍ର ରଖିଥିଲା। ବଲ୍ ଟ୍ୟାମ୍ପରିଂ ଘଟଣାରେ ଅଷ୍ଟ୍ରେଲିଆର ଦୁଇ ବରିଷ୍ଠ ଖେଳାଳି ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ବାସନ୍ଦ ହୋଇଥିବାରୁ ସେମାନଙ୍କ ଅନୁପସ୍ଥିତିରେ ଭାରତ ଚଳିତ ଗସ୍ତରେ ଏହି ସ୍ମରଣୀୟ ସିରିଜ ବିଜୟ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ମାଟିରେ ଭାରତ ୪୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିବାବେଳେ ସେଥିରୁ ମାତ୍ର ୫ ମ୍ୟାଚ୍‌ରେ ବିଜ ସ୍ୱାଦ ଚାଖିଛି।

ଚଳିତ ବର୍ଷ ପ୍ରାରମ୍ଭରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ସେଠାରେ ୧-୨ରେ ଏବଂ ଇଂଲଣ୍ଡ ମାଟିରେ ୦-୪ରେ ଲଜ୍ଜାଜନକ ଭାବେ ଟେଷ୍ଟ ସିରିଜ ହାରିଥିଲା। ବିଦେଶ ମାଟିରେ ବିଶେଷ କରି ଫାଷ୍ଟ ଉଇକେଟ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଅଷ୍ଟ୍ରେଲିଆ ପିଚ୍ ସାଧାରଣତଃ ଦ୍ରୁତ ବୋଲରଙ୍କୁ ସୁହାଉଥିବାରୁ ଘରୋଇ ଦଳର ବୋଲରଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନ କିଭଳି ସାମ୍ନା କରୁଛନ୍ତି ତାହା ଅଧିନାୟକ ବିରାଟ କୋହଲିଙ୍କୁ ଚିନ୍ତାରେ ପକାଇଛି। ଆଘାତ ସମସ୍ୟା ଲାଗି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜରୁ ବାଦ୍ ପଡ଼ିଥିବାରୁ ଭାରତୀୟ ଦଳର ବାଲାନ୍ସରେ ସାମାନ୍ୟ ଅସନ୍ତୁଳନ ପରିଲକ୍ଷିତ ହୋଇଛି। ତେବେ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଲାଗି ଅନ୍ୟତମ ଅଲ୍‌ରାଉଣ୍ଡର ହନୁମା ବିହାରୀ ଓ ରୋହିତ୍ ଶର୍ମାଙ୍କ ମଧ୍ୟରେ ଜଣଙ୍କୁ ସୁଯୋଗ ମିଳିପାରେ। ତେବେ ଅଧିନାୟକ କୋହଲିଙ୍କୁ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ଉପଯୁକ୍ତ ସହଯୋଗ ନ କରିବା ଭାରତୀୟ ଦଳର ସବୁଠାରୁ ବଡ଼ ସମସ୍ୟା। ଦକ୍ଷିଣ ଆଫ୍ରିକା ଗସ୍ତରେ କୋହଲି ୩ଟି ଟେଷ୍ଟରୁ ୨୮୬ ରନ କରି ଭାରତର ଟପ୍ ସ୍କୋରର ରହିଥିଲେ। ତାଙ୍କ ପଛକୁ ୨ୟ ସର୍ବାଧିକ ସ୍କୋର ହାର୍ଦ୍ଦିକ ପାଣ୍ଡ୍ୟା (୧୧୯ ରନ) କରିଥିଲେ। ସେହିଭଳି ଓପନିଂ ଯୋଡ଼ିରେ ଅସ୍ଥିରତା ଭାରତର ଆଉ ଏକ ସମସ୍ୟା, ଯାହା ଗତ ଇଂଲଣ୍ଡ ଗସ୍ତରେ ପରିଲକ୍ଷିତ ହୋଇଥିଲା। ଯୁବ ତାରକା ପୃଥ୍ୱୀ ଶ' ଆହତ ଲାଗି ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଥିବାରୁ ଲୋକେଶ ରାହୁଲ ଓ ମୂରଲୀ ବିଜୟ ଯୋଡ଼ି ଇନିଂସ ଆରମ୍ଭ କରିବା ନିଶ୍ଚିତ ହୋଇଛି।

**ଭାରତୀୟ ଦଳ (୧୨ ଜଣିଆ):** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୂରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରୋହିତ୍ ଶର୍ମା, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ଇଶାନ୍ତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମି।

**ଅଷ୍ଟ୍ରେଲିଆ ଦଳ (ଚୂଡ଼ାନ୍ତ ଏକାଦଶ):** ଟିମ୍ ପେନ୍ (ଅଧିନାୟକ ଓ ଉଇକେଟ୍‌କିପର), ମାର୍କସ ହାରିସ, ଆରୋନ୍ ଫିଞ୍ଚ୍, ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍, ଶନ୍ ମାର୍ଶ, ପିଟର ହ୍ୟାଣ୍ଡ୍ସକମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ୍ ହାଜେଲଉଡ୍।

- **ମ୍ୟାଚ୍ ଆରମ୍ଭ: ସକାଳ ୫ଟା ୩୦**
- **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱାର୍କ**



ଟ୍ରଫି ସହ ଦୁଇ ଦଳର ଅଧିନାୟକ ବିରାଟ କୋହଲି ଓ ଟିମ୍ ପେନ୍।

## ଆଡିଲେଡ୍ ଓଭାଲରେ ଭାରତର ରେକର୍ଡ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସିରିଜର ପ୍ରଥମ ମ୍ୟାଚ୍ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୧୯୪୮ରୁ ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳିବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ଏଠାରେ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୭ଟି ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିବାବେଳେ ୩ଟି ଟେଷ୍ଟ ଡ୍ର ରହିଥିଲା। ୨୦୦୩-୦୪ ଗସ୍ତରେ ରାହୁଲ ଦ୍ରାବିଡ୍ ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଭାରତକୁ ଦେଇଥିଲେ।

# ଭିଭି କରାଟେ ସ୍କୁଲକୁ ସଫଳତା



ପଦକ ବିଜୟୀ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଗତ ନଭେମ୍ବର ୨୯ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା କମନ୍‌ୱେଲଥ୍ କରାଟେ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଭାଲେନା ଭାଲେଣ୍ଟିନା (ଭିଭି) କରାଟେ ସ୍କୁଲ ସଫଳତା ଅର୍ଜନ କରିଛି। ଭାଲେନା ଭାଲେଣ୍ଟିନା ସିନିୟର ମହିଳା ବ୍ୟକ୍ତିଗତ କାଟାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସତ୍ୟଭାମାପୁର ବିଜେଇଏମ୍ ସ୍କୁଲର ୩ୟ ଶ୍ରେଣୀର ଛାତ୍ରୀ ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟା ସ୍ୱର୍ଣ୍ଣ ଓ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ବିଦ୍ୟା କିରଣ ଓ ଅଂଶିକା ମହାପାତ୍ର ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ଜସ୍ମିନ ପି. ମିଶ୍ର ୨ଟି ଏବଂ ଦିବ୍ୟ ନାୟକ ଓ ରୁଦ୍ର ପ୍ରସାଦ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ବେଦାନ୍ତ ଦାସ ବ୍ୟକ୍ତିଗତ କାଟାରେ ରୌପ୍ୟ ପଦକ ଜିତିଛନ୍ତି। ବାଳିକା ଟିମ୍ କାଟାରେ ଭି.ଭି. କରାଟେ ସ୍କୁଲ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବାଳକ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଭି.ଭି. କରାଟେ ସ୍କୁଲର ଏହି ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

# ବିଏସ୍‌ଏନ୍‌ଏଲ୍ କ୍ରିକେଟ: ଓଡ଼ିଶା ବିଜୟୀ

**ଭୁବନେଶ୍ୱର,୫।୧୨(କ୍ରୀଡ଼ା ପ୍ରତିନିଧି)**

ଭାରତ ସଞ୍ଚାର ନିଗମ ଲିମିଟେଡ୍, ଓଡିଶା ପରିମଣ୍ଡଳ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଅଷ୍ଟାଦଶ ଅଖିଳ ଭାରତ ବିଏସ୍‌ଏନ୍‌ଏଲ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଖେଳ ଭୁବନେଶ୍ୱରସ୍ଥିତ ଭିନ୍ନ ଭିନ୍ନ ୮ଟି ଗ୍ରାଉଣ୍ଡରେ ୧୬ଟି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଓଡିଶା-ଉତ୍ତରପ୍ରଦେଶ (ପଶ୍ଚିମ), ହିମାଚଳ ପ୍ରଦେଶ-ଛତିଶଗଡ଼, ଏନ୍.ଟି.ଆର -ତେଲେଙ୍ଗାନା, ହରିୟାଣା-ଆନ୍ଧ୍ରପ୍ରଦେଶ, ଗୁଜରାଟ-ଆସାମ, ପଶ୍ଚିମବଙ୍ଗ-ବିହାର, ମଧ୍ୟପ୍ରଦେଶ- ଉତ୍ତରାଞ୍ଚଳ, ଉତ୍ତରପ୍ରଦେଶ (ପୂର୍ବ)-କର୍ନାଟକ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା-ଉତ୍ତରପ୍ରଦେଶ (ପଶ୍ଚିମ) ମ୍ୟାଚ ଇଡ୍‌କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ୧୭୯ରନ୍ ଜବାବରେ ଉତ୍ତରପ୍ରଦେଶ (ପଶ୍ଚିମ) ୧୫.୩ ଓଭର୍‌ରେ ୮୨ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡିଶା ପକ୍ଷରୁ ବିକାଶ ପତି ୪୨, ନିରଞ୍ଜନ ବେହେରା ୩୪, ଟୁକୁନା ସାହୁ ୪୦, ପ୍ରିୟବ୍ରତ ପ୍ରଧାନ ୩୭, ଏବଂ ଅଧିନାୟକ ବିବିସିସି ମହାପାତ୍ର ୨୩ ରନ୍‌ର ଯୋଗଦାନ କରିଥିଲେ । ସେହିପରି ସୁଜନ ମହାନ୍ତି ୪, ନିରଞ୍ଜନ ବେହେରା ୨, ସଞ୍ଜୀୟ ଶତପଥି ୨ଟି ଏବଂ ଟୁକୁନା ସାହୁ ଗୋଟିଏ ଲେଖାଏ ଉଇକେଟ ନେଇ ଓଡିଶାକୁ ବିଜୟୀ କରିଥିଲେ । ଉତ୍ତର ପ୍ରଦେଶ (ପଶ୍ଚିମ) ତରଫରୁ ମଜହର ସର୍ବାଧିକ ୩୭ରନ୍ କରିଥିଲେ ।

ସେହିପରି ଅନ୍ୟ ମ୍ୟାଚଗୁଡ଼ିକ୍‌ରେ ଉତ୍ତରାଖଣ୍ଡକୁ ମଧ୍ୟପ୍ରଦେଶ, କର୍ଣ୍ଣାଟକକୁ ଉତ୍ତର ପ୍ରଦେଶ (ପୂର୍ବ), ବିହାରକୁ ପଶ୍ଚିମବଙ୍ଗ, ଛତିଶଗଡ଼କୁ ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶକୁ ହରିୟାଣା, ତେଲେଙ୍ଗାନାକୁ ଏନ୍.ଟି.ଆର ଏବଂ ଆସାମକୁ ଗୁଜରାଟ ପରାସ୍ତ କରିଛି।

# ଓଟିପିଏଲ୍ ସିଜନ-୨ ଜାନୁୟାରୀ ୯ରୁ

**ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ନୀଳାଚଳ ଟେନିସ୍ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ (ଓଟିପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜାନୁୟାରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖଟୁଆ, ମହାନିର୍ଦ୍ଦେଶକ (ଆଇସିସିଆର୍) ତଥା ସେକ୍ରେଟାରୀ (ସ୍ପେଶାଲ ଆସାଇନ୍‌ମେ), ଗୋକୁଳ ପଟ୍ଟନାୟକ, ଆଇଏଏସ୍(ଅବସରପ୍ରାପ୍ତ), ନିଶ୍ଚିନ୍ତ ବର୍ଦୋଲୋଇ (ପୂର୍ବତନ କ୍ରିକେଟର) ଏବଂ ଆଦିତ୍ୟ ଖାନ୍ନା (ଟେନିସ୍ ଖେଳାଳି)ଙ୍କ ଉପସ୍ଥିତିରେ ଏହି ଓଟିପିଏଲ୍ ସିଜନ-୨ ଟ୍ରଫିକୁ ଉନ୍ମୋଚନ କରାଯାଇଛି। ଏହି ସଂସ୍କରଣରେ ଅନୁଗୁଳ ଏକର୍ସ, ଭଦ୍ରକ ଭିକ୍ଟରର୍ସ, କଟକ କନ୍‌କର୍ସ, ଖୋର୍ଦ୍ଧା ୱାରିୟର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ପୁରୀ ୱେଭର୍ସ, ସମ୍ବଲପୁର ସୁଟର୍ସ ଏବଂ ସୁନ୍ଦରଗଡ଼ ବିରାଟ୍ସକୁ ମିଶାଇ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି କହିଛନ୍ତି।

# ଆଜିଠାରୁ ଝାଡ଼ଖଣ୍ଡ-ଓଡ଼ିଶା ମୁକାବିଲା

**କଟକ ଅଫିସ,୫।୧୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚଳିତ ରଣ୍‌ଜୀ ସିଜନର ଏକ ମ୍ୟାଚ୍‌ରେ ଗୁରୁବାର ଓଡ଼ିଶା-ଝାଡଖଣ୍ଡ ସାମ୍ନାସାମ୍ନି ହେବେ। ରାଞ୍ଚିସ୍ଥିତ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ହେବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିସାରିଥିବା ବେଳେ ସମାନ ଫଳାଫଳ ହାସଲ କରିଛନ୍ତି। ୨ଟି ବିଜୟ ଓ ଗୋଟିଏ ଲେଖାଏ ପରାଜୟ, ଡ୍ର ସହ ୧୫ ପଏଣ୍ଟ ପାଇ ଝାଡ଼ଖଣ୍ଡ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି । ମାତ୍ର ଓଡ଼ିଶା ୧୩ ପଏଣ୍ଟ ହାସଲ କରି ୫ମ ସ୍ଥାନରେ ରହିଛି ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨




Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

24x7 Roadside Assistance*** | Service once a year/15,000 Kilometres | Safer cars for India

*ସର୍ତ୍ତାବଳୀ ଲାଗୁ । ସମସ୍ତ ଅଫର୍ସ ପରସ୍ପର ଅନନ୍ୟ । ଉଲ୍ଲିଖିତ ପ୍ରାଇସ୍ ପୋଲୋ ଟ୍ରେଣ୍ଡଲାଇନ୍, ଏମିଓ ଟ୍ରେଣ୍ଡଲାଇନ୍ ଓ ଭେଣ୍ଟୋ ଟ୍ରେଣ୍ଡଲାଇନ୍‌ର ଅଫର୍ ପ୍ରାଇସ୍ ଅଟେ । ଅଫର୍ କେବଳ ଭେଣ୍ଟୋ ଓ ଏମିଓ 1.5 ଲିଟର ଟିଡିଆଇ ହାଇଲାଇନ୍ ପ୍ଲସ୍ ଡିଏସ୍‌ଜୀ ଉପରେ ବୈଧ । ଏକ୍ସ-ଶୋରୁମ୍ ମୂଲ୍ୟ ସହିତ ତୁଳନାତ୍ମକ ମୂଲ୍ୟ । ସ୍କିମ୍ ଉପରେ ବିସ୍ତୃତ ବିବରଣୀ ପାଇଁ, ଦୟାକରି ଭିଜିଟ୍ କରନ୍ତୁ www.volkswagen.co.in. **କେବଳ ପୋଲୋ ହାଇଲାଇନ୍ ପ୍ଲସ୍ ଡିଜେଲ୍, ଭେଣ୍ଟୋ ଓ ଏମିଓ ହାଇଲାଇନ୍ ପ୍ଲସ୍ ପେଟ୍ରୋଲ୍ ଓ ଡିଜେଲ୍ ଡିଏସ୍‌ଜୀର ନିର୍ଦ୍ଦିଷ୍ଟ ମଡେଲ୍ ଗୁଡ଼ିକ ଉପରେ ଏକ୍ସଚେଞ୍ଜ୍ । ଏକ୍ସଚେଞ୍ଜ୍ ବେନିଫିଟ୍ କେବଳ ଅଧିକୃତ ଡିଲର୍ସଙ୍କ ଏକମାତ୍ର ବିଚାର ଉପରେ*। ^^ ଭେଣ୍ଟୋ ଓ ଏମିଓର ନିର୍ଦ୍ଦିଷ୍ଟ ମଡେଲ୍ ଗୁଡ଼ିକ ଉପରେ କର୍ପୋରେଟ୍ ବେନିଫିଟ୍ । #ଟୋଟାଲ୍ ବେନିଫିଟ୍ କେବଳ 1.5 ଲିଟର ଭେଣ୍ଟୋ ହାଇଲାଇନ୍ ପ୍ଲସ୍ ଡିଜେଲ୍ ଡିଏସ୍‌ଜୀ ଉପରେ ଅଟେ । ପ୍ରଦର୍ଶିତ ବୈଶିଷ୍ଟ୍ୟ ଓ ଆକ୍ସେସରିଜ୍ ସାଧାରଣ ଉପକରଣର ଅଂଶ ହୋଇ ନପାରେ । ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ । ବୈଶିଷ୍ଟ୍ୟ ଓ ବିବରଣୀ ବିନା ବିଜ୍ଞପ୍ତିରେ ପରିବର୍ତ୍ତନ ଅଧୀନ ଅଟେ । ***ରୋଡ୍‌ସାଇଡ୍ ସହାୟତା କେବଳ ଆବଦ୍ଧ ସୀମା ମଧ୍ୟରେ । ଅଧିକ ସୂଚନା ପାଇଁ ଦୟାକରି ଆମର ଅଧିକୃତ ଫୋକ୍ସୱେଗନ୍ ଡିଲରଶିପ୍‌କୁ ଯାଆନ୍ତୁ ।

**Authorised Dealers: Volkswagen Bhubaneswar:** S61, Mancheshwar Industrial Estate, Bhubaneshwar-752101 • Mobile: 8599011626/ 8599011591.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

